

## ଅବସର ନେଲେ ପୀୟୁଷ

ପୃଷ୍ଠା ୬

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR






Vol. 34 | ISSUE 75 | ଭାଗ ୩୪ | ସଂଖ୍ୟା ୭୫ Bhubaneswar | Saturday 7 June 2025 | Page 8 Rs. 4.00 ● ଭୁବନେଶ୍ୱର ଶନିବାର ୭ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

### ସାଧାରଣ ଜନତାଙ୍କୁ ଆଶ୍ୱସ୍ତି

## ଅଧ ପ୍ରତିଶତ କମିଲା ରେପୋ ରେଟ୍



**ନୂଆଦିଲ୍ଲୀ,୬।୬:** ଆଜି ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ସାଧାରଣ ଜନତାଙ୍କୁ ବହୁତ ବଡ଼ ଆଶ୍ୱସ୍ତି ଦେଇଛି। କାରଣ କ୍ରମାଗତ ତୃତୀୟ ଥର ପାଇଁ ଆର୍‌ବିଆଇ ତା'ର ରେପୋ ରେଟ୍‌କୁ ହ୍ରାସ କରିଛି। ଫଳସ୍ୱରୂପ ଏଥିରୁ ବ୍ୟାଙ୍କ୍ କିସ୍ତି ସୁଝୁଥିବା ଗ୍ରାହକମାନେ ଆଶ୍ୱସ୍ତି ପାଇବେ। କାରଣ ରେପୋ ରେଟ୍ ହ୍ରାସ ପାଇବା ଫଳରେ ଇଏମ୍‌ଆଇ ହ୍ରାସ ପାଇବ। ଆର୍‌ବିଆଇ ହ୍ୟାଟ୍ରିକ୍ ହ୍ରାସ କରିବାକୁ ଯାଇ ଆଜି ରେପୋ ରେଟ୍‌କୁ ୫୦ ବେସିସ୍ ପଏଣ୍ଟ କମାଇଛି। ଏଥିସହ ଆର୍‌ବିଆଇ ରେପୋ ରେଟ୍ ଏବେ ୫.୫ ପ୍ରତିଶତକୁ ହ୍ରାସ ପାଇଛି। ନିକଟରେ ଶେଷ ହୋଇଥିବା ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକ ପରେ ଏନେଇ ଆଜି ପୂର୍ବାହ୍ନରେ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ସୂଚନା ଦେଇଛନ୍ତି। ୬ ପ୍ରତିଶତରୁ ସାଢ଼େ ୫ ପ୍ରତିଶତକୁ ରେପୋ ରେଟ୍ ହ୍ରାସ ପାଇବା ଫଳରେ ଗାଡ଼ି, ଗୃହ ➪ପୃଷ୍ଠା-୬

# ସହରାଞ୍ଚଳ ହେବ ବିକାଶର ଆଇକନ

- ସମନ୍ୱିତ ସହର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ପ୍ଲାନ
- ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ
- ଭିତ୍ତିଭୂମି ଓ ଅର୍ଥନୈତିକ ବିକାଶ ପାଇଁ ୬ ହଜାର କୋଟି
- ଜୈବ ପ୍ରଯୁକ୍ତି ବିଜ୍ଞାନ ବିକାଶ ଯୋଜନାକୁ ଅନୁମୋଦନ
- ଛେଳିଗଡ଼ କଂକ୍ରିଟ୍ ଡ୍ୟାମ ଓ ସ୍ପିଲୱେ ପ୍ରକଳ୍ପ ପାଇଁ ୧୫୧ କୋଟି
- ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋକୁ ପ୍ରିମିୟମ ଛାଡ଼ କଲେ ସରକାର



**ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ):** ସହରାଞ୍ଚଳ ବିକାଶ ପାଇଁ ରାଜ୍ୟ ସରକାର ପ୍ରସ୍ତୁତ କରିଛନ୍ତି ବଡ଼ ଯୋଜନା। ସହରାଞ୍ଚଳର ସମନ୍ୱିତ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାକୁ ମିଳିଛି ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ। ବିକଶିତ ଓଡିଶା ୨୦୨୩ ଲକ୍ଷ୍ୟ ସହ ସହରୀ ବିକାଶ ବିକାଶ ପାଇଁ ସମନ୍ୱିତ ଉନ୍ନତି ସହ ଭିତ୍ତିଭୂମି ସୁଦୃଢ କରିବା ଓ ରାଜସ୍ୱ ଅଭିବୃଦ୍ଧି ଏହି ଯୋଜନାର ମୂଳ ଲକ୍ଷ୍ୟ ।

ଏହି ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୨୯-୩୦ ମଧ୍ୟରେ ୬ ହଜାର କୋଟି ଟଙ୍କା ବ୍ୟୟ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ କେବଳ ଚଳିତ ଆର୍ଥିକ ବର୍ଷରେ ୧୧ ଶହ କୋଟି ଟଙ୍କା ଖର୍ଚ୍ଚ ହେବ। ୫ ବର୍ଷ ମଧ୍ୟରେ ୫ ହଜାରରୁ ଅଧିକ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ସୃଷ୍ଟି କରିବା ସହରାଞ୍ଚଳର ଉନ୍ନତି ସାଙ୍ଗକୁ ୫ ଲକ୍ଷରୁ ଅଧିକ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କୁ ମଜୁରୀ ପ୍ରଦାନ କରାଯିବ। ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବାକୁ ୫ ହଜାରରୁ ଅଧିକ ବନୀକରଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ।

ଏହି ଯୋଜନାରେ ସହରୀ ଭିତ୍ତିଭୂମି ବିକାଶ ପ୍ରକଳ୍ପରେ ସାଧାରଣ ଓ ରାଜସ୍ୱ ସୃଷ୍ଟିକାରୀ ଭିତ୍ତିଭୂମି ତିଆରି କରାଯିବ। କଲ୍ୟାଣ ମଣ୍ଡପ, ବହୁମୁଖୀ ସଭାଗୃହ, ଟାଉନ ହଲ, ଶ୍ମଶାନ, ଗୋଷ୍ଠୀ କେନ୍ଦ୍ର, ମାର୍କେଟ କମ୍ପ୍ଲେକ୍ସ, ରାସ୍ତା, ଡ୍ରେନ, ପାର୍କ, ବହୁମୁଖୀ ବାଣିଜ୍ୟିକ ➪ପୃଷ୍ଠା-୬

## ରଥଯାତ୍ରା ପାଇଁ ମନ୍ତ୍ରୀସ୍ତରୀୟ କମିଟି

### ଉପମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ, ୪ ମନ୍ତ୍ରୀ ସାମିଲ୍

**ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ):** ରଥଯାତ୍ରାର ସୁପରିଚାଳନା ଓ ଆୟୋଜନର ତଦାରଖ ପାଇଁ ରାଜ୍ୟ ସରକାର ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି। ଆଇନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯାଇଛି। ଏଥିରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସଦସ୍ୟ ଅଛନ୍ତି। କମିଟିରେ ଆଇନ ବିଭାଗର ପ୍ରମୁଖ ସଚିବ ଆବାହକ ଅଛନ୍ତି। ଚଳିତ ବର୍ଷ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ କୋଭିଡ ଭୟ ସାଙ୍ଗକୁ ଗତବର୍ଷ ଭଳି ଅଘଟଣକୁ ଏଡାଇବାକୁ ରାଜ୍ୟ ସରକାର ସବୁପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିପାଇଁ ବ୍ୟାପକ ଆୟୋଜନ ମଧ୍ୟ କରାଯାଉଛି। ତେଣୁ ଦେବସ୍ନାନ ପୂର୍ଣ୍ଣିମାରୁ ଆରମ୍ଭ କରି ➪ପୃଷ୍ଠା-୬

## ଗରିବଙ୍କୁ ନ୍ୟାୟ ଦେବାକୁ ଭୁଲନ୍ତୁନି: ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ):** ବାପା-ମା'ଙ୍କ ଆଶୀର୍ବାଦରେ ଆପଣମାନେ ଏହି ଚାକିରି ପାଇଛନ୍ତି। ତାଙ୍କ ସେବା କରିବାକୁ କଦାପି ଭୁଲିବେନି। ପରିବାର ଲୋକଙ୍କ ମନରେ କେବେହେଲେ କଷ୍ଟ ଦେବେ ନାହିଁ। ଆମ ସମାଜରେ ଗରିବ ଲୋକମାନେ ବହୁ କଷ୍ଟରେ ଅଛନ୍ତି। ସେମାନଙ୍କୁ ଠିକ୍ ସମୟରେ ନ୍ୟାୟ ଦେବାକୁ ନିଜ ଜୀବନର ପ୍ରମୁଖ ବ୍ରତ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

### ୧୨୯୪ ନିଯୁକ୍ତିପତ୍ର ପ୍ରଦାନ

ଆଜି ଏଠାରେ ବିଭିନ୍ନ ବିଭାଗର ନବନିଯୁକ୍ତ ୧୨୯୪ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଦୁଇଟି ମହତ୍ତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି।

ଆଜି ରେଳ ଅଡିଟୋରିୟମଠାରେ ୭ଟି ବିଭାଗରେ ୧୨୯୪ଟି ପଦବୀ ପୂରଣ ପାଇଁ ନିଯୁକ୍ତି ମେଳା ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୮୨୬ଟି ସ୍ନାତକୋତ୍ତର ଶିକ୍ଷକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହକାରୀ ପ୍ରାଧ୍ୟାପକ, କ୍ଲିନିକାଲ ମନୋବିଜ୍ଞାନୀ, ମନସ୍ତତ୍ତ୍ୱ ସାମାଜିକ କର୍ମୀ, ନର୍ସିଂ ଅଫିସର ଓ ଡ୍ରଗ ଇନସପେକ୍ଟର ପଦବୀକୁ ମିଶାଇ ସମୁଦାୟ ୨୨୪ଟି ପଦବୀ, ବାଣିଜ୍ୟ ଓ ପରିବହନ ବିଭାଗରେ ମୋଟର ଯାନ କନିଷ୍ଠ ନୀରିକ୍ଷକ ଓ ଟ୍ରାଫିକ କନେଷ୍ଟବଲଙ୍କୁ ମିଶାଇ ସମୁଦାୟ ୬୩ଟି ପଦବୀ, ଦକ୍ଷତା ବିକାଶ ବିଭାଗର ୮୧ଟି ଅଧ୍ୟାପକ ପଦବୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୪୯ଟି ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦବୀ, ଅବକାରୀ ବିଭାଗର ୩୨ଟି ଅବକାରୀ ଉପନିରୀକ୍ଷକ ପଦବୀ, ଶ୍ରମ ବିଭାଗର ୧୯ଟି ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇଛି। ➪ପୃଷ୍ଠା-୬

## ପୁଣି ତେଜିଲା ସମୀର-ପ୍ରଭାତୀ କଳି

### ଉପମୁଖ୍ୟମନ୍ତ୍ରୀଙ୍କୁ ଚ୍ୟାଲେଞ୍ଜ କଲେ ସମୀର

### 'ଦୟା ନୁହେଁ, ନୂଆ ପ୍ରକଳ୍ପ ଆଣିବାକୁ ସେ ବାଧ୍ୟ'

### 'ପିସି କାରବାରରେ ନପଡୁ ଉପମୁଖ୍ୟମନ୍ତ୍ରୀଙ୍କ ନାଁ'





**ନିମାପଡ଼ା,୬।୬(ସଂଚାର ବ୍ୟୁରୋ):** ପୁଣି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ଚ୍ୟାଲେଞ୍ଜ କରିଛନ୍ତି ପୂର୍ବତନ ମନ୍ତ୍ରୀ ସମୀର ଦାସ। ନିମାପଡା ନିର୍ବାଚନମଣ୍ଡଳୀ ପାଇଁ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ କେତେ ନୂଆ ଅନୁଦାନ ଆଣିଛନ୍ତି ବୋଲି ପ୍ରଶ୍ନକୁ ନେଇ ଆରମ୍ଭ ହୋଇଥିବା କଳି ଏବେ ଧିରେ ଧିରେ ତୀବ୍ର ହେବାରେ ଲାଗିଛି। ସମୀର ଦାସ ମଧ୍ୟ ନିଜର ସଂଗଠନକୁ ପୁଣି ଥରେ ଏକାଠି କରିବାରେ ଲାଗିପଡିଛନ୍ତି। ଏଥିସହିତ ଗୋପ ଓ ନିମାପଡା ବ୍ଲକରେ ବିଧାୟକ ହାତପାଣ୍ଠିରୁ ଆସିଥିବା ଅର୍ଥରେ ବିଭିନ୍ନ ପ୍ରକଳ୍ପରେ ପିସି କାରବାର ହେଉଥିବା ଅଭିଯୋଗ ହେଉଛି। ଏଥରେ ଉପମୁଖ୍ୟମନ୍ତ୍ରୀଙ୍କ ନାଁ ନପଡୁ ବୋଲି ଶ୍ରୀ ଦାସ ଚେତାଇ ଦେଇଛନ୍ତି। ନିମାପଡା ନିର୍ବାଚନମଣ୍ଡଳୀରେ ଏବେ ସିଧାସଳଖ ସମୀର ଓ ପ୍ରଭାତୀ ଲଢେଇ ଆରମ୍ଭ ହୋଇଯାଇଛି। ସମୀର ଦାସ ଓ ତାଙ୍କ ସଂଗଠନର ୫୦ରୁ ୫୫ ହଜାର ଭୋଟରେ ପ୍ରଭାତୀ ପରିଡା ବିଧାୟିକା ଭାବେ ନିର୍ବାଚନ ହୋଇଥିବା ପୁଣି ଥରେ ମନେ ପକେଇ ଦେଇଛନ୍ତି ସମୀର। ତେଣୁ ନିର୍ବାଚନମଣ୍ଡଳୀ ପାଇଁ ଗତ ବର୍ଷକର ଯେଉଁ ହିସାବ ଦେଇ ନୂଆ ପ୍ରକଳ୍ପ ଆଣିବା ପ୍ରଭାତୀ କହୁଛନ୍ତି ତାହା ତାଙ୍କ ଦୟା ନୁହେଁ। ବିଧାୟିକା ସେ ନିଜ ନିର୍ବାଚନମଣ୍ଡଳୀ ପାଇଁ ନୂଆ ପ୍ରକଳ୍ପ ଆଣିବାକୁ ବାଧ୍ୟ। ନୂଆ ସରକାର ଆସିବା ପରେ ଏଯାଏଁ ବିଧାୟକ ଓ ସାଂସଦ ➪ପୃଷ୍ଠା-୬

# ୭ ଜିଲ୍ଲାକୁ ବ୍ୟାପିଲା, ୩୮ ସଂକ୍ରମିତ

**ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ):** ରାଜ୍ୟରେ ଦିନକୁ ଦିନ କରୋନା ସଂକ୍ରମଣ ବଢ଼ିଚାଲିଛି। ଆଜି ଦିନକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୭ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଫଳରେ ଆଜି ପର୍ଯ୍ୟନ୍ତ ରାଜ୍ୟରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ୩୦ରେ ପହଞ୍ଚିଯାଇଛି। ଏଥିସହ ରାଜ୍ୟର ୭ ଜିଲ୍ଲାକୁ ଏହି ଭୂତାଣୁ ସଂକ୍ରମିତ ହୋଇଛି। ସଦ୍ୟ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରେ କଟକ ଓ ଖୋର୍ଦ୍ଧା ଜିଲ୍ଲା ବାଦ୍ ଅନ୍ୟ ୫ ଜିଲ୍ଲାର ଜଣେ ଲେଖାଏଁ ରୋଗୀ ଅଛନ୍ତି। ରାଜ୍ୟରେ ଆଜି ପର୍ଯ୍ୟନ୍ତ ଚିହ୍ନଟ ହୋଇଥିବା ରୋଗୀଙ୍କ ମଧ୍ୟରୁ ସର୍ବାଧିକ ୧୬ ଜଣ ଖୋର୍ଦ୍ଧା ଜିଲ୍ଲାର ହୋଇଥିବା ବେଳେ କଟକ ଜିଲ୍ଲାରେ ୯ ଜଣ ସଂକ୍ରମିତ ଠାବ ହୋଇଛନ୍ତି। ସେହିପରି ପୁରୀ, ଜଗତସିଂହପୁର, କେନ୍ଦୁଝର, ସୁନ୍ଦରଗଡ଼ ଓ ବାଲେଶ୍ୱର ଜିଲ୍ଲାରୁ ଜଣେ ଲେଖାଏଁ କୋଭିଡ ରୋଗୀ ଚିହ୍ନଟ ହୋଇଛନ୍ତି।

ତେବେ ଦିନକରେ ୭ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିଲେ ମଧ୍ୟ ରାଜ୍ୟରେ କରୋନା ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡା ନୀଳକଣ୍ଠ ମିଶ୍ର କହିଛନ୍ତି। କିନ୍ତୁ ଏହା ସତ୍ତ୍ୱେ ବି ରାଜ୍ୟ ସରକାର ଖୁବଶୀଘ୍ର କରୋନା ମାର୍ଗଦର୍ଶିକା ଆଣିବାର ସମ୍ଭାବନା ପ୍ରକଟ କରିଛନ୍ତି ଡା. ମିଶ୍ର। ସେ କହିଛନ୍ତି ଯେ ରାଜ୍ୟରେ ପ୍ରତିଦିନ କିଛି କିଛି କରୋନା ରୋଗୀ ଚିହ୍ନଟ ହେଉଥିବାରୁ ଏହା ଚିନ୍ତାର କାରଣ ସାଜିଛି। ଅବଶ୍ୟ ଅଦ୍ୟାବଧି ମୋଟ ସଂକ୍ରମିତଙ୍କ ମଧ୍ୟରୁ ୭ ଜଣ ସଂକ୍ରମିତ ସୁସ୍ଥ ହୋଇସାରିଛନ୍ତି। ତେଣୁ ସକ୍ରିୟ ରୋଗୀଙ୍କ ସଂଖ୍ୟା ଏବେ ୨୩ ରହିଛି। କିନ୍ତୁ ଜନସାଧାରଣ କରୋନା ସଂକ୍ରମଣ ନେଇ ଭୟଭୀତ ହେବାର ଆବଶ୍ୟକତା ନାହିଁ ବୋଲି ଡା. ମିଶ୍ର ସ୍ପଷ୍ଟ କରିବା ସହ ରାଜ୍ୟ ସରକାର ଏହାର ମୁକାବିଲା ପାଇଁ ପ୍ରସ୍ତୁତ ରହିଥିବା କହିଛନ୍ତି।

ଅନ୍ୟପକ୍ଷରେ କୋଭିଡ ସ୍ଥିତିରେ ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି ହୋଇଛି। ଆଗାମୀ ରଥଯାତ୍ରା ସମୟରେ କୋଭିଡ ଭଳି ଲକ୍ଷଣ ଥିଲେ, ଉକ୍ତ ଭକ୍ତମାନେ ପୁରୀ ଯିବାକୁ ବାରଣ କରିଛି ସ୍ୱାସ୍ଥ୍ୟ ବିଭାଗ। ଥଣ୍ଡା ଲକ୍ଷଣ ଥିବା ➪ପୃଷ୍ଠା-୬

### ରାଜ୍ୟରେ ବଢୁଛି କରୋନା ସଂକ୍ରମଣ

- ଖୁବ୍‌ଶୀଘ୍ର ଆସିବ ମାର୍ଗଦର୍ଶିକା
- ରଥଯାତ୍ରା ନେଇ ସରକାର ସତର୍କ
- ଲକ୍ଷଣ ଥିଲେ ପୁରୀ ନ ଯିବାକୁ ପରାମର୍ଶ



### ଦେଶରେ ୫ ହଜାର ଟପିଲା ସଂଖ୍ୟା

**୨୪ ଘଣ୍ଟାରେ ୪ ମୃତ**

**ନୂଆଦିଲ୍ଲୀ:** ଦେଶରେ କାବୁ ହେଉନି କରୋନା। ଆଜି ଦେଶର ବିଭିନ୍ନ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୫ ହଜାରକୁ ଅତିକ୍ରମ କରିଛି। ଗତ ୨୪ ଘଣ୍ଟାରେ ୪ ଜଣ ସଂକ୍ରମିତଙ୍କର ମଧ୍ୟ ମୃତ୍ୟୁ ହୋଇଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅନୁଯାୟୀ, ସକ୍ରିୟ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ୫,୩୬୪ରେ ପହଞ୍ଚିଛି। ସେହିପରି ଗତ ୨୪ ଘଣ୍ଟାରେ ମୃତ୍ୟୁବରଣ କରିଥିବା ସଂକ୍ରମିତଙ୍କ ମଧ୍ୟରୁ ଦୁଇ ଜଣ କେରଳର ହୋଇଥିବା ବେଳେ ଅନ୍ୟ ୨ ଜଣ କର୍ଣ୍ଣାଟକ ଓ ପୁଡୁଚେରୀ ନିବାସୀ ବୋଲି ଜଣାପଡ଼ିଛି। ସେହିପରି କେରଳ ସର୍ବାଧିକ ପ୍ରଭାବିତ ରାଜ୍ୟ ଭାବେ ଆଗରେ ବଜାୟ ରହିଛି। ଶୁକ୍ରବାର ଏଠାରେ ସକ୍ରିୟ ମାମଲା ସଂଖ୍ୟା ୧୬୦୦ ଅତିକ୍ରମ କରିଥିବା ବେଳେ ଏହା ପଛକୁ ରହିଚନ୍ତି ଗୁଜରାଟ, ପଶ୍ଚିମବଙ୍ଗ ଏବଂ ଦିଲ୍ଲୀ। ପ୍ରତିଦିନ ହାରାହାରି ୧୨୦୦ ଆରଟି-ପିସିଆର ପରୀକ୍ଷା କରାଯାଉଛି। ଦିଲ୍ଲୀରେ ୫୯୨ ସକ୍ରିୟ କରୋନା ମାମଲା ରହିଛି। ହିମାଚଳ ପ୍ରଦେଶ ଏହାର ମାମଲା ରିପୋର୍ଟ କରିଛି। ସିରମୋର ଜିଲ୍ଲାରେ ଅବସ୍ଥିତ ନାହାନସ୍ଥିତ ଯଶୱନ୍ତ ସିଂହ ପରମାର ସରକାରୀ ମେଡିକାଲ କଲେଜରେ ଜଣେ ୮୨ ବର୍ଷୀୟା ମହିଳା ପଜିଟିଭ୍ ପରୀକ୍ଷା କରିଥିଲେ।

## ଅଗଷ୍ଟ ୩ରେ ନିଟ୍ ପିଜି ପରୀକ୍ଷା

### ଗୋଟିଏ ଶିଫ୍ଟରେ ହେବ ପରୀକ୍ଷା

**ନୂଆଦିଲ୍ଲୀ, ୬।୬:** ନିଟ ପିଜି ପରୀକ୍ଷା ପାଇଁ ତାରିଖ ଘୋଷଣା ହୋଇଛି। ଆସନ୍ତା ଅଗଷ୍ଟ ୩ ତାରିଖରେ ଗୋଟିଏ ଶିଫ୍ଟରେ କରାଯିବ ପରୀକ୍ଷା। ଜାତୀୟ ପରୀକ୍ଷା ପରିଚାଳନା ବୋର୍ଡ଼ ଏନବିଇର ଆବେଦନକୁ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ। ଗୋଟିଏ ଶିଫ୍ଟରେ ପରୀକ୍ଷା ପରିଚାଳନା କରିବା ଯୋଗୁଁ ତାରିଖ ବୃଦ୍ଧି କରିବାକୁ ପଡିଛି ବୋଲି କୋର୍ଟଙ୍କୁ ଜଣାଇଥିଲେ ଏନବିଇ। ପରୀକ୍ଷା ଘୁଞ୍ଚାଇବାକୁ ଏତେ ସମୟ କାହିଁକି ନିଆଯାଉଛି ବୋଲି ପ୍ରଶ୍ନ କରିଥିଲେ ସୁପ୍ରିମକୋର୍ଟ। ଏନବିଇ କହିଛି ଯେ ମୋଟ ପ୍ରାୟ ୨ ଲକ୍ଷ ୫୦ ହଜାର ପ୍ରାର୍ଥୀ ଅଛନ୍ତି। ପ୍ରାୟ ୪୫୦ କେନ୍ଦ୍ର ଥିଲା। ଯେହେତୁ ଆମକୁ ଗୋଟିଏ ଶିଫ୍ଟରେ ପରୀକ୍ଷା କରିବାକୁ ପଡିବ, ତେଣୁ ଆମକୁ ଅତି କମରେ ୫୦୦ କେନ୍ଦ୍ର ଆବଶ୍ୟକ। କେନ୍ଦ୍ର ଚିହ୍ନଟ କରିବା, ସୁରକ୍ଷା ବ୍ୟବସ୍ଥା ବ୍ୟବସ୍ଥା କରିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା କେନ୍ଦ୍ର ବାଛିବା ପାଇଁ ଅନୁମତି ଦେବା ପାଇଁ ସମୟ ଲାଗିବ।

ଏହା ଉପରେ କୋର୍ଟ କହିଥିଲେ କିନ୍ତୁ ଆପଣଙ୍କୁ ଅଗଷ୍ଟ ୩ ପର୍ଯ୍ୟନ୍ତ ସମୟ ଦରକାର? ଏତେ ସମୟ କାହିଁକି? ➪ପୃଷ୍ଠା-୬

### ସୁରକ୍ଷାବଳଙ୍କୁ କ୍ରମାଗତ ସଫଳତା

## ଦୁର୍ଦ୍ଧାନ୍ତ ମାଓନେତା ଭାସ୍କର ନିପାତ



**ମାଲକାନଗିରି, ୬।୬ (ସଂଚାର ବ୍ୟୁରୋ):** ମାଲକାନଗିରି-ଛତିଶଗଡ଼ ସୀମାନ୍ତବର୍ତ୍ତୀ ବିଜାପୁର ଜିଲ୍ଲାରେ ଆଜି ପୁଣି ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିବା ବେଳେ ଏଥିରେ ଦୁର୍ଦ୍ଧାନ୍ତ ମାଓନେତା ଭାସ୍କର ଓରଫ୍ ମାଲିରାପୁ ଆଡଲୁ ନିହତ ହୋଇଥିବା ଜଣାପଡ଼ିଛି।



ଏଥିସହ କ୍ରମାଗତ ଦୁଇ ଦିନରେ ଦୁଇ ଜଣ ଟପ୍ ମାଓନେତାଙ୍କ ମୃତ୍ୟୁ ଘଟିଛି। ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନ ଭିତରେ ଆଜି ଏହି ଏନକାଉଣ୍ଟର ହୋଇଥିବା ବେଳେ ଭାସ୍କର ତେଲଙ୍ଗାନା ସରକାରଙ୍କ ମୋଷ୍ଟ ୱାଣ୍ଟେଡ୍ ମାଓନେତା ମଧ୍ୟରେ ଅନ୍ୟତମ ଥିଲା ବୋଲି ବସ୍ତର ଆଇଜି ସୁନ୍ଦରରାଜ ପି ସୂଚନା ଦେଇଛନ୍ତି। ପୂର୍ବରୁ ଏହି ୫୩ ବର୍ଷୀୟ ହାର୍ଡକୋର ମାଓ ନେତାକୁ ଗିରଫ କରିବା ସକାଶେ ତେଲେଙ୍ଗାନା, ଆନ୍ଧ୍ର ଓ ଛତିଶଗଡ଼ ସରକାର ଲକ୍ଷାଧିକ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ଜାତୀୟ ଉଦ୍ୟାନ ଘଞ୍ଚ ଜଙ୍ଗଲ ସହ ପାହାଡ଼ିଆ ହୋଇଥିବାରୁ ସେଠାରେ ବହୁ ସଂଖ୍ୟାରେ ମାଓବାଦୀ ମହଜୁଦ ଥିବା ସୂଚନା ମିଳିଛି। ଗୁଇନ୍ଦାଠାରୁ ମିଳିଥିବା ସୂଚନାକୁ ଆଧାର କରି ଡିଆରଜି ଓ ସିଆରପିଏଫ ବାହିନୀ ପକ୍ଷରୁ ସେଠାରେ ମିଳିତ ଅପରେସନ ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ ➪ପୃଷ୍ଠା-୬



### କାନ ଡେରିଥା

କେତେ ଝଡ଼ ଝଞ୍ଜା ସହିସହି
ବୁଢା
ଏବେ ବାହା ହୋଇଗଲେ
ବୁଢା ବୟସରେ ମେଡ଼ିସିନ
ଖାଇ
ରାତି ରାତି ମସ୍ତି କଲେ
ବିଚରା ଟୋକାଏ ମଲେ...
ଯବାନ ସ୍ତ୍ରୀର ଭବିଷ୍ୟ ଅନ୍ଧାର
କାହିଁକି ସେ ନ ଭାବିଲେ।

■ ଦେବାଶିଷ

# ଚିନ୍ତାରେ ନେତା ଓ ଅଫିସରଙ୍କ ଘର ଚକାଚକ୍ କରିଥିବା ସଂସ୍ଥା

- ପାଉଣା ପାଇବାକୁ ନିଇତି ଦଉଡୁଛନ୍ତି
- ହାତ ଟେକିଦେଉଛନ୍ତି ଯନ୍ତ୍ରୀ

**ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ):** ବର୍ଷପୂର୍ତ୍ତି ଉତ୍ସବ ପାଳନ ପାଇଁ ରାଜ୍ୟ ପ୍ରଶାସନ ବ୍ୟସ୍ତ ଥିବା ବେଳେ ରାଜଧାନୀରେ ନିର୍ମାଣ କାର୍ଯ୍ୟ କରିଥିବା ଅନେକ ସଂସ୍ଥା ଓ ବ୍ୟକ୍ତିବିଶେଷ ଏବେ ନିଜର ପାଉଣା ଗଣ୍ଡାକ ପାଇଁ ଚିନ୍ତାରେ ପଡିଛନ୍ତି। ବିଶେଷକରି ନୂଆ ସରକାରରେ ନେତା, ଅଫିସରଙ୍କ ଘରର କାର୍ଯ୍ୟ କରିଥିବା ସଂସ୍ଥା ଓ ଠିକାଦାରମାନେ ଏବେ ପଇସା ପାଇଁ ଏଭଳି ଅବସ୍ଥା ହେଉଥିବା ଲକ୍ଷ୍ୟ କରାଯାଇଛି।

ରାଜ୍ୟରେ ସରକାର ବଦଳିବା ପରେ ମନ୍ତ୍ରୀ, ବିଧାୟକଙ୍କ ସମେତ ସରକାରୀ ବାବୁମାନେ ନୂଆ ନୂଆ ସରକାରୀ ବଙ୍ଗଳା ନେଇଥିଲେ। ଘର ନେବା ପରେ ତା'ର ତୁରନ୍ତ କାମ ପାଇଁ ବରାଦ ହୋଇଥିଲା। ମନ୍ତ୍ରୀ, ବିଧାୟକ ଓ ବାବୁମାନଙ୍କ ମନକୁ ପାଇଲା ଭଳି କାମ ବିଭିନ୍ନ ସଂସ୍ଥା ଓ ଠିକାଦାରମାନେ କରିଥିଲେ। ପ୍ରତ୍ୟେକ ସରକାରୀ ବଙ୍ଗଳାରେ ସିଭିଲ, ଇଲେକ୍ଟ୍ରି ଓ ପିଏଚ୍‌ଡି କାମ ହୋଇଥିଲା। କେତେକ ବଙ୍ଗଳାରେ ମନଲାଖି ଇଣ୍ଟେରିୟର କାମ ବି ହୋଇଛି।

କାମ ସରିବା ପରେ ସମସ୍ତେ ଧୂମ୍‌ଧାମ୍‌ରେ ଗୃହ ପ୍ରବେଶ କରିଥିଲେ। ଗୃହ ପ୍ରବେଶ ସମୟରେ ସାଜସଜ୍ଜା ସାଙ୍ଗକୁ ଭୋଜିଭାତର ବ୍ୟବସ୍ଥା ହୋଇଥିଲା। ନେତାମାନଙ୍କର ପତିଆରା ଦେଖି କାମ କରିଥିବା ସଂସ୍ଥା ଓ ଠିକାଦାରମାନେ ଚଟାପଟ୍ ପଇସା ପାଇଯିବେ ବୋଲି ଆଶା କରି ଭୋଜିରେ ସାମିଲ ହୋଇଥିଲେ। ହେଲେ ଭୋଜିଭାତ ସାରି ମନ୍ତ୍ରୀ, ବିଧାୟକ ଓ ସରକାରୀ ବାବୁମାନେ ନିଜ ନିଜ ନୂଆ ବଙ୍ଗଳାରେ ରହିଥିବା ବେଳେ କାମ କରିଥିବା ସଂସ୍ଥା ଓ ଠିକାଦାରମାନେ ଏବେ ପଇସା ଗଣ୍ଡାକ ପାଇଁ ପୂର୍ତ୍ତ ଓ ଜନସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଡିଭିଜନରେ ଚକ୍କର କାଟୁଛନ୍ତି।

କିଏ ଅଧା ପଇସା ପାଇଛି ତ ଆଉ କିଏ ଏକ-ଚତୁର୍ଥାଂଶ ପଇସା ପାଇ କାମ କରିଛନ୍ତି। ଯେହେତୁ



ନୂଆ ସରକାରରେ ନେତା ଓ ବାବୁମାନଙ୍କର କାମ ହୋଇଛି, ତେଣୁ ଅନେକ ସଂସ୍ଥା ଓ ଠିକାଦାର ନିଜ ହାତରୁ ଅର୍ଥ ଖର୍ଚ୍ଚ କରିଛନ୍ତି। ଇଲେକ୍ଟ୍ରି ଓ ପିଏଚ୍‌ଡି କାମରେ ସମସ୍ତଙ୍କ ମନକୁ ପାଇଲା ଭଳି ସାମଗ୍ରୀ ବି ଲାଗିଛି। ଠିକାଦାରମାନେ ଏଥିରେ ଆଗପଛ ନ ଭାବି ବରାଦ ମୁତାବକ ସାମଗ୍ରୀ ଲଗାଇଛନ୍ତି। ଅବଶ୍ୟ ଏଥିପାଇଁ ଯନ୍ତ୍ରୀମାନେ ସବୁଜ ସଙ୍କେତ ଦେଇଛନ୍ତି। ହେଲେ ଏବେ କାମ ହୋଇଥିବା ଘରର ବିଲ୍ ଦେଖି ଟଙ୍କା କିଭଳି ମିଳିବ, ତାହାକୁ ନେଇ ସମସ୍ତେ ଚିନ୍ତାରେ ଅଛନ୍ତି। ଯନ୍ତ୍ରମୀନେ ବି ବିପୁଳ ପରିମାଣର ଅର୍ଥ କିଭଳି ପଇଠ କରିବେ, ତାହାକୁ ନେଇ ଚିନ୍ତାରେ ପଡ଼ିଥିବା ଆଲୋଚନା ହେଉଛି। କୌଣସି ପ୍ରକାରେ କାମ କରିଥିବା ସଂସ୍ଥା ଓ ଠିକାଦାରମାନଙ୍କୁ ବୁଝାଇସୁଝାଇ ସମୟ ଗଡ଼ାଇ ଚାଲିଛନ୍ତି। ହେଲେ ଯେଉଁ ଠିକାଦାରମାନେ ଅଧିକ ପରିମାଣର ଅର୍ଥ ଖର୍ଚ୍ଚ କରିଦେଇଛନ୍ତି, ସେମାନେ ଏବେ ନିଇତି ଯନ୍ତ୍ରୀଙ୍କ ପାଖିକୁ ଦଉଡୁଥିବା ଲକ୍ଷ୍ୟ କରାଯାଉଛି।

ତେବେ ଏଭଳି ସ୍ଥିତିରେ କିନ୍ତୁ ବହୁ ଆଡମ୍ବରରେ ଗୃହ ପ୍ରବେଶ କରିଥିବା ନେତା ଓ ବାବୁମାନେ ଟିକେ ବି ସହାୟତା କରୁନଥିବା ନେଇ ଆଲୋଚନା ଜୋର ଧରିଛି। ଯନ୍ତ୍ରୀମାନେ ଏତେ ପରିମାଣର ଅର୍ଥ ପଇଠ ନେଇ କେତେକ ସ୍ଥାନରେ ହାତଟେକି ଦେଉଥିବାର ଖବର ବିଭିନ୍ନ ଡିଭିଜନର ଚାରିକାନ୍ଥ ଡେଇଁ ବାହାରକୁ ଯିବା ପରେ ଖବର ନିଶ୍ଚିତ ଭାବେ ଉପରେ ପହଞ୍ଚିବ ଓ ଖୁବଶୀଘ୍ର ଅର୍ଥ ମିଳିଯିବ ବୋଲି ଅନେକ ସଂସ୍ଥା ଓ ଠିକାଦାର ଆଶା ବାନ୍ଧିଥିବା ଦେଖିବାକୁ ମିଳିଛି।



# ଉତ୍ତମ ରାଜସ୍ୱ ସେବା ପାଇଁ ତହସିଲଦାର ପୁରସ୍କୃତ

**ପଟ୍ଟାମୁଣ୍ଡାଇ,୬।୬ (ସଂଚାର ବ୍ୟୁରୋ):** ଉତ୍ତମ ରାଜସ୍ୱ ସେବା ଯୋଗାଇ ସାଧାରଣରେ ଆଦୃତ ହୋଇଥିବା ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକଙ୍କୁ ରାଜ୍ୟ ସ୍ତରରେ ପୁରସ୍କୃତ କରାଯାଇଛି । ଏହି ଉପଲକ୍ଷେ ଭୁବନେଶ୍ୱର ଲୋକସେବା ଭବନ ଠାରେ ଆୟୋଜିତ ରାଜ୍ୟ ରାଜସ୍ୱ ଅଧିକାରୀ ସମ୍ମିଳନୀରେ ରାଜସ୍ୱ ସେବା ପାଇଁ ରାଜ୍ୟରେ ୫ମ ସ୍ଥାନ ଅଧିକାର କରିଥିବା ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକଙ୍କୁ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, କୋରେଇ ବିଧାୟକ ଆକାଶ ଦାସ ନାୟକ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପଟ୍ଟାମୁଣ୍ଡାଇ ତହସିଲଦାର ଶ୍ରୀନାୟକ ଉତ୍ତମ ରାଜସ୍ୱ ସେବା ପାଇଁ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ରାଜ୍ୟସ୍ତରୀୟ ଇକୋକ୍ଲବ ପ୍ରକଳ୍ପ ପ୍ରଦର୍ଶନୀ

# ଦ୍ୱିତୀୟ ସ୍ଥାନରେ ଦୀପିକା



**ଡେରାବିଶ,୬।୬ (ସଂଚାର ବ୍ୟୁରୋ):** ବିଶ୍ୱ ପରିବେଶ ଦିବସ ଅବସରରେ ଭୁବନେଶ୍ୱରର ଓୟୁଏଟି କୃଷି ସଦନରେ ଆୟୋଜିତ ରାଜ୍ୟସ୍ତରୀୟ ଇକୋକ୍ଲବର ପ୍ରକଳ୍ପ ପ୍ରଦର୍ଶନୀରେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକର ଛାତ୍ରୀ ଦିପିକା ପଣ୍ଡାଙ୍କ ପ୍ରକଳ୍ପ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଛି । ଡେରାବିଶ ଶିକ୍ଷା ସର୍କଲ ଖମୋଳ ପଞ୍ଚାୟତ ଅନ୍ତର୍ଗତ ତାଳିଜା ସ୍ଥିତ ବାଗଦେବୀ ବିଦ୍ୟାପୀଠର ନବମ ଶ୍ରେଣୀର ଛାତ୍ରୀ ଦିପିକା 'ସେଭେନ୍ ଆର୍ ମ୍ୟାନେଜମେଣ୍ଟ ଷ୍ଟେପସ୍ ଫର ସସ୍ଟେନେବୁଲ୍' ନାମକ ଏକ ଭିନ୍ନ ଧରଣର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଏହି ପ୍ରକଳ୍ପକୁ ଦୈନନ୍ଦିନ ଜୀବନରେ ଅନୁଶରଣ କଲେ ଆମର ପରିବେଶରୁ ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ହୋଇପାରିବ ସହ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରିବ। ଏହି ପ୍ରକଳ୍ପଟିକୁ ପ୍ରସ୍ତୁତି ନିମନ୍ତେ ଦିପିକାଙ୍କୁ ତାଙ୍କର ମାର୍ଗଦର୍ଶକ ଓ ଇକୋ କ୍ଲବର ସ୍କୁଲ ଅଧିକାରୀ ଶିକ୍ଷକ ନିର୍ମଳ କୁମାର ଜେନା ସହାୟତା କରିଥିଲେ। ଆଜି ଏକ ବର୍ଣ୍ଣାଢ୍ୟ ପରିବେଶରେ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ଦିପିକାଙ୍କୁ ପରିବେଶ ସୁରକ୍ଷାରେ ସହାୟତା କରୁଥିବା ଏହି ପ୍ରକଳ୍ପ ନିମନ୍ତେ ପ୍ରମାଣପତ୍ର ଓ ପୁରସ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ଏହି କୃତିତ୍ୱ ପାଇଁ ଦିପିକାଙ୍କୁ ଡେରାବିଶ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, ସମାଜସେବୀ ଅନୁଷ୍ଠାନ ଓ ବୁଦ୍ଧିଜୀବୀମାନଙ୍କ ତରଫରୁ ଶୁଭେଚ୍ଛାର ସୁଅ ଛୁଟିଛି। ଡେରାବିଶ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରୁ ସହ ଶିକ୍ଷା ଅଧିକାରୀ ଖଗେଶ୍ୱର ନାୟକ, ଦେବଦତ୍ତ ଶତପଥି, ଶଶିକାନ୍ତ ମିଶ୍ର, ସିଆରସିସି ପ୍ରମୋଦ କୁମାର ମଲ୍ଲ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଛାତ୍ରୀ ଦିପିକା, ମାର୍ଗଦର୍ଶକ ଶିକ୍ଷକ ନିର୍ମଳ କୁମାର ଜେନା ଓ ବାଗ୍‌ବେଦୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂୟସୀ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ଛାତ୍ରୀ ଦିପିକା ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ସ୍ୱର୍ଗତ ଭାସ୍କର ଚନ୍ଦ୍ର ପଣ୍ଡାଙ୍କ ନାତୁଣୀ ତଥା ଚାନ୍ଦୋଳ କଲେଜଛକ ନିବାସୀ ରାଇଚରଣ ପଣ୍ଡାଙ୍କ କନ୍ୟା ଅଟନ୍ତି। ଏହି ପ୍ରଦର୍ଶନୀରେ ମୋଟ ୩୦ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

# ଥାନା ସମ୍ମୁଖରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ଓ ବିଜେଡି କର୍ମୀଙ୍କ ଅନଶନ



**ରାଜନଗର,୬।୬ (ସଂଚାର ବ୍ୟୁରୋ):** ରାଜନଗରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ରାଜନଗର ଥାନାକୁ ଦଲାଲଙ୍କ ଚରାଭୂଇଁ କରାଯାଇଥିବା ପ୍ରତିବାଦରେ ଆଜି ବିଜେଡି ରାସ୍ତାକୁ ଓହ୍ଲାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ସହିତ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଓ ବିଜୁ ଜନତା ଦଳର କର୍ମକର୍ତ୍ତାମାନେ ରାଜନଗର ଥାନା ଆଗରେ ଦିନ ୧୦ଟାରୁ ଅନଶନରେ ବସି ରହିଛନ୍ତି। ପ୍ରଚଣ୍ଡ ଖରା ତାପ ଓ ଗୁଳୁଗୁଳି ସତ୍ତେ ଥାନା ଆଗରେ ଶତାଧିକ କର୍ମୀ ଅନଶନରେ ବସିଛନ୍ତି । ରାଜନଗର ମା' ତାରିଣୀଙ୍କ ମନ୍ଦିର ନିକଟରୁ ନିର୍ବାଚିତ ପ୍ରତିନିଧି ଓ ବିଜେଡି କର୍ମୀମାନେ ଶୋଭାଯାତ୍ରାରେ ରାଜନଗର ବଜାର ପରିକ୍ରମା କରି ଥାନା ନିକଟରେ ପହଞ୍ଚି ଥିଲେ। ଥାନା ଆଗରେ ବିକ୍ଷୋଭ ପଦର୍ଶନ କରିବା ସହ ଦାବିପତ୍ର ଆଇଆଇସିଙ୍କୁ ଦେଇଥିଲେ।

ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁ, ଏସଡିପିଓ କ୍ଷମା ସାଗର ପଣ୍ଡା ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ ଦାବି ପୂରଣ ନହେବା ଯାଏଁ ଉଠିବୁ ନାହିଁ ବୋଲି ଅନଶନକାରୀ ରୋକଠୋକ ଶୁଣାଇ ଦେଇଛନ୍ତି।



## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

# ୩୫ ୟୁନିଟ ରକ୍ତ ସଂଗୃହିତ

**ମାହାଙ୍ଗା,୬।୬ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମାହାଙ୍ଗା ମେଡିକାଲ ପକ୍ଷରୁ ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ରକ୍ତ ଦାନ ମହତ ଦାନ ବୋଲି କହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଣୀ ତନୁସ୍ମିତା ବିଶ୍ୱାଳ ଡାକ୍ତର ସ୍ୱାୟମ ପରିଡା, ଡାକ୍ତର ପ୍ରଦୀପ କିଶୋର ଜେନା ଡାକ୍ତର ଲୋପାମୁଦ୍ରା ସେନାପତି ଡାକ୍ତର ଦୀପକ ଭଦ୍ରଯାତ ଡାକ୍ତର କ୍ରିଷା ମହାପ୍ତି ଡାକ୍ତର ଅଜିତ ସିଂହ ଜନସାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସୁଧାଂଶୁ କୁମାର ଦାସ,ରୋଗୀ କଲ୍ୟାଣ ସମିତି ସଭ୍ୟ ଯାଜ୍ଞସେନୀ ଜେନା ପାଇକ ବ୍ଲକ ଅଧକ୍ଷ କନକଲତା ବେହେରା ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି ପ୍ରମୋଦ ସ୍ୱାଇଁ ବିନ୍ଦ୍ୟ ପଣ୍ଡା ବିପିନ କୁମାର ଜେନା ପୂଜା ଭୋଇ ଏନାଲୀ ମିଶ୍ର,ହିମାଂଶୁ ସାମଲ ନିରୋଦ ନଳିନୀ ରାଉତ ପୁଷ୍ପଲତା ସାହୁ ତ୍ରିଲୋଚନ ପହରାଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଟକ ରେଡକ୍ରସ ପକ୍ଷରୁ ଡାକ୍ତରମାନେ ଉପସ୍ଥିତ ୩୫ ୟୁନିଟ ରକ୍ତ ସଂଗୃହିତ କରିଥିଲେ ।



# ବିଶ୍ୱ ପରିବେଶ ଦିବସରେ ଚାରା ରୋପଣ କାର୍ଯ୍ୟକ୍ରମ

**ମହାକାଳପଡ଼ା,୬।୬ (ସଂଚାର ବ୍ୟୁରୋ):** ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରକୃତି ରାଣୀକୁ ରକ୍ଷା କରିବା କୁ ଯାଇ ସଦା ଶିବ ହେଲ୍ପ ଫାଉଣ୍ଡେସନ ସଦସ୍ୟ ମାନଙ୍କ ତରଫରୁ ଚାରା ରୋପଣ କାର୍ଯ୍ୟକ୍ରମ କରା ଯାଇଛି । ମହାକାଳପଡ଼ା ବ୍ଲକ ବାରଡାଙ୍ଗ ଗ୍ରାମ ପଂଚାୟତ ଅନ୍ତର୍ଗତ ଭିତର ଶୋବଳା ଗ୍ରାମର ସଦା ଶିବ ହେଲ୍ପ ଫାଉଣ୍ଡେସନ ସଦସ୍ୟ ମାନେ ଚିହ୍ନାର ଖେଳ ପଡିଆ ହୁଡାରେ କିଛି ଅଶ୍ୱସ୍ତ ବର, ଓସ୍ତ, ନିମ୍ବ, ପେସ୍ତା ବାଦାମ ଓ ବଉଳ ଗଛ ରୋପଣ କରାଯାଇଛି । ଏହି କାଯ୍ୟକ୍ରମ ରେ ଗୌତମ ସାମଲ, ରଶ୍ମି ରଞ୍ଜନ ସାମଲ, ମନ ରଞ୍ଜନ ସାମଲ, ଶଙ୍କର ଦାସ,ଶିର୍ଦ୍ଧାନ୍ତ ସାମଲ, ବିଶ୍ୱ ରଞ୍ଜନ ବାରିକ, ମନ ରଞ୍ଜନ ସାମଲ, ରଞ୍ଜନ ରାଉତ, ସୋମ୍ୟ ରଞ୍ଜନ ସ୍ୱାଇଁ, ଅଞ୍ଜନ ବସନ୍ତୀୟା, ଚନ୍ଦୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଢଳେଇ ରାସ୍ତା ବିପର୍ଯ୍ୟସ୍ତ, ଲୋକେ ହନ୍ତସନ୍ତ

**ମହାକାଳପଡ଼ା,୬।୬ (ସଂଚାର ବ୍ୟୁରୋ):** ବିପର୍ଯ୍ୟସ୍ତ ହୋଇ ପଡିଛି ଢଳେଇ ରାସ୍ତା। ଢଳେଇ ରାସ୍ତା ଉଭୟ ପାର୍ଶ୍ୱରୁ ଫାଟିକି ଦବି ଯାଇଛି । ରାସ୍ତା ଉପରେ ପାଣି କାଦୁଅ ଜମି ରହୁଥିବାରୁ ଯାତାୟତ ପାଇଁ ଲୋକ ମାନେ ଏବେ ହନ୍ତସନ୍ତ ହେଉଛନ୍ତି। ଏମିତି ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଅଧୀନ ମହାକାଳପଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗହ୍ଣା ଗ୍ରାମର ୨୪ ନମ୍ବର ୱାର୍ଡ ରେ ।



ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ମାନଙ୍କ ପାଇଁ ଏହି ରାସ୍ତା ଏବେ ଚିନ୍ତାର ବିଷୟ ପାଲଟିଛି । ରାସ୍ତା ଉପରେ ପାଣି ଜମି ରହୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଆଗକୁ ବର୍ଷା ଦିନ ଆସୁଥିବାରୁ ଏହି ରାସ୍ତାରେ କିପରି ଯାତାୟାତ କରିବେ ତାହାକୁ ନେଇ ଲୋକେ ଚିନ୍ତାରେ ପଡିଛନ୍ତି । ପ୍ରଶାସନ ତରଫରୁ ଏହି ରାସ୍ତାର ମରାମତି କରିବାକୁ ଗ୍ରାମବାସୀ ଦବି କରିଛନ୍ତି ।

# ନଦୀରେ ବୁଡ଼ି ଯୁବକ ନିଖୋଜ



**ଗରଦପୁର,୬।୬ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ପାଟକୁରା ଥାନା ପାଟକୁରା ଗ୍ରାମରେ ଗୁରୁବାର ଦିନ ଘଟିଛି ଅଘଟଣ। ଚିତ୍ରପ୍ରୋଳା ନଦୀକୁ ଗାଧୋଇ ଯାଇଥିବା ବେଳେ ନଦୀର ପ୍ରଖର ଶ୍ରୋତରେ ଭାସିଯାଇ ଏସ୍ କେ ଖୁର୍ଶିଦ ନାମକ ଜଣେ ଯୁବକ ଗତକାଲି ଠାରୁ ନିଖୋଜ ଅଛନ୍ତି। ଗତକାଲି ଠାରୁ ଅଗ୍ନିଶମ ବିଭାଗର କର୍ମଚାରୀ ଓ ସ୍ଥାନୀୟ ଲୋକେ ଖୋଜାଖୋଜି କରୁଛନ୍ତି ହେଲେ ଏପର୍ଯ୍ୟନ୍ତ ତାଙ୍କର କୌଣସି ସଂନ୍ଧାନ ମିଳିପାରି ନାହିଁ।

ନିଖୋଜ ଯୁବକ ପାଟକୁରା ଗ୍ରାମର ଏସକେ ରୋହନଙ୍କ ପୁତ୍ର । ତାଙ୍କ ବାପା ମାଆଙ୍କ ଏକମାତ୍ର ସନ୍ତାନ ଥିଲେ ସେ। ମୁଲ ମଜୁରି ଲାଗି ନିଜ ପରିବାର ଚଳାଉଥିଲେ। ପରିବାର ଲୋକେ ଗତକାଲି ଠାରୁ ନଦୀକୁଳରେ ପୁଅର ଫେରିବା ବାଟକୁ ଚାହିଁ ବସିରହିଛନ୍ତି। ନିଖୋଜ ଯୁବକଙ୍କ ବାପା ନଦୀ କୁଳରେ ବସି ଆଖିରୁ ଲୁହ ଗଡାଉଛନ୍ତି। ନିଖୋଜ ଯୁବକଙ୍କ ପ୍ୟାଣ୍ଟ ସାର୍ଟ ନଦୀରୁ ପଡିରହିଥିବା ଦେଖିବାକୁ ମିଳିଛି।

# ଚୋରା ମଦ ଜବତ, ଜଣେ ମହିଳାଙ୍କ ସମେତ ୪ କୋର୍ଟ ଚାଲାଣ




**କେନ୍ଦ୍ରାପଡ଼ା,୬।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବ୍ୟାପକ ଚୋରା ମଦ ଜବତ କରାଯାଇ ମହିଳାଙ୍କ ସମେତ ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏମାନେ ହେଲେ କରିଲୋପାଟଣା ଗ୍ରାମର ବିଳାଶ କୁମାର ଦାସଙ୍କ ଠାରୁ ୮୫ ଲିଟର ବିଦେଶୀ ମଦ, କରମକୁଳ ଗ୍ରାମର କାମିନୀ ମଳିକଙ୍କ ଠାରୁ ୩୫ ଲିଟର ଦେଶୀ ମଦ, ଆଠବାଟିଆ ଗ୍ରାମର ଜିତେନ୍ଦ୍ର ସେଠିଙ୍କ ଠାରୁ ୩୦ ଲିଟର ବିଦେଶୀ ମଦ ଓ ବଡ଼ପାଳ ଗ୍ରାମର ଆଶିଷ ମଳିକଙ୍କ ଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇ ଅଛି। ଏମାନଙ୍କ ପାଖରୁ ସମୁଦାୟ ୧୭୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇ ୧ ମହିଳା ସମେତ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି ବୋଲି ଅବକାରୀ ଅଧିକ୍ଷକ ଶ୍ରୀ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଳିକ, ଅବକାରୀ ଉପ ନିରିକ୍ଷକ ଛାୟାକାନ୍ତ ନାୟକ ଓ କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

## • ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

# ଠିକା କମ୍ପାନୀର କାର୍ଯ୍ୟାଳୟ ଘେରିଲେ ମୃତ ଶ୍ରମିକଙ୍କ ସାଥୀ



**ଡେରାବିଶ,୬।୬ (ସଂଚାର ବ୍ୟୁରୋ):** ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଏକ ଶ୍ରମିକର ଗତକାଲି ରାତିରେ ମୃତ୍ୟୁ ହୋଇଯାଇଛି। ଶ୍ରମିକଙ୍କର ଏହି ଅସ୍ୱାଭାବିକ ମୃତ୍ୟୁକୁ ନେଇ ଶ୍ରମିକଙ୍କୁ କାମରେ ନିୟୋଜିତ କରିଥିବା ଠିକା କମ୍ପାନୀର ସ୍ଥାନୀୟ ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ସ୍ଥିତ କାର୍ଯ୍ୟାଳୟକୁ ମୃତ ଶ୍ରମିକଙ୍କ ସାଥୀମାନେ କ୍ଷତିପୂରଣ ଦାବିରେ ଆଜି ସକାଳୁ ଘେରାଉ କରିଥିଲେ। ମୃତକ ଜଣକ ହେଉଛନ୍ତି ମହମ୍ମଦ ରାଜିଉଲ୍ଲା ମଲିକ (୨୫)। ତାଙ୍କ ଘର ଝାଡ଼ଖଣ୍ଡ ରାଜ୍ୟର ଡୁକ୍ରା ଗ୍ରାମରେ ବୋଲି ଜଣାପଡ଼ିଛି। ସେ ୫୩ ନଂ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ପିଏସ୍‌କେ ଠିକା କମ୍ପାନୀରେ ଜଣେ ଡ୍ରାଇଭର ଭାବରେ କାର୍ଯ୍ୟ କରି ଆସୁଥିଲେ। ତାଙ୍କ ସାଥୀ ଶ୍ରମିକଙ୍କ କହିବା ଅନୁଯାୟୀ ରାଜିଉଲ୍ଲାଙ୍କ ଦେହ ଖରାପ ଥିବା ସତ୍ତ୍ୱେ ଠିକା କମ୍ପାନୀ ତାଙ୍କୁ ଛୁଟି ଦେଉନଥିଲେ। ଫଳରେ ଗତକାଲି ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରାଜିଉଲ୍ଲାଙ୍କ ମୃତ୍ୟୁ ଖବର ଜାଣିବା ପରେ ତାଙ୍କ ସାଥୀ ଶ୍ରମିକମାନେ ଆଜି ସକାଳୁ କାମ ବନ୍ଦ କରି ଠିକା କମ୍ପାନୀର କାର୍ଯ୍ୟାଳକୁ ଘେରାଉ କରିଥିଲେ। ରାଜିଉଲ୍ଲାଙ୍କ ମୃତ୍ୟୁ ନିମନ୍ତେ ଶ୍ରମିକମାନେ ଠିକା କମ୍ପାନୀକୁ ଦାୟି କରି ତୁରନ୍ତ ତାଙ୍କ ପରିବାରକୁ ଠିକା କମ୍ପାନୀ କ୍ଷତିପୁରଣ ରାଶି ପ୍ରଦାନ କରିବାକୁ ଦାବି କରିଥିଲେ। ଫଳରେ ବଳଭଦ୍ରପୁର ସ୍ଥିତ ଉକ୍ତ ଠିକା କମ୍ପାନୀର କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଘଟଣା ସ୍ଥଳରେ ଡେରାବିଶ ପୋଲିସ୍ ପହଞ୍ଚି ଆନ୍ଦୋଳନ ରତ ଶ୍ରମିକମାନଙ୍କୁ ବୁଝାଶୁଝା କରିଥିଲେ।

# ସଡ଼କ ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ସାଲେପୁର,୬।୬ (ସଂଚାର ବ୍ୟୁରୋ):** ଆଜି ଏକ ସଡ଼କ ଦୁର୍ଘଟଣା ଘଟି ସ୍ତ୍ରୀର ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ଆଜି ଦିନ ପ୍ରାୟ ୧୨ଟା ସମୟରେ ନଈଗୁଆଁ ଗ୍ରାମର ଡମ୍ବରୁଧର ପାଢ଼ୀ ଓ ତାଙ୍କ ସ୍ତ୍ରୀ ଝରାଶ୍ରୀ ପାଢ଼ି(୪୨) ଏକ ସ୍କୁଟି ଯୋଗେ ଘରୁ କଟକ ବଡ଼ ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ବାହାରିଥିଲେ। ନାନ୍ଦୋଳଗଡ଼ା ନିକଟରେ ଏକ ପେଟ୍ରୋଲପମ୍ପରେ ସ୍କୁଟିରେ ପେଟ୍ରୋଲ ପକାଇ ଯାଉଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେବା ଫଳରେ ସ୍ତ୍ରୀ ଝରାଶ୍ରୀଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଡମ୍ବରୁଧର ଗୁରୁତର ଆହତ ହୋଇଥିବା ଜଣାଯାଇଛି। ପ୍ରକାଶ ଯେ ମୃତା ଝରାଶ୍ରୀ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବାବେଳେ ଆଜି ଚିକିତ୍ସା ନିମନ୍ତେ କଟକ ବଡ଼ ମେଡ଼ିକାଲକୁ ଯାଉଥିବାବେଳେ ଏହି ଅଘଟଣ ଘଟିଥିବା ଜଣାଯାଇଛି। ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ବର୍ଷାପାଣି ନିଷ୍କାସନ ପାଇଁ ପ୍ରଶାସନିକ ଅଧିକାରୀଙ୍କ ସହ ବିଧାୟକଙ୍କ କ୍ଷେତ୍ର ପରିଦର୍ଶନ



**ସାଲେପୁର,୬।୬ (ସଂଚାର ବ୍ୟୁରୋ):** ସାଲେପୁରରେ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ସାମାନ୍ୟ ବର୍ଷା ହେଲେ ସାଲେପୁର ବଜାର ବର୍ଷାପାଣିରେ ଉବୁଟୁବୁ ହୋଇପଡ଼ିଥାଏ। ଏପରିକି ଦୋକାନ ଘରେ ମଧ ଆଣ୍ଠୁଏ ଲେଖାଁ ପାଣି ପଶିଯାଏ। ଏହି ସମସ୍ୟା ସାଲେପୁର ସହରବାସୀଙ୍କ ମୁଖ୍ୟ ସମସ୍ୟା ହୋଇଥିବାବେଳେ ଏହା ଉପରେ ସ୍ଥାୟୀ ପ୍ରତିକାର ଗ୍ରହଣ କରାଯାଇନାହିଁ। ଅପର ପକ୍ଷରେ ବର୍ଷାଦିନ ଆସିଲେ ବର୍ଷାଦିନ ପୂର୍ବରୁ ବର୍ଷାପାଣି ନିଷ୍କାସନ କଥା ସାଲେପୁର ବିଧାୟକଙ୍କର ମନେପଡେ। ପ୍ରତିବର୍ଷ ବର୍ଷାଦିନ ପୂର୍ବରୁ ସାଲେପୁର ବଜାର ସମେତ ଖେଳପଡ଼ିଆ ଓ ମଧୁସୂଦନ ମଣ୍ଡପ ସମ୍ମୁଖରୁ କିପରି ବର୍ଷା ପାଣି ନିଷ୍କାସନ ହେବ, ସେଥିପାଇଁ ଜୋରସୋରରେ ପ୍ରସ୍ତୁତି କରାଯାଏ। ପ୍ରଶାସନିକ ଅଧିକାରୀଙ୍କ ଠାରୁ ସ୍ଥାନୀୟ ଜନସାଧାରଣଙ୍କୁ ଡାକି ଆକ୍ସନ୍ ପ୍ଲାନ୍ ମଧ ତିଆରି କରାଯାଏ। କିନ୍ତୁ ଏହି ପ୍ଲାନ୍ ପ୍ଲାନ୍‌ରେ ହିଁ ରହିଯାଏ। ପୁଣି ଆସନ୍ତା ବର୍ଷକୁ ଅପେକ୍ଷା କରାଯାଏ।

ପ୍ରତିବର୍ଷ ଭଳି ଆଜି ମଧ ବିଧାୟକ ପ୍ରଶାନ୍ତ ବେହେରା ସାଲେପୁର ଅଞ୍ଚଳର କିଛି ଲୋକ, ତହସିଲଦାର, ପୂର୍ତ୍ତ ବିଭାଗ ଏସ.ଡି.ଓ., ସ୍ଥାନୀୟ ସରପଞ୍ଚଙ୍କ ସହ ସାଲେପୁର ସହରରୁ କିପରି ବର୍ଷାପାଣି ନିଷ୍କାସିତ ହେବ ସେଥିପାଇଁ ଆଜି ପରିଦର୍ଶନ କରିଛନ୍ତି। ସାଲେପୁର ଖେଳପଡ଼ିଆ ପାର୍ଶ୍ୱ ତଥା ସାହେଶ୍ୱରୀ ମନ୍ଦିର ସମ୍ମୁଖରେ ଥିବା ଡ୍ରେନ୍‌କୁ ସଫା କରାଯାଇ ଡ୍ରେନେଜ୍ ନିର୍ମାଣ କରାଯିବା ସହ ହାଟ ପାଖରେ ଥିବା ଡ୍ରେନ୍ ସହ ସଂଯୋଗୀକରଣ କରାଯିବା ପାଇଁ ସ୍ଥିର କରାଯାଇଛି। ତେଣୁ ଏହାନେଇ ବିଧାୟକ ଶ୍ରୀ ବେହେରା ଜାଗା ଚିହ୍ନଟ କରିବା ସହ ତୁରନ୍ତ ଡ୍ରେନେଜ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିବା ଜଣାଯାଇଛି।

# ଶାସନିପଡ଼ା ହନୁମାନ ଯଜ୍ଞ ଉଦଯାପିତ



**ମାର୍ଶାଘାଇ,୬।୬ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଶାସନିପଡ଼ା ଗ୍ରାମରେ ଅନୁଷ୍ଠିତ ଷୋଡଶ ବାର୍ଷିକ ହନୁମାନ ଯଜ୍ଞ ଗୁରୁବାର ସନ୍ଧ୍ୟାରେ ଉଦଯାପିତ ହୋଇଛି । ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗାପ୍ରସନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମଙ୍ଗଳବାର କଳସ ଶୋଭାଯାତ୍ରା କରାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯିବା ପରେ ଗୋ ପୂଜା, ସୂର୍ଯ୍ୟପୂଜା, ହୋମଯଜ୍ଞ ଆଦି କରାଯାଇଥିଲା । ଗୁରୁବାର ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ଦିଆଯିବା ସହିତ ଯଜ୍ଞ ଉଦଯାପିତ ହୋଇଥିଲା । ଅନ୍ୟମାନଙ୍କ ମଧରେ ପ୍ରଶାନ୍ତ କୁମାର ସେଠୀ, ବଡିହି ସମିତି ସଭ୍ୟ ଅଲେଖ ନାୟକ, ସାଗର ସାମଲ, ମଣିକୁଣ୍ଡାର ପୂର୍ବତନ ସମିତି ସଭ୍ୟ ଜ୍ଞାନରଞ୍ଜନ ବସନ୍ତିଆ,ପରକୁଳା ପଞ୍ଚାୟତ ସମିତିସଭ୍ୟ ସଞ୍ଜୟ ପାତ୍ର, ଯୁବନେତା ନିଗମ ଦାସ,ହିମାଂଶୁ ନାୟକ, ବିଭୁତି ରାଉତ, ହିରଣ୍ୟ ମହାପାତ୍ର, ପ୍ରଦୀପ ବେହେରା, ଗଙ୍ଗାଧର ସାମଲ ପ୍ରମୁଖ ଯୋଗଦେଇଥିଲେ । ଗ୍ରାମବାସୀଙ୍କ ସହଯୋଗରେ ତିନିଦିନ ବ୍ୟାପି ଏହି ଯଜ୍ଞ ସୁରୁଖୁରୁରେ ଉଦଯାପିତ ହୋଇଥିଲା ।



# 'ଊନବିଂଶ ଶତାବ୍ଦୀର କୃଷ୍ଣଚନ୍ଦ୍ର' ଉନ୍ମୋଚିତ

**ରାଜନଗର,୬।୬ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ୍ ଅନ୍ତର୍ଗତ ମା ମାଟିଆ ମଙ୍ଗଳାଙ୍କ ପୀଠରେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦ ତରଫରୁ ଜନସେବକ କୃଷ୍ଣଚନ୍ଦ୍ର ପରିଡାଙ୍କ ସ୍ମୃତି ରେ ସ୍ମରଣିକା 'ଊନବିଂଶ ଶତାବ୍ଦୀର କୃଷ୍ଣଚନ୍ଦ୍ର' ଉନ୍ମୋଚିତ ହୋଇଯାଇଛି। ପଣ୍ଡିତ ଶରତଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। କୃଷ୍ଣଚନ୍ଦ୍ର ପରିଡାଙ୍କ ପାଇଁ ଏ ମାଟି ଗର୍ବୀତ ବୋଲି ଶ୍ରୀମହାନ୍ତି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଫୋକସ୍ ପ୍ଲସ୍‌ର ମୁଖ୍ୟ ସମ୍ପାଦକ ସୁଧାଂଶୁ ଶେଖର ରାଉତ ଯୋଗଦେଇ ୫୦ବର୍ଷ ପରେ କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ପାଇଁ ସ୍ମରଣିକା ପ୍ରକାଶ ପରବର୍ତ୍ତୀ ପୀଢ଼ି ପାଇଁ ଅନେକ ଶିକ୍ଷା ପ୍ରଦାନ କରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ, ଶିକ୍ଷାବିତ ସୀତାକାନ୍ତ ରାଉଳ, ଶ୍ରୀମତୀ ଆଶାଲତା ରାଉତ ଗରୀବ ଅସହାୟର ସାଥୀ ଭାବେ କୃଷ୍ଣଚନ୍ଦ୍ର ପରିଡାଙ୍କୁ ଅଭିହୀତ କରିଥିଲେ। ପଣ୍ଡିତ ଶରତଚନ୍ଦ୍ର ମହାପାତ୍ର 'ଊନବିଂଶ ଶତାବ୍ଦୀର କୃଷ୍ଣଚନ୍ଦ୍ର 'ଏକ ସାଧାରଣ ପତ୍ରିକା ନୁହେଁ, ଏହା ଏକ ଐତିହାସିକ ଦଲିଲ୍ ବୋଲି କହିଥିଲେ।

# ରାଜନଗରରେ ଆନ୍ତର୍ଜାତିକ ପରିବେଶ ଦିବସ ପାଳିତ




**ରାଜନଗର,୬।୬ (ସଂଚାର ବ୍ୟୁରୋ):** ରାଜନଗର ବନ୍ୟପ୍ରାଣୀ ଡ଼ିଭିଜନ ମୁଖ୍ୟ କାର୍ଯ୍ୟାଳୟରେ ପରିସରରେ ଆନ୍ତର୍ଜାତିକ ପରିବେଶ ଦିବସ ପାଳିତ ହୋଇଯାଇଛି। ପ୍ରଦୂଷଣର ଭୟଙ୍କରତା ଆଜି ପ୍ରତ୍ୟକଟି ମଣିଷ ପାଇଁ ଚିନ୍ତାର କାରଣ ପାଲଟିଛି। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିତ୍ୟାଗ କରିବା ପାଇଁ ଚଳିତ ବର୍ଷ ସଚେତନତା ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବାର ଆମର ମାନବୀୟ ଧର୍ମ ହେଉ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା।

ରାଜନଗର ବନ୍ୟପ୍ରାଣୀ ଡ଼ିଭିଜନର ଅତିରିକ୍ତ ବନ ସଂରକ୍ଷକ ଗଗନ ବିହାରୀ ମଲ୍ଲିକ ସଭାପତିତ୍ୱ କରିବା ସହିତ ବିଶ୍ୱ ପରିବେଶ ଦିବସର ତାର୍ପଜ୍ୟ ଉପରେ ଆଲୋଚନା କରିଥଲେ। ଏଥିରେ ବରିଷ୍ଠ ପତ୍ରକାର ଭାଷ୍କର ରାଉତ ରାୟ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ବିଶ୍ୱ ତାପନ ବୃଦ୍ଧି, ଭୂତଳ ଜଳସ୍ତର ନିମ୍ନଗାମୀ, ମୃତ୍ତିକା କ୍ଷୟ, ଭୂସ୍ଖଳନ ଜଳବାୟୁରେ ଅହେତୁକ ପରିବର୍ତ୍ତନ, ସଂଯୁକ୍ତ ଜଳପତ୍ତନ ହ୍ରାସ ବିକାଶର ସ୍ୱପ୍ନରେ ବିଭୋର ଶିଳ୍ପାୟନ ପ୍ଲାଷ୍ଟିକିର ଭୟଭୟତା ଉପରେ ମତ ପ୍ରକାଶ କରିଥଲେ। ଗବେଷକ ପ୍ରସନ୍ନ କୁମାର ନାୟକଙ୍କ ସଂଯୋଜନା କରିଥିବା ବେଳେ ରାଜନଗର ରେଞ୍ଜ ଅଫିସର ଚିତ୍ତ ରଂଜନ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୁମ୍ଭୀର ପ୍ରଜନନ କେନ୍ଦ୍ର ସ୍ଥାପନର ପଚାଶ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କ ପୁରସ୍କାର କରାଯାଇଥିଲା। ବନପାଳ ବିଜୟ କୁମାର ପାତ୍ରଙ୍କ ସମେତ ବନ କର୍ମଚାରୀମାନେ ଏହାକୁ ପରିଚାଳନା କରିଥଲେ।



# ୪ଦିନ ବିଜୁଳି ଘଡ଼ଘଡ଼ି ସହ ବର୍ଷା

**ଭୁବନେଶ୍ୱର, ୬।୬ (ସଂଚାର ବ୍ୟୁରୋ) :** ଆଗାମୀ ୪ଦିନ ପାଇଁ ରାଜ୍ୟକୁ ବିଜୁଳି ଘଡଘଡିର ଭୟ। ଜାରି ହେଲା ୟେଲୋ ୱାର୍ଣ୍ଣିଂ। ବିଜୁଳି ଘଡଘଡି ସହ ପବନର ବେଗ ୩୦ରୁ ୪୦କିଲୋମିଟର ରହିପାରେ। ଆସନ୍ତାକାଲି ଅର୍ଥାତ ୭ ତାରିଖରେ ରାଜ୍ୟରେ ବିକ୍ଷିପ୍ତ ଭାବରେ ବିଜୁଳି ଘଡଘଡିର ଆଶଙ୍କା ଥିବା ନେଇ ଆକଳନ କରିଛି ପାଣିପାଗ ବିଭାଗ । ପବନର ମଧ୍ୟ ସମ୍ଭାବନା ରହିଛି । ଏହାପରେ ୮ତାରିଖକୁ ଉତ୍ତର ଓଡିଶାର ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଦକ୍ଷିଣ ଓଡିଶାର ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁରରେ ଏହାର ପ୍ରଭାବ ପରିଲକ୍ଷିତ ହେବ। ୯ତାରିଖରେ ଏହା ଧିରେ ଧିରେ କମି ଦକ୍ଷିଣ ଓଡିଶା ଅର୍ଥାତ ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ ମାଲକାନଗିରିରେ ସିମୀତ ରହିବ । ୧୦ତାରିଖ ବେଳକୁ କେବଳ କୋରାପୁଟ ମାଲକାନଗିରିରେ ଏହାର ପ୍ରଭାବ ପରିଲକ୍ଷିତ ହେବା ସହ କେବଳ ଏହି ୨ଟି ଜିଲ୍ଲା ପାଇଁ ରହିଛି ୟେଲୋ ୱାର୍ଣ୍ଣିଂ ।

### ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀ ଉଦ୍‌ଯାପିତ

# ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ମନ୍ତ୍ରୀଙ୍କ ପରାମର୍ଶ



**ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ):** ଦୁଇ ଦିନ ଧରି ଚାଲିଥିବା ରାଜସ୍ୱ ଅଧିକାରୀମାନଙ୍କ ସମ୍ମିଳନୀ ଗତକାଲି ଉଦ୍‌ଯାପିତ ହୋଇଛି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ରାଜସ୍ୱ ଅଧିକାରୀମାନଙ୍କୁ ଜନସାଧାରଣ ତଥା ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ସାଧାରଣ ଜନତାଟିଏ ସଠିକ ସମୟରେ ଉପଯୁକ୍ତ ନ୍ୟାୟ ପାଇବା ଉଚିତ। ଆପଣମାନଙ୍କୁ ସମସ୍ତ ସମସ୍ୟାର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ଓ ଅନୁସନ୍ଧାନ ପୂର୍ବକ ନିଷ୍ପତି ନେବାକୁ ପଡ଼ିବ। ସରକାର ସାଧାରଣ ଲୋକଙ୍କ ଉନ୍ନତି ପାଇଁ ସଂକଳ୍ପବଦ୍ଧ ହୋଇଥିବାରୁ ତୃଣମୂଳ ସ୍ତରରେ ଆପଣମାନେ ପ୍ରଶାସନକୁ ଲୋକଙ୍କ ନିକଟତର କରାଇବାରେ ସହାୟକ ହୋଇପାରିବେ ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ସେହିପରି କାର୍ଯ୍ୟକ୍ରମରେ ରାଜସ୍ୱ ଅଧିକାରୀମାନଙ୍କୁ ସମ୍ବୋଧନ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଏହି ଦୁଇଦିନିଆ ସମ୍ମିଳନୀ ନିଶ୍ଚିତ ଭାବେ ସଫଳ ହୋଇଛି। ଏଠାରେ ଯେଉଁ ମାନସ ମନ୍ଥନ ହୋଇଛି, ଏହା ରାଜସ୍ୱ ଅଧିକାରୀମାନଙ୍କୁ ନୂଆ ଦିଶା ଦେବ। ଆଗାମୀ ଦିନରେ ନିଶ୍ଚିତ ଭାବେ ସେମାନେ ନୂତନ ଉତ୍ସାହ ଓ ଉଦ୍ଦୀପନା ସହ ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବେ। ଏହିଭଳି ସମ୍ମିଳନୀ ରାଜ୍ୟରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିବା ବେଳେ ପ୍ରତି ଦୁଇ ବର୍ଷରେ ରାଜ୍ୟ ସ୍ତରରେ ଏହାର ଆୟୋଜନ ହେବ ଏବଂ ରେଭିନ୍ୟୁ ଡିଭିଜନ କମିଶନଙ୍କ ସ୍ତରରେ ମଧ୍ୟ ପ୍ରତି ୬ ମାସରେ ଆୟୋଜିତ ହେବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ବସୁନ୍ଧରା ଯୋଜନାରେ ଜମି ବଣ୍ଟନ, ରାଜସ୍ୱ ଗ୍ରାମ ସୃଷ୍ଟି, ଓଡିଶା ସରକାରୀ ଜମି ବନ୍ଦୋବସ୍ତ ନିୟମର ସଠିକ ପାଳନ, ସ୍କୁଲ କଲେଜକୁ ପଟ୍ଟା ବଣ୍ଟନ ଆଦି କାର୍ଯ୍ୟ ରାଜସ୍ୱ ଅଧିକାରୀମାନେ ନିଷ୍ଠାପର ଭାବେ ସମ୍ପାଦନ କରିବା ଜରୁରୀ। ଆମକୁ ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ମାନସିକତାରେ ପରିବର୍ତ୍ତନ ଆଣିବାକୁ ପଡିବ। ଜନସାଧାରଣ ସହାୟତା ପାଇବା ପାଇଁ ହକଦାର, ସେମାନେ କାହାର ଦୟାର ପାତ୍ର ନୁହନ୍ତି। ଆମେ ଜନସାଧାରଣଙ୍କ ସେବକ ହୋଇଥିବାରୁ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ପଡିବ। ଏହାଦ୍ୱାରା ଆମେ ସେମାନଙ୍କ ଆସ୍ଥାଭାଜନ ହୋଇପାରିବା ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ଏହି ଅବସରରେ ବାତ୍ୟା 'ଦାନା'କୁ ସରକାର ସଠିକ ଭାବେ ପରିଚାଳନା କରିଥିବା ବେଳେ ବାତ୍ୟା ପରେ ଖୁବ କମ୍ ସମୟ ମଧ୍ୟରେ କ୍ଷୟକ୍ଷତିର ଆକଳନ କରାଯାଇ ତୁରନ୍ତ କ୍ଷତିପୂରଣ ଦିଆଯାଇପାରିଛି। ଅଦିନିଆ ବର୍ଷାକୁ ମଧ୍ୟ ସରକାର ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଘୋଷଣା କରିଥିବା ମନ୍ତ୍ରୀ କହିଛନ୍ତି। ଶ୍ରୀ ପୂଜାରୀ ଆହୁରି କହିଛନ୍ତି ଯେ ସରକାର ଆଗାମୀ ଦିନରେ ପ୍ରଚଳିତ ରିଲିଫ କୋଡ୍‌ରେ ସଂଶୋଧନ ଆଣିବେ। ନୂତନ ଓଡିଶା ଗଠନ ଦିଗରେ ରାଜସ୍ୱ ବିଭାଗ ଉଲ୍ଲେଖନୀୟ ଅବଦାନ ରଖିବ। ରାଜସ୍ୱ ଅଧିକାରୀମାନେ ଏ ଦିଗରେ ଗୁରୁତ୍ୱପୁର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି ମୋର ଆଶା ଓ ବିଶ୍ୱାସ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଉପସ୍ଥିତ ରାଜସ୍ୱ ଅଧିକାରୀମାନଙ୍କୁ ଉତ୍ସାହିତ କରି କହିଛନ୍ତି ଯେ ଆପଣମାନେ କଠିନରୁ କଠିନ ପରିସ୍ଥିତି ଓ ପ୍ରତିଯୋଗିତା ମାଧ୍ୟମରେ ଉତ୍ତୀର୍ଣ୍ଣ ହୋଇଆସିଛନ୍ତି। ଆପଣମାନଙ୍କ ପାଖରେ ପ୍ରତିଭା ଓ ଦକ୍ଷତା ରହିଛି। ଏହାର ସଦୁପଯୋଗ କରି ଜନସାଧାରଣ ଉନ୍ନତି ଦିଗରେ ବ୍ରତୀ ହେବା ସକାଶେ ଶ୍ରୀ ସିଂହ ପରାମର୍ଶ ଦେଇଛନ୍ତି। ବିଭାଗୀୟ ଅତିରିକ୍ତ ସଚିବ ମଧୁସ୍ମିତା ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉତ୍ତରାଞ୍ଚଳ, ଦକ୍ଷିଣାଞ୍ଚଳ ଓ କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନାଲ କମିଶନର ସଚିନ୍ ରାମଚନ୍ଦ୍ର ଯାଦବ, ରୂପା ରୋଶନ ସାହୁ, ବି ପରମେଶ୍ୱରନ୍ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ତହସିଲଗୁଡ଼ିକୁ ସମ୍ମାନିତ କରାଯାଇଥିଲା।

# ସାକ୍ଷୀଗୋପାଳରୁ ଶ୍ରୀକ୍ଷେତ୍ର ଗଲା ବଉଳକାଠ



**ପୁରୀ, ୬।୬ (ସଂଚାର ବ୍ୟୁରୋ) :** ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ ଠାକୁରଙ୍କ ବାହୁଟ ସେବା ନିମନ୍ତେ ଆବଶ୍ୟକ ବଉଳକାଠ ଶୁକ୍ରବାର ପବିତ୍ର ନିର୍ଜଳା ଏକାଦଶୀ ତିଥିରେ ପରମ୍ପରା କ୍ରମେ ସାକ୍ଷୀଗୋପାଳରୁ ଶ୍ରକ୍ଷେତ୍ର ଅଭିମୁଖେ ଯାତ୍ରା କରିଛି। ଏହି ଉପଲକ୍ଷେ ସତ୍ୟବାଦୀ ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ଏକ ଅଧ୍ୟାତ୍ମିକ ଶୋଭାଯାତ୍ରା ସହ ବଉଳକାଠ ଶଗଡ଼ିକୁ ବକୁଳବନରୁ ସମାରୋହରେ ମେଲାଣି ଦିଆଯାଇଛି। ୮ ହାତ ଲମ୍ବ ୩ ଫୁଟ୍ ଗୋଲେଇର ବଉଳବୃକ୍ଷକୁ ଶ୍ରୀକ୍ଷେତ୍ରରୁ ଆସିଥିବା ବଳଦ ଶଗଡ଼ିରେ ବକୁଳବନସ୍ଥିତ ସିଦ୍ଧବକୁଳ ମନ୍ଦିରକୁ ଅଣାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସମାରୋହର ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ସବୁଜ ପତାକା ଦେଖାଇ ଆଧ୍ୟାତ୍ମିକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା, ଆଇଆଇସି ବିଜୟ କେତନ ବେହେରା, ଭାରତ ବିକାଶ ପରିଷଦ ସଭାପତି ସତ୍ୟବାଦୀ ଦାସ, ଉତ୍ତର ପାର୍ଶ୍ୱ ମଠର ମଠାଧିସ ମହନ୍ତ ନାରାୟଣ ରାମାନୁଜ ଦାସ, ଶ୍ରୀମନ୍ଦିର ରଥ ନିର୍ମାଣ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ଜୟପୁର ସମିତି ସଭ୍ୟ ଦିପକ ଶତପଥିଙ୍କ ଯୋଗ ଦେଇଥିଲେ। ଘଣ୍ଟ, ମର୍ଦ୍ଦଳ, ବିଜେ କାହାଳୀ, ହରିମାନ ସଂକୀର୍ତ୍ତନ, ଗଣେଶ ମେଢ଼ ଓ ବନାଟିସହ ଶ୍ରଦ୍ଧାଳୁମାନେ କାଠ ଶଗଡ଼ିକୁ ସାକ୍ଷୀଗୋପାଳ ବଜାର ପରିକ୍ରମା କରି ଆଧ୍ୟାତ୍ମିକ ଶୋଭାଯାତ୍ରକୁ ବ୍ଲକ୍ ଛକ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା, +୨ ଓ ଆଇକନିକ ଆଦର୍ଶ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ର, କବି, କଳାକାର, ସେବାୟତ ଓ ସହଯୋଗୀ ଅନୁଷ୍ଠାନ ସୁଧର୍ମା ମହାସଂଘ ଶ୍ରୀରାଧା ମଣ୍ଡଳ ସତ୍ୟବାଦୀ ଓ ଶ୍ରୀରାଧାରାଣୀ ସଂକୀର୍ତ୍ତନ ମଣ୍ଡଳୀ ଚାଷପଡ଼ା, ଭୋଇ ସର୍ଦ୍ଦାର ରବି ଭୋଇ, ଶଗଡ଼ିଆ ବାନାମ୍ବର ପ୍ରଧାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଲୋୟର ପିଏମଜିରେ ଚାକିରି ସ୍ଥାୟୀ ଦାବି କରି ଶିକ୍ଷକଙ୍କ ଆନ୍ଦୋଳନ



**ଭୁବନେଶ୍ୱର, ୬।୬ (ସଂଚାର ବ୍ୟୁରୋ) :** ରାଜରାସ୍ତାରେ ଶିକ୍ଷକଙ୍କ ଗର୍ଜନ । ୨ ଦଫା ଦାବି ନେଇ ରାଜରାସ୍ତାକୁ ଓହ୍ଲାଇଲେ କନିଷ୍ଠ ଶିକ୍ଷକ। ହାତରେ ଚକ୍ ବଦଳରେ ପ୍ଲାକାର୍ଡ, ଶିକ୍ଷାଦାନ ପରିବର୍ତ୍ତେ ହକ୍ ଆଉ ଅଧିକାର ପାଇଁ ଚାଲିଛି ଲଢେଇ । ଏନେଇ ଭୁବନେଶ୍ୱର ଲୋୟର ପିଏମଜିରେ ରଣହୁଙ୍କାର ଦେଉଛନ୍ତି କନିଷ୍ଠ ଶିକ୍ଷତ ବୃନ୍ଦ । ଗତ୨୦୨୩ -୨୪ ରେ ଚାକିରି ପାଇଥିବା ଶିକ୍ଷକଙ୍କୁ ସରକାର ରେଗୁଲାର କରୁନଥିବା ଅଭିଯୋଗ ହୋଇଛି । ରେଗୁଲାର ଦାବି ନେଇ ହଜାର ହଜାର ସଂଖ୍ୟାରେ କନିଷ୍ଠ ଶିକ୍ଷକ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ସେହିପରି ବାଲବାଟିକା ପାଇଁ ନୂଆ ପୋଷ୍ଟିଂ ଦେବାକୁ ଦାବି ହୋଇଛି ।

# ଜୁନ୍ ୨୨ରେ ଗୃହରକ୍ଷୀ ନିମନ୍ତେ ଲିଖିତ ପରୀକ୍ଷା



**କଟକ, ୬।୬ (ସଂଚାର ବ୍ୟୁରୋ) :** କଟକ ଜିଲ୍ଲାରେ ଖାଲି ପଡିଥିବା ମୋଟ୍ ୨୧୨ଟି ଗୃହରକ୍ଷୀ ପଦବୀ ନିମନ୍ତେ ଲିଖିତ ପରୀକ୍ଷା ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ । କଟକ ଜିଲ୍ଲାର ବିଭିନ୍ନ ଉପଖଣ୍ଡମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଏହି ପରୀକ୍ଷା ପାଇଁ ଆଡମିଟ କାର୍ଡ (ପ୍ରବେଶ ପତ୍ର) ପ୍ରାର୍ଥୀମାନେ ଆବେଦନ କରିଥିବା ନିଜ ନିଜର ଥାନା ଅଂଚଳରେ ଉପଲବଧ ହେବ । ବୈଧ ଆବେଦନପତ୍ରଗୁଡିକର ଆବେଦନକାରୀମାନଙ୍କୁ ପରୀକ୍ଷାକେନ୍ଦ୍ରରେ ପ୍ରବେଶ ନିମନ୍ତେ ପ୍ରବେଶ ପତ୍ର ବା ଆଡମିଟ୍ କାର୍ଡ ଆସନ୍ତା ତା୧୭.୦୬.୨୦୨୫ରିଖ ରୁ ତା୨୦.୦୬.୨୦୨୫ରିଖ ମଧ୍ୟରେ ଥାନାଗୁଡିକରେ ପ୍ରଦାନ କରାଯିବ । ଆଡମିଟ୍ କାର୍ଡ ନେବା ସମୟରେ ପ୍ରାର୍ଥୀମାନେ ନିଜ ପରିଚୟ ପ୍ରମାଣ ପତ୍ର (ଆଧାର କାର୍ଡର) ଏବଂ ପାସପୋର୍ଟ ସାଇଜ ଫଟୋ ଦାଖଲ କରିବା ବାଧ୍ୟତାମୂଳକ । ଅବୈଧ ଆବେଦନପତ୍ରଗୁଡିକର ତାଲିକା ନିଜ ନିଜର ଥାନା ତଥା ସମାଦେଷ୍ଟା ଗୃହରକ୍ଷୀ କାର୍ଯ୍ୟାଳୟ କଟକ, ବକ୍ସିବଜାର, ରିଜର୍ଭଲାଇନ୍ ଫଳକ ଏବଂ କାନ୍ଥରେ ପ୍ରକାଶ କରାଯାଇଛି । ପରୀକ୍ଷା କେନ୍ଦ୍ର ଓ ସମୟ ସମ୍ପର୍କରେ ପ୍ରର୍ଥୀମାନଙ୍କ ଆଡମିଟ କାର୍ଡରେ ଉଲ୍ଲେଖ ରହିବ । ଏଠାରେ ସୂଚନାଯୋଗ୍ୟ ଗୃହରକ୍ଷୀ ସେବା ସ୍ଥାୟୀ ଚାକିରୀ ନୁହେଁ । ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ଏହାର ଅବଧି ୩ ବର୍ଷ ସମୟସୀମା ମଧ୍ୟରେ ସୀମିତ ଅଟେ ବୋଲି କଟକ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

# ନିଶୁଳ୍କ ନ୍ୟୁରୋ କ୍ଲିନିକ ଉଦ୍‌ଘାଟିତ



**ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ):** ଆଜି ପୋଖରୀପୁଟସ୍ଥିତ ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନ ପରିସରରେ ଏକ ନିଶୁଳ୍କ ନ୍ୟୁରୋ କ୍ଲିନିକ୍ ଉଦ୍‌ଘାଟିତ ହୋଇଛି। ଉକ୍ତ କ୍ଲିନିକ୍‌କୁ ଉଦଘାଟନ କରି ମାସର ପ୍ରଥମ ଓ ତୃତୀୟ ଶୁକ୍ରବାର ଉକ୍ତ କେନ୍ଦ୍ରରେ ପୂର୍ବାହ୍ନ ୯ଟାରୁ ୧୧ଟା ପର୍ଯ୍ୟନ୍ତ ବିନା ଦେୟରେ ନ୍ୟୁରୋ ସେବା ଯୋଗାଇଦେବେ ବୋଲି ବିଶିଷ୍ଟ ସ୍ନାୟୁ ବିଶେଷଜ୍ଞ ଡ. ସୂର୍ଯ୍ୟ ପ୍ରକାଶ ଚୌଧୁରୀ ଘୋଷଣା କରିଛନ୍ତି। ବିଭିନ୍ନ ପ୍ରକାର ସ୍ନାୟୁଜନିତ ସମସ୍ୟା ନେଇ ଉପାଦେୟ ପରାମର୍ଶ ଦେବା ସହ ଅଧିକରୁ ଅଧିକ ରୋଗୀ ସେବା କରିବା ନେଇ ତାଙ୍କର ରହିଥିବା ଇଚ୍ଛା ପୂରଣ ହେବାକୁ ଯାଉଛି ବୋଲି ଡ. ଚୌଧୁରୀ କହିଛନ୍ତି। ପ୍ରତିଷ୍ଠାନର ସଭାପତି ବରିଷ୍ଠ ସାମ୍ବାଦିକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ପ୍ରତିଷ୍ଠାନର ବରିଷ୍ଠ ସଭ୍ୟ ସୂର୍ଯ୍ୟ ନାରାୟଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସ୍ୱାମୀ ଦୁର୍ଗେଶ ନନ୍ଦନ ମହାରାଜ, ଅଭିଜ୍ଞ ଫିଜିଓଥେରାପିଷ୍ଟ ଡ ଏଲିନା ପଟ୍ଟନାୟକ, ବରିଷ୍ଠ ଟ୍ରଷ୍ଟି ବିଶ୍ୱ ରଞ୍ଜନ ଶତପଥୀ, ପ୍ରତିଷ୍ଠାନର କୋଷାଧ୍ୟକ୍ଷ ରଞ୍ଜନ କୁମାର ରାଉତରାୟ, ବାଞ୍ଛାନିଧି ମଲ୍ଲିକ, ବବିତା ସାହୁ ପ୍ରମୁଖ ଯୋଗଦେଇଥିଲେ।

ସୂଚନାଯୋଗ୍ୟ ଯେ ଉକ୍ତ କେନ୍ଦ୍ରରେ ମାସର ପ୍ରଥମ ଓ ତୃତୀୟ ରବିବାର ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଅଭିଜ୍ଞ ଡାକ୍ତର ଅକ୍ଷୟ ମିଶ୍ର ମଧ୍ୟ ନିଶୁଳ୍କ ହୋମିଓପ୍ୟାଥି ସେବା ଯୋଗାଇଦେଉଛନ୍ତି। ତା'ଛଡ଼ା ସପ୍ତାହର ପ୍ରତି ଶୁକ୍ରବାର, ଶନିବାର, ରବିବାର ସକାଳ ୮ଟାରୁ ୧୧ଟା ପର୍ଯ୍ୟନ୍ତ ଏଠାରେ ନିଶୁଳ୍କ ଫିଜିଓଥେରାପି ସେବା ବି ଅଭିଜ୍ଞ ଫିଜିଓଥେରାଫିଷ୍ଟ ଡ. ପଟ୍ଟନାୟକ ଯୋଗାଇ ଦେଉଛନ୍ତି ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ପୋଖରୀପୁଟ ଓ ଏହାର ଆଖପାଖ ଅଞ୍ଚଳର ଯେକୌଣସି ବ୍ୟକ୍ତି ଏହିସବୁ ସେବାର ସୁଯୋଗ ନେଇପାରିବେ ବୋଲି ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ଭଦ୍ର ନିବେଦନ କରିଛନ୍ତି।

# ସରୋଜ ବଳ ପାଇବେ କହ୍ନେଇ କଥା ପୁରସ୍କାର

● ୨୫ରେ ସ୍ମୃତି ସଂସଦର ଜୟନ୍ତୀ ସମାରୋହ



**ବାଲେଶ୍ୱର,୬।୬(ସଂଚାର ବ୍ୟୁରୋ):** ଯୁବପିଢ଼ିର କଥାକାର ଭାବେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ସରୋଜ ବଳଙ୍କୁ ଚଳିତ ବର୍ଷ 'କହ୍ନେଇ କଥା ପୁରସ୍କାର ୨୦୨୫' ପ୍ରଦାନ କରାଯିବ। ଓଡ଼ିଆ କଥା ସାହିତ୍ୟର ପ୍ରତିଭାବାନ ଗାଳ୍ପିକ ସ୍ୱର୍ଗତଃ କହ୍ନେଇଲାଲ ଦାସଙ୍କ ସ୍ମୃତିରେ ଏହି ପୁରସ୍କାର ପ୍ରତିବର୍ଷ ୫୦ ବର୍ଷ ବୟସ ସୀମାରେ ଯୋଗ୍ୟ ଗାଳ୍ପିକଙ୍କୁ ପ୍ରଦାନ କରାଯାଇଆସୁଛି। ବାଲେଶ୍ୱର ସର୍କିଟ ହାଉସରେ ଏନେଇ କହ୍ନେଇଲାଲ ଦାସ ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯିବା ସହ ସମାରୋହ ପାଳନ ବିଷୟରେ ଆଲୋଚନା ହୋଇଛି। ଗାଳ୍ପିକ ତଥା ସ୍ମୃତି ସଂସଦର ଆବାହକ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସଂସଦର ସଭାପତି ଡକ୍ଟର ସୁବାସ ଚନ୍ଦ୍ର ପାତ୍ର ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ସଂସଦର କାର୍ଯ୍ୟକାରୀ ସଭାପତି ତଥା ପୁରସ୍କାର କମିଟି ମୁଖ୍ୟ କୃଷ୍ଣ କୁମାର ମହାନ୍ତି ପୁରସ୍କାର ପାଇଁ ସମ୍ଭାବ୍ୟ ନାମ ତାଲିକା ପ୍ରକାଶ କରଥିଲେ। ପରେ ସର୍ବସମ୍ମତି କ୍ରମେ ଶ୍ରୀ ବଳଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବା ସକାଶେ ମନୋନୀତ କରାଯାଇଛି। ସଂସଦ ସମ୍ପାଦକ ଉତ୍ପଳ ମହାନ୍ତି ଚଳିତ ବର୍ଷ ଆସନ୍ତା ୨୫ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଗୀତଗୋବିନ୍ଦ ଭବନଠାରେ ଆୟୋଜିତ ହେବାକୁ ଥିବା ଜୟନ୍ତୀ ସମାରୋହର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମାରୋହ ଓଡ଼ିଶା ସାହିତ୍ୟ ଏକାଡେମୀ ସହଭାଗିତାରେ କରାଯିବାକୁ ଏକାଡେମୀ ପକ୍ଷରୁ ସଚିବ ଚନ୍ଦ୍ରଶେଖର ହୋତା ସମ୍ମତି ପ୍ରଦାନ କରିଥିବା ଜଣାପଡ଼ିଛି।

ଜୟନ୍ତୀ ସମାରୋହରେ ଉଦଘାଟକ ଭାବେ ଉଚ୍ଚଶିକ୍ଷା ତଥା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କଥାକାର ଅଜୟ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି ଯୋଗଦେବେ। ଏହି ଅବସରରେ ଶ୍ରୀ ବଳଙ୍କୁ ମାନପତ୍ର, ଉତ୍ତରୀୟ ଓ ଉପଢୌକନ ସହ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ।



# ବିଜେପିରେ ମିଶିଲେ ଶର୍ମିଷ୍ଠା ଓ ସୁରଥ୍

**ବ୍ରହ୍ମପୁର,୬।୬ (ସଂଚାର ବ୍ୟୁରୋ) :** ବିଜେଡିରୁ ବିଦାହେଲେ ଆଉ ଏବେ ବିଜେପିରେ ଯୋଗଦେଲେ। ଦଳବିରୋଧୀ କାର୍ଯ୍ୟ ଯୋଗୁ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ଓ ତାଙ୍କ ସ୍ୱାମୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନଙ୍କୁ ବିଜେଡିରୁ ବିଦା କରାଯାଇଥିଲା। ତେବେ ସେମାନେ ଶୁକ୍ରବାର ବିଜେପିରେ ଯୋଗ ଦେଇଛନ୍ତି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ସେମାନେ ବିଜେପିରେ ସାମିଲ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ତାଙ୍କୁ ବହିଷ୍କାର କରାଯାଇଥିବା ନେଇ ବିଜେଡି ରାଜ୍ୟ ଉପସଭାପତି ପ୍ରତାପ ଜେନା ପ୍ରଥମେ ସୂଚନା ଦେଇଥିଲେ। ପରେ ପୂର୍ବତନ ବିଧାୟକ ସୁବାସ ବେହେରା ଗଣମାଧ୍ୟମକୁ ଏହି ସୂଚନା ଦେଇଥିଲେ ।

# କୋଇଲା ମାଫିଆଙ୍କ ଆକ୍ରମଣରେ ଯୁବକ ଗୁରୁତର




**ଭଦ୍ରକ, ୬।୬ (ସଂଚାର ବ୍ୟୁରୋ) :** ଭଦ୍ରକରେ ଦିନକୁ ଦିନ ବଢ଼ି ଚାଲିଛି କୋଇଲା ମାଫିଆଙ୍କ ଦୌରାତ୍ମ୍ୟ । କୋଇଲା ତ ଚୋରି କରୁଛନ୍ତି, ଆଉ ପ୍ରତିବାଦ କଲେ ସାଧାରଣ ଲୋକଙ୍କୁ କରୁଛନ୍ତି ଆକ୍ରମଣ । ଆମେ କହୁଛୁ, ଜୁନ୍ ୫ ତାରିଖ ଘଟଣା କଥା । ସେଦିନ ଥିଲା ଗୁରୁବାର । ପାହନ୍ତାରୁ ଭଦ୍ରକରେ ଆଡ୍ଡା ପକାଇ ଥିଲେ କୋଇଲା ମାଫିଆ। ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଅନ୍ତର୍ଗତ ଇଛାପୁର ଛକରେ ଚାଲିଥିଲା ବେଧଡ଼କ କୋଇଲା ଚୋରି । ୧୦ରୁ ଉର୍ଦ୍ଧ୍ୱ କୋଇଲା ମାଫିଆ ବୋଲେରୋରେ ଆସି କୋଇଲା ଚୋରି କରୁଥିଲେ । ଆଉ ଏତିକି ବେଳେ ଏ ସମ୍ପର୍କରେ ସ୍ଥାନୀୟ ଯୁବକ ପ୍ରତାପ ବେହେରା ପୋଲିସ ଅଧିକାରୀଙ୍କୁ ତୁରନ୍ତ ସୂଚନା ଦେଇଥିଲେ । ଆଉ ଠିକ୍ ତା ପରେ ପରେ ପ୍ରତାପଙ୍କ ଉପରେ ହେଲା ଆକ୍ରମଣ । ମୁହଁରେ କଳା କପଡ଼ା ଗୁଡ଼ାଇ ଥିବା କିଛି ଯୁବକ ତାଙ୍କୁ ଅପହରଣ କରି ନେଇଥିଲେ ।

ପ୍ରତାପଙ୍କର ଖୋଜଖବର ନମିଳିବାରୁ ତାଙ୍କ ପତ୍ନୀ ଥାନାରେ ଅଭିଯୋଗ କରିଥିଲେ । ଏହାପରେ ପୋଲିସ ତନାଘନା କରି ଦୀର୍ଘ ୭ ଘଣ୍ଟା ପରେ ଅପହୃତ ଯୁବକଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରିଥିଲା। ତାହା ପୁଣି ଭଦ୍ରକ-ବାଲେଶ୍ୱର ସୀମାରୁ।

ପ୍ରତାପଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ମେଡ଼ିକାଲରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କ ଦେହରେ ମାଡ଼ର ଚିହ୍ନ ଦେଖିବାକୁ ମିଳିଛି । ଅନ୍ୟପଟେ ପୋଲିସ ଅଧିକାରୀଙ୍କୁ ଘଟଣା ବିଷୟରେ ପଚରାଯିବାରୁ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି । ଏହି ଘଟଣାଟି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ କ୍ରାଇମବ୍ରାଞ୍ଚ ହାତକୁ ଦିଆଯିବ ବୋଲି ସୂଚନା ଦେଇଛନ୍ତି ।

ଭଦ୍ରକ-ଧାମରା ରେଳପଥରେ କୋଇଲା ଚୋରି ଘଟଣା ଏକ ପରମ୍ପରା ପାଲଟି ଯାଇଛି । ଦୀର୍ଘ ବର୍ଷ ଧରି ସେଠାରେ ଏଭଳି କାରବାର ଚାଲିଛି । କୋଇଲା ନେଇ ଚଳାଚଳ କରୁଥିବା ମାଲଗାଡ଼ିରୁ କୌଶଳ କ୍ରମେ କୋଇଲା ଖସାଇ ଏହାକୁ ବାହାରେ ବିକ୍ରି କରିଥାନ୍ତି ମାଫିଆମାନେ । ତେବେ ପ୍ରଶ୍ନ ଉଠୁଛି କି ଏହି କୋଇଲା ମାଫିଆଙ୍କ ପଛରେ ରହିଛି କାହାର ହାତ ? ଯାହାଫଳରେ ମାଫିଆଙ୍କ ଆତଙ୍କରାଜ ଦିନକୁ ଦିନ ବଢ଼ିବାରେ ଲାଗିଛି ? ଯଦି ପ୍ରତାପ କୋଇଲା ଚୋରି ସମ୍ପର୍କରେ ପୋଲିସକୁ ଜଣାଇ ଥିଲେ ତେବେ ଏ ଖବର ମାଫିଆଙ୍କ ପାଖରେ ପହଞ୍ଚିଲା କେମିତି ? ଏହାପରେ ସେମାନେ ପ୍ରତାପଙ୍କ ଉପରେ ଆକ୍ରମଣ କଲେ । ତେଣୁ ଏସବୁ ଦିଗରୁ ତଦନ୍ତ କରାଯିବା ସହ କୋଇଲା ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଜରୁରୀ । ନଚେତ ମାଫିଆଙ୍କ ରାଜ୍ ଆହୁରି ବଢ଼ି ଚାଲିବ ଓ ସାଧାରଣ ଲୋକେ ଏମିତି ଆକ୍ରମଣ ଶିକାର ହେଉଥିବେ।

# କଳାହାଣ୍ଡି ଡେପୁଟି କଲେକ୍ଟରଙ୍କୁ ନିଲମ୍ବନ ଛାଟ



**ଭବାନୀପାଟଣା,୬।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଡେପୁଟି କଲେକ୍ଟର ଚିତ୍ତ ରଞ୍ଜନ ପିଲ୍ଲାଙ୍କୁ ଶୁକ୍ରବାର ରାଜ୍ୟ ସରକାର ନିଲମ୍ବିତ କରିଛନ୍ତି। ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସୁପାରିସ୍ କ୍ରମେ ତାଙ୍କ ବିରୋଧରେ ଏ ପ ରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗତ ୨୦୨୦ରୁ ୨୦୨୨ ମଧ୍ୟରେ ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିବା ସମୟରେ ଶ୍ରୀ ପିଲ୍ଲା ବଡ଼ ଧରଣର ହେରଫେର କରିଥିଲେ। ସରକାରୀ ଜମିକୁ ମ୍ୟୁଟେସନ, ଲିଜ ଜମିକୁ କିସମ ପରିବର୍ତ୍ତନ, ରିଜେକ୍ଟ କେସକୁ ରିଓପନ କରି ମ୍ୟୁଟେସନ କରିଥିବା ନେଇ ଚିତ୍ତରଞ୍ଜନଙ୍କ ବିରୋଧରେ ବ୍ୟାପକ ଅଭିଯୋଗ ରହିଥିଲା। ଏପରିକି ଜମି ହେରଫେର ନେଇ ତାଙ୍କ ବିରୋଧରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ମଧ୍ୟ ମାମଲା ରହିଛି। ଏସବୁ ଦୁର୍ନୀତି ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଶ୍ରୀ ପିଲ୍ଲାଙ୍କୁ ନିଲମ୍ବିତ କରାଯାଇଛି। ଏବେ ସେ ଭବାନୀପାଟଣା ଜିଲ୍ଲାପାଳଙ୍କ ଅଫିସ୍‌ର ଗ୍ରିଏଭାନ୍ସ ସେଲରେ କାର୍ଯ୍ୟରତ ଥିଲେ।

# ବିକଶିତ କୃଷି ସଂକଳ୍ପ ଅଭିଯାନରେ ଆଲୋଚନାଚକ୍ର

**ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ):** ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଇଟିପୁର ଓ ଟିକରପଡା ଗ୍ରାମପଞ୍ଚାୟତର ଚାଷୀମାନଙ୍କୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନ୍ତର୍ଗତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସିଫାର ପ୍ରଧାନ ବୈଜ୍ଞାନିକ ଡ. ସୁଧାଂଶୁ ଶେଖର ମିଶ୍ର, ଡାଲି ଫସଲ ଅନୁସନ୍ଧାନ କେନ୍ଦ୍ରର ବୈଜ୍ଞାନିକ ଡ. ଅଶ୍ୱିନୀ ରାଉତ, କୃଷି ବୈଜ୍ଞାନିକ ସାମସିଂହ ଦୟା, ମତ୍ସ୍ୟ ବୈଜ୍ଞାନିକ ପଙ୍କଜ ତିୱାରୀ, ଖୋର୍ଦ୍ଧା ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ବ୍ଲକ କୃଷି ଅଧିକାରୀ ଶ୍ରୀମତୀ ରଞ୍ଜିତ, ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ବିଧାୟକ ପ୍ରତିନିଧି ମନୋଜ ପଶ୍ଚିମକବାଟ, କୃଷି ଅଧିକାରୀ ସୁନୀତା ମହାପାତ୍ର ଉପସ୍ଥିତ ରହି କୃଷକଙ୍କ ସହ ଆଲୋଚନା କରିଥିଲେ। ସମାଜସେବୀ ଆଲୋକ ରଞ୍ଜନ ସାହୁ, ବିଭୁତି ପ୍ରଧାନ, ଅରୁଣ ପୁରୋହିତ, ତ୍ରିନାଥ ଦାସଙ୍କ ମିଳିତ ପ୍ରୟାସରେ କାର୍ଯ୍ୟକ୍ରମଟି ସଫଳ ହୋଇଛି।



ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଶନିବାର ୭ ଜୁନ ୨୦୨୫, ଭୁବନେଶ୍ୱର
Saturday 7 June 2025, Bhubaneswar

# ଚୀନର ଦୁଷ୍ଟବୁଦ୍ଧି ପ୍ରତି ସତର୍କତା

ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଇତିମଧ୍ୟରେ ଅନେକ ଗୁଡ଼ିଏ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହିସବୁ ପ୍ରସ୍ତାବ ମଧ୍ୟରେ ଭାରତୀୟ ନୌସେନା ନିମନ୍ତେ ଶକ୍ତିଶାଳି ବରୁଣାସ୍ତ୍ର ପ୍ରସ୍ତୁତି ବା କ୍ରୟ ଅନ୍ୟତମ। ଏହା ପୂର୍ବରୁ ନୌସେନା ଲାଗି ଅତ୍ୟାଧୁନୀକ ସବମେରିନ କ୍ରୟ ଲାଗି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହା ଦ୍ୱାରା ଭାରତୀୟ ନୌସେନା ସଶାକ୍ତ ଏବଂ ସୁଦୃଢ଼ ହୋଇପାରିବ। ଭାରତର ତିନି ଦିଗରେ ସମୁଦ୍ର। ତେଣୁ ସୀମା ସୁରକ୍ଷା ପାଇଁ ନୌସେନା ସଶକ୍ତ ହେବା ନିହାତି ଜରୁରୀ। କିଛି ମାସ ତଳେ ଭାରତୀୟ ନୌସେନାରେ ୩ଟି ଅତ୍ୟାଧୁନୀକ ଯୁଦ୍ଧ ଜାହାଜ ଆଇଏନଏସ ସୁରତ, ଆଇଏନଏସ ବାଘଶୀର ଏବଂ ଆଇଏନଏସ ନୀଳଗିରି ସାମିଲ ହୋଇଛି। ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ୩ଟି ଯୁଦ୍ଧ ଜାହାଜ ଦୂରଗାମୀ କ୍ଷେପଣାସ୍ତ୍ର ନିକ୍ଷେପ ଲାଗି ସମର୍ଥ। ଏହା ମଧ୍ୟ ଏୟାରକ୍ରାଫ୍ଟ କ୍ୟାରିୟର। ଏହା ଦ୍ୱାରା ଭାରତୀୟ ନୌସେନା ବା ଭାରତୀୟ ସେନା ବେଶ ଶକ୍ତିଶାଳି ଏବଂ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି ଆଶା କରାଯାଉଛି। ଏକଦା ଭାରତୀୟ ନୌସେନାରେ ମାତ୍ର ଗୋଟିଏ ଏୟାରକ୍ରାଫ୍ଟ କ୍ୟାରିୟର ବିକ୍ରାନ୍ତ ଥିଲା। ତାହା ବି ମାଗିକି ଅଣାଯାଇଥିଲା। ଏବେ ଭାରତ ନିକଟରେ ଅନେକ ଶକ୍ତିଶାଳି ଯୁଦ୍ଧ ଜାହାଜ, ଏୟାରେକ୍ରାଫ୍ଟ କ୍ୟାରିୟର, ଅଣୁ ଶକ୍ତି ସମ୍ପନ୍ନ ସବମେରିନ ରହିଛି। ଏହା ଦ୍ୱାରା ଭାରତ ଉଭୟ ପାକିସ୍ତାନ ଏବଂ ଚୀନର ମୁକାବିଲା କରିପାରିବ ବୋଲି କୁହାଯାଉଛି। ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବାରେ ଏହା ଏକ ମହତ୍ୱପୂର୍ଣ୍ଣର୍ ପଦକ୍ଷେପ। ଆମେରିକା ଓ ଚୀନ ଭଳି ଦେଶର ଆର୍ଥିକ ସମୃଦ୍ଧିର ଏକ ବଡ଼ କାରଣ ହେଲା ଏମାନେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ବିଦେଶରୁ ଏସବୁ କ୍ରୟ କରିବାକୁ ପଡ଼େନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ମଧ୍ୟ ଚୀନ ଓ ଆମେରିକା ଏପରିକି ଋଷିଆ ମଧ୍ୟ ଆତ୍ମନିର୍ଭରଶୀଳ। ଭାରତ ଏସବୁ ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରେ ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧ୍ୟରେ ଭାରତୀୟ ବାୟୁସେନା ଆଉ କିଛି ଲଢୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ରୁଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱି ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ। ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ ଆମେରିକାରୁ ମଧ୍ୟ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ୍ୟ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୌସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୌସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଓଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢୁଆ ବିମାନ ତେଜସ ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନ କୌଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ତେବେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢୁଆ ବିମାନ ତେଜସ ଏବଂ ହେଲିକପ୍ଟରରେ ତ୍ରୁଟି ରହିଛି। ଫଳରେ ଏସବୁ ବିମାନ ଏବଂ ହେଲିକପ୍ଟର ବାରମ୍ବାର ଦୁର୍ଘଟଣାଗ୍ରସ୍ତ ହେଉଛି। ଏହାକୁ ଭଲଭାବେ ଯାଞ୍ଚ କରି ତ୍ରୁଟି ସଂଶୋଧନ କରାଯିବା ଉଚିତ। ସ୍ଥଳସେନା ପାଇଁ ଅତ୍ୟାଧୁନୀକ ଟ୍ୟାଙ୍କ ଏବଂ ଅନ୍ୟ ସାମରିକ ସରଞ୍ଜାମର ଆବଶ୍ୟକତା ରହିଛି। ଏହାର ଉତ୍ପାଦନ ବୃଦ୍ଧି ଏବଂ ଗୁଣାତ୍ମକ ମାନ ଉପରେ ଦୃଷ୍ଟି ଦିଆଯିବା ଉଚିତ। ସାମରିକ ଦୃଷ୍ଟିରୁ ଚୀନଠାରୁ ଭାରତ ଏବେ ବି ବହୁ ପଛରେ ପଡ଼ିଛି। ଚୀନ ସହ ସମକକ୍ଷ ହେବାକୁ ହେଲେ ଆମକୁ ପ୍ରତିରକ୍ଷା ବାବଦ ବ୍ୟୟ ବରାଦ ବୃଦ୍ଧି କରିବାକୁ ପଡ଼ିବ। ଆସନ୍ତା କେନ୍ଦ୍ରୀୟ ବଜେଟରେ ଏଥିଲାଗି ଅଧିକ ଅର୍ଥ ବରାଦ ହେବ ବୋଲି ଆଶା। ତେବେ ଅଗ୍ନିପଥ ଯୋଜନା ନୁହେଁ, ସେନାରେ ଅତ୍ୟାଧୁନୀକ ତାଲିମ ପ୍ରାପ୍ତ ଶିକ୍ଷିତ ଯୁବକଙ୍କୁ ସ୍ଥାୟୀ ନିଯୁକ୍ତିର ଆବଶ୍ୟକତା ରହିଛି। ଏଲଏସିରେ ପ୍ରତିକୁଳ ପରିସ୍ଥିତିରେ କିପରି ଲଢ଼େଇ କରିବାକୁ ହେବ ସେଥିଲାଗି ତାଲିମର ଆବଶ୍ୟକତା ରହିଛି। ନିକଟରେ ପ୍ରଧାନମନ୍ତ୍ରୀ ମୋଦି କାଶ୍ମୀରରେ ଏକ ନୂତନ ଟନେଲ ଉଦଘାଟନ କରିଛନ୍ତି। ଏହା ଫଳରେ କାଶ୍ମୀରରୁ ଲଦାଖକୁ ଯୋଗାଯୋଗ ସହଜ ଏବଂ ସୁବିଧାଜନକ ହୋଇପାରିବ। ଏହା ଭାରତୀୟ ସେନା ପାଇଁ ଏକ ଗେମ ଚେଞ୍ଜର ଭାବେ କାର୍ଯ୍ୟ କରିବ ବୋଲି ଆଶା। ଗତ ସପ୍ତାହରେ କ୍ୟାବିନେଟ କମଟି ସେନା ପାଇଁ ଅତ୍ୟାଧୁନୀକ କମାଣ ଏବଂ ତୋପ ସହିତ ହାଲୁକା ହେଲିକପ୍ଟର କ୍ରୟ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହି ସବୁ ହାଲୁକା ହେଲିକପ୍ଟର ହାଲ ନିର୍ମାଣ କରିବ। ଏହା ଦ୍ୱାରା ହାଲର ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ। ସେହିପରି ସେନା ପାଁ କିଛି ଯାନ କିଣିବା ପ୍ରସ୍ତାବ ଅନୁମୋଦିତ ହୋଇଛି। ଏସବୁ ପ୍ରସ୍ତାବ ଆଗାମୀ ୩ ବର୍ଷ ଭିତରେ କାର୍ଯ୍ୟକ୍ଷମ ହେବ। ତେଣୁ ୨୦୨୮ ସୁଦ୍ଧା ଭାରତର ସାମରିକ ଶକ୍ତି ଦ୍ୱିଗୁଣିତ ହେବ ବୋଲି ଆଶା କରିବା ଭୁଲ ହେବ ନାହିଁ।

# ଓଡ଼ିଆ ସାହିତ୍ୟରେ ଅଭିମନ୍ୟୁ କାବ୍ୟର ଅବଦାନ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ଅଭିମନ୍ୟୁ ସାମନ୍ତସିଂହାର ୧୭୬୦ ମସିହା ଫେବୃଆରୀ ୨୩ତାରିଖ ଦିନ ଯାଜପୁର ଜିଲ୍ଲାର ବାଲିଆଠାରେ ହୋଇଥିଲା।ବାଲିଆ ଗ୍ରାମ ଯାଜପୁର ଜିଲ୍ଲାର ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ଠାରୁ ଅନତିଦୁରରେ ଅବସ୍ଥିତ। ତାଙ୍କର ପିତା ଥିଲେ ଜଣେ ଅପୁତ୍ରିକ ଜମିଦାର ଇନ୍ଦ୍ରଜିତ ସାମନ୍ତ ସିଂହାର। ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ନାମରେ ଜଣେ ପଣ୍ଡିତଙ୍କ ଦେବପୂଜା ହେତୁ ଅଭିମନ୍ୟୁ ଜନ୍ମ ହେବାର ପ୍ରବାଦ ରହିଅଛି। ସେ ହି ଅଭିମନ୍ୟୁଙ୍କ ଗୁରୁ ଥିଲେ। ତରୁଣ ବୟସରେ ସେ ବାଘ ଗୀତ, ଚଢାଇ ଗୀତ ଆଦି ରଚନା କରି ଓଡ଼ିଆ ଲୋକ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ରାଧାକୃଷ୍ଣ ପ୍ରେମ ସମ୍ପର୍କରେ ସେ ଅନେକ କାବ୍ୟ ରଚନା କରିଛନ୍ତି। ବିଦଗ୍ଧ ଚିନ୍ତାମଣି ତାଙ୍କ ଶ୍ରେଷ୍ଠ କୃତି। ମାତ୍ର ୯ ବର୍ଷ ବୟସରେ ସେ ପ୍ରଥମ ପଦ୍ୟ ରଚନା କରିଥିଲେ।

" କରମଙ୍ଗା ଗଛ ଛାଇ ଗୋ, ମୋର ହୁଁ ଗୋ।
କରମ ଯାହାର ସଫଳ ହୋଇବ,
କୃଷ୍ଣଙ୍କୁ ଲଭିବ ସେହି ଗୋ, ମୋର ହୁଁ ଗୋ "।

କେତେଗୋଟି ଜନପ୍ରିୟ ଛାନ୍ଦର ବିଶିଷ୍ଟ ରାଗ ନାମ ଏହି ଗ୍ରନ୍ଥରେ ଦେଖିବାକୁ ମିଳେ, ଯଥା- ଗଡ଼ମାଳିଆ, ଫୁଲତୋଳା ଇତ୍ୟାଦି। ଏଭଳି ନାମଗୁଡ଼ିକୁ କବିଙ୍କ ଶ୍ରଦ୍ଧା ନାମ କୁହାଯାଇପାରେ। ଏହି ଗ୍ରନ୍ଥରୁ ତାଙ୍କ ଜନ୍ମ ବିଷୟରେ ମଧ୍ୟ ଜାଣିହୁଏ। ତାଙ୍କ ପିତା ଇନ୍ଦ୍ରଜିତ ସାମନ୍ତ ସିଂହାରଙ୍କ ସମ୍ପର୍କରେ ବି ଏଥିରେ ବର୍ଣ୍ଣିତ। ସେ ଯେ ସେଠାକାର ରାଜା ଥିଲେ ଓ ତାଙ୍କ ଲେଖାପାଇଁ ଉତ୍ସାହିତ କରିଥିଲେ ତାହା ଏଥିରେ ବର୍ଣ୍ଣିତ। ଅଭିମନ୍ୟୁ ସାମନ୍ତସିଂହାରଙ୍କ ରଚନା ବିଦଗ୍ଧ ଚିନ୍ତାମଣି, ପ୍ରେମ କଳା, ରସବତୀ, ସୁଲକ୍ଷଣା, ପ୍ରେମ ତରଙ୍ଗିଣୀ , ବାଘ ଗୀତ, ଚଢ଼େଇ ଗୀତ, ବୋଲେ ହୁଁ, ପ୍ରେମ (ପ୍ରୀତି) ଚିନ୍ତାମଣି ଓଡ଼ିଆ ସାହିତ୍ୟର ଏକ ମୁଲ୍ୟବାନ ଗ୍ରନ୍ଥ। କେତେଗୋଟି ଜନପ୍ରିୟ ଛାନ୍ଦର ବିଶିଷ୍ଟ ରାଗ ନାମ ଏହି ଗ୍ରନ୍ଥରେ ଦେଖିବାକୁ ମିଳେ, ଯଥା-ଗଡ଼ମାଳିଆ, ଫୁଲତୋଳା ଇତ୍ୟାଦି ଇତ୍ୟାଦି। ଏଭଳି ନାମଗୁଡ଼ିକୁ କବିଙ୍କ ଶ୍ରଦ୍ଧା ନାମ କୁହାଯାଇପାରେ। ଏହି ଗ୍ରନ୍ଥରୁ ତାଙ୍କ ଜନ୍ମ ବିଷୟରେ ମଧ୍ୟ ଜାଣିହୁଏ।

ଅଭିମନ୍ୟୁଙ୍କ ଆଦି ଜନ୍ମସ୍ଥାନ ଜୟପୁର ଅନ୍ତର୍ଗତ ଭାବଙ୍ଗର ବୋଲି କୁହଯାଏ ଆଉ କେନ୍ଦ୍ରାପଡ଼ା କ୍ଷତ୍ରିୟବଂଶ ଯୋଧପୁରରୁ ଆସିଥିଲେ ବୋଲି କିଛି ଗବେଷକଙ୍କ ମତ। ସାମନ୍ତସିଂହାର ବଂଶ ସେ ବଂଶର ଅନେକ ପରବର୍ତ୍ତୀ ବୋଲି ଅନୁମାନ କରାଯାଏ। ଏ ବଂଶ ଖୋର୍ଦ୍ଧାର ଭୋଇବଂଶୀୟ ରାଜାଙ୍କଠାରୁ ବରୁଆଂପ୍ରଗନା-ଅନ୍ତର୍ଗତ ବାଲିଆ ଜମିଦାରୀ ପ୍ରାପ୍ତ ହୋଇଥିଲେ ବୋଲି କୁହଯାଏ। ଅଭିମନ୍ୟୁଙ୍କୁ ସାମନ୍ତସିଂହାର ଉପାଧି ମିଳିଥିଲା। ସାମନ୍ତସିଂହାର ଉପାଧି କାହାଠାରୁ ପ୍ରାପ୍ତ ହୋଇଥିଲା ତାହା ନିଶ୍ଚିତରୂପେ ଜଣା ନାହିଁ। କେତେକଙ୍କ ମତେ ସେ ଅଞ୍ଚଳରେ ସେତେବେଳେ ବରପଦା ପ୍ରଭୃତି ନାମରେ ସାତ ଟପା ଥିଲା। ଏହି ସାତ ଟପାରେ ରଣସିଂହ ମହାପାତ୍ର, ଦକ୍ଷିଣରାୟ ମହାପାତ୍ର ପ୍ରଭୃତି ବିଭିନ୍ନ ରାଜୋପାଧିଧାରୀ ସାତ ସାମନ୍ତ ଥିଲେ। ଅଭିମନ୍ୟୁଙ୍କ ପୂର୍ବପୁରୁଷ ଏହି ସାମନ୍ତ ମଧ୍ୟରେ ଗଣ୍ୟ ନ ହେଉଥିଲେ ହେଁ ଏକ ସମୟରେ ସେ ବଂଶର ଜଣେ କେହି ଅପର ସାତ ସାମନ୍ତଙ୍କୁ ଗୋଟିଏ ମହା ବିପଦରୁ ବୁଦ୍ଧିବଳେ ରକ୍ଷା କରିଥିଲେ। ଏଥିରେ ସାମନ୍ତମାନେ ସନ୍ତୁଷ୍ଟ ହୋଇ 'ସାମନ୍ତସିଂହାର' ଅର୍ଥାତ୍ ସାମନ୍ତଭୂଷଣ ଉପାଧି ପ୍ରଦାନ କରିଥିଲେ। ସେହି ଉପାଧି ରାଜଦତ୍ତ ଉପାଧି ପ୍ରାୟ ସମ୍ମାନ ସହ ବଂଶପରମ୍ପରା ଚଳି ଆସୁଛି। ତାଙ୍କର ଏକ ସୁନ୍ଦର ରଚନା ମଧ୍ୟରେ କରମଙ୍ଗା ଗଛ ଛାଇ ଗୋ... ବେଶ ଲୋକପ୍ରିୟ।

" କରମଙ୍ଗା ଗଛ ଛାଇ ଗୋ,
ମୋର ହୁଁ ଗୋ।
କରମ ଯାହାର ସଫଳ ହୋଇବ,
କୃଷ୍ଣଙ୍କୁ ଲଭିବ ସେହି ଗୋ,
ମୋର ହୁଁ ଗୋ... "।

ଅଭିମନ୍ୟୁଙ୍କ ରଚନା ମଧ୍ୟରୁ ବିଦଗ୍ଧ ଚିନ୍ତାମଣି କାବ୍ୟ ଖୁବ୍ ବଳିଷ୍ଠ ଆଉ ଓଡ଼ିଆ ସାହିତ୍ୟକୁ ବରଦାନ ବୋଲି କୁହାଯାଇପାରେ। ଏହି କାବ୍ୟର ରଚୟିତା ଅଭିମନ୍ୟୁ ନିଜ ପତ୍ନୀଙ୍କ ସତ୍ୟତା ପରୀକ୍ଷା କରୁ କରୁ ତାଙ୍କ ଅକାଳବିୟୋଗ ଘଟିବାରୁ ସେ ନିଜକୁ ଦାୟୀ ବିଚାରି ତନ୍ମୟ ହୋଇପଡ଼ିଥିଲେ। ସେହି ଦୁଃଖରେ ରାଧାକୃଷ୍ଣଙ୍କୁ ଭାବନା କରି ବିଦଗ୍ଧ ଚିନ୍ତାମଣି ନାମକ ଶହେ ଛାନ୍ଦ ବିଶିଷ୍ଟ କାବ୍ୟ ପ୍ରଣୟନ କରିବାକୁ ମନସ୍ଥ କଲେ କିନ୍ତୁ ୯୭ ଗୋଟି ଛାନ୍ଦ ଲେଖିଲା ପରେ ତାଙ୍କ ସ୍ୱର୍ଗବାସ ହୋଇଥିଲା। ଏହା ସତ୍ତ୍ୱେ ବିଦଗ୍ଧ ଚିନ୍ତାମଣି ଓଡ଼ିଆ ସାହିତ୍ୟର ସବୁଠୁ ବଡ଼ କାବ୍ୟ ହୋଇ ରହିଛି। ତାଙ୍କ ଛାନ୍ଦ ଗୁଡିକ ହେଲା - ଅପ୍ରାକୃତ ପ୍ରେମମୂର୍ତ୍ତି, ଧୀରେ ଧୀରେ ଶୁଣ ଏ ଉତ୍ତାରୁ ଚରିତ, କୃଷ୍ଣ ପଉଗଣ୍ଡକାଳ ଅନ୍ତରେ, ଧୀରେ ଘେନ ରାଧା ଉନ୍ମାଦୀ ଉତ୍ସବ, ଅ ପୂର୍ବାନୁପ୍ରାସରେ ଛାନ୍ଦ ରସ, ଆନନ୍ଦେ କୋବିଦେ ପିଅ ଏ ରସ ଶ୍ରବଣେ, ଇ ପୂର୍ବାନୁପ୍ରାସ ଦୀର୍ଘ ହ୍ରସ୍ୱ ବେନି ନିୟମ ଏ ଛାନ୍ଦ, ଉଷତରେ ଶୁଣ ହେ ସୁଧୀରେ ଧିରେ, ଶ୍ରୀରାଧା କୃଷ୍ଣନାମ ଶୁଣି କାତରେ, ଧୀରେ ଶୁଣ ଏ ଉତ୍ତାରୁ ଯେତେ ରସ, ରସ ବିଦୁଷେ ଏ ଛାନ୍ଦେ ରସ... ଇତ୍ୟାଦି ଇତ୍ୟାଦି।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ: ୯୯୩୮୯୦୬୦୭୦**

# ଉତ୍ତର-ପୂର୍ବାଞ୍ଚଳରେ ମୌସୁମୀର କ୍ରୋଧ

**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**



କେରଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଆଗୁଆ ପ୍ରବେଶ ଯେତିକି ସୁଖଦ ଥିଲା ଏବେ, ଉତର-ପୂର୍ବାଚଂଳ ରାଜ୍ୟଗୁଡିକ ତଥା ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା ଏବଂ ଉତମ ସିକିମରେ ଏହାର କରାଳ ରୂପ ସେତିକି ଦୁଃଖ, ଦୁର୍ଦ୍ଦଶାର କାରଣ ପାଲଟିଛି ବୋଲି କୁହାଯାଇପାରିବ। କେରଳରେ ମୌସୁମୀ ପ୍ରବେଶ କରିବା ପରେ ଉତର-ପୂର୍ବ ଅଭିମୁଖେ ଅଗ୍ରସର ହେବା ସହ ଏହାର କରାଳ ରୂପ ପ୍ରକାଶ କରିଛି। ପ୍ରବଳ ମୌସୁମୀ ଜନିତ ପ୍ରବଳ ବର୍ଷାରେ ଉତର ପୂର୍ବାଚଂଳ ରାଜ୍ୟ ଗୁଡିକରେ ପ୍ରଳୟଙ୍କାରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଆସାମର ୧୦ଟି ବଡ ବଡ ନଦୀ ଗୁଡିକରେ ପ୍ରଳୟଙ୍କାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନଦୀଗୁଡିକ ବିଭିନ୍ନ ସ୍ଥାନରେ ବିପଦ ସଂକେତ ଉପରେ ପ୍ରଭାବିତ ହେଉଛି। ବନ୍ୟା ପ୍ରଭାବରେ ରାଜ୍ୟର ୧୯ଟି ଜିଲ୍ଲାରେ ୩ଲକ୍ଷରୁ ଉର୍ଦ୍ଧ୍ୱର୍ ଲୋକ ପ୍ରଭାବିତ ହୋଇଥିବାବେଳେ ଜନସାଧାରଣଙ୍କର ଦୈନନ୍ଦିନ କାର୍ଯ୍ୟ ଠପ୍ ହୋଇଯାଇଛି। ହଜାର ହଜାର ଗ୍ରାମ ବନ୍ୟା ଜଳ ଘେରରେ ଜଳବନ୍ଦୀ ହୋଇ ଯାଇଥିବା ସମୟରେ ଗମନାଗମନ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ଗତ ଚାରିଦିନ ଧରି ମୌସୁମୀ ପ୍ରଭାବରେ ପ୍ରବଳ ବର୍ଷା ଓ ତତ୍ ସହିତ ବନ୍ୟା ଯୋଗୁଁ ବର୍ତମାନ ସୁଦ୍ଧା ୩୧ଜଣଙ୍କର ମୃତ୍ୟୁ



ଘଟିଥିବା ସରକାରୀ ଭାବେ କୁହାଯାଇଛି। ଏହା ନିସନ୍ଦେହ ଯେ, ଆସାମ ଏକ ବନ୍ୟା ପ୍ରବଣ ରାଜ୍ୟ ଭାବେ ପରିଚିତ। ମୌସୁମୀ ଋତୁର ଆରମ୍ଭରୁ ରାଜ୍ୟର ଜନସାଧାରଣ ଯେପରି ବନ୍ୟା ଓ ବର୍ଷା ଉବୁଟୁବୁ ହୋଇଛନ୍ତି। ଆଗକୁ ପରିସ୍ଥିତି ଆହୁରି ଭୟଙ୍କର ହେବା ସମ୍ଭାବନାକୁ ଏଡାଇ ଦିଆ।ଯାଇନପାରେ। ତ୍ରିପୁରାରେ ମଧ୍ୟ ଅନୁରୂପ ଅବସ୍ଥା। ତ୍ରିପୁରାରେ ପ୍ରବଳ ମୌସୁମୀ ଜନିତ ବର୍ଷା ଯୋଗୁଁ ବହୁ ଜିଲ୍ଲା କ୍ଷତିଗ୍ରସ୍ତ ହୋଇଥିବାବେଳେ ସପ୍ତାହ ଶେଷ ବେଳକୁ ଆହୁରି ପ୍ରବଳରୁ ପ୍ରବଳତର ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଉଭୟ ଉତର-ପୂର୍ବାଚଂଳ ରାଜ୍ୟରେ ବର୍ଷା ଜନିତ ଭୂସ୍ଖଳନ, ବନ୍ୟା, ଆକସ୍ମିକ ବନ୍ୟା ଏବଂ ବଜ୍ରପାତରେ ମୃତ୍ୟୁ ସଂଖ୍ୟା ୩୧କୁ ବୃଦ୍ଧି ପାଇଛି। କେବଳ ଗତ ମେ' ୩୧ତାରିଖ ଦିନ ବର୍ଷା ଓ ବନ୍ୟାରେ ୨୨ଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି। ସେହିପରି ପ୍ରବଳ ବର୍ଷା ଜନିତ ଭୂସ୍ଖଳନ ଯୋଗୁଁ ଉତର ସିକିମର ବିଭିନ୍ନ ସ୍ଥାନରେ ୧୫୦୦ରୁ ଉର୍ଦ୍ଧ୍ୱର୍ ପର୍ଯ୍ୟଟକ ଫସି ରହିଛନ୍ତି। ତିସ୍ତା ନଦୀରେ ଏକ ପର୍ଯ୍ୟଟକବାହୀ ଗାଡି ଖସି ପଡିବା ଯୋଗୁଁ ବହୁ ପର୍ଯ୍ୟଟକ ଭାସି ଯାଇ ନିଖୋଜ ହୋଇଯାଇଛନ୍ତି। ଦୁଇଜଣ ଯାତ୍ରୀଙ୍କର ମୃତ ଦେହ ଉଦ୍ଧାର କରାଯାଇଥିବାବେଳେ ୮ରୁ ଉର୍ଦ୍ଧ୍ୱର୍ ପର୍ଯ୍ୟଟକ ଏବେ ବି ନିଖୋଜ ଅଛନ୍ତି। ଜୁନ୍ ମାସରେ ଏଭଳି ଦୁଃଖଦ ଘଟଣା ଘଟିଛି। ଚଳିତ ବର୍ଷ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବା ବେଳେ ଆଗକୁ ଆହୁରି ଦୈବ ଦୁର୍ବିପାକ ଘଟଣା ଘଟିବା ଆଶଙ୍କା ଏଡାଇ ଦିଆଯାଇନପାରେ। ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରଭାବରେ ଦେଶର ଉତର-ପୂର୍ବାଚଂଳ ରାଜ୍ୟଗୁଡିକ ବର୍ଷା ଓ ବନ୍ୟ ପରି ପ୍ରାକୃତିକ ବିପର୍ଯ୍ୟାୟର ସମ୍ମୁଖୀନ ହୋଇଥିବାବେଳେ କେରଳ ପରି ଓଡିଶାରେ ଆଗୁଆ ମୌସୁମୀ ପ୍ରବେଶ କରିଥିବା ସତ୍ୱେ ରାଜ୍ୟରେ ଏବେ ଦୁର୍ବଳ ହୋଇଯାଇଛି। ମୌସୁମୀ ଦୁର୍ବଳ ହୋଇପଡିବା ଯୋଗୁଁ ରାଜ୍ୟରେ ଏବେ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳୁ ଯୋଗୁଁ ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ରାଜ୍ୟରେ ଏହିଭଳି ଅସହ୍ୟ ତାତି ଅହୁରି ସପ୍ତାହେ ରହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହା ନିସନ୍ଦେହ ଯେ, ଆରମ୍ଭରୁ ମୌସୁମୀ କରାଳ ରୂପ ବିଶ୍ୱ ଜଳବାୟୁ ପରିବର୍ତନର ପ୍ରଭାବ ବୋଲି କୁହାଯାଉଛି। ବିଶ୍ୱ ଜଳବାୟୁ ପରିବର୍ତନର ପ୍ରଭାବକୁ ଦୃଷ୍ଟିରେ ରଖି ବେଳ ହୁଁ ସାମଧାନ ହେବା ଜରୁରୀ। ଅନ୍ୟଥା କେବଳ ପ୍ରାକୃତିକ ବିପର୍ଯ୍ୟାୟର ସମ୍ମୁଖୀନ ହେବା ସାର ହେବ। ମୌସୁମୀ ପ୍ରଭାବରେ କେଉଁଠି ଅତିବୃଷ୍ଟି ତ କେଉଁଠି ଅନାବୃଷ୍ଟି ହେବାର ସମ୍ଭାବନାକୁ ଅଗ୍ରାହ୍ୟ କରାଯାଇନପାରେ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# କେତେ ଦିନ ଲାଗି ମର୍ତ୍ତ୍ୟେ ଅବା ଘର, ଏଥିଲାଗି କିମ୍ପା ଏତେ ଆଡମ୍ବର ?

**କିଶୋର କୁମାର ଜେନା**





ରାସ୍ତା କଡ଼ ବେଞ୍ଚରେ ବସିଥିଲେ ଜଣେ ବୟସ୍କା ମହିଳା। ଆଖି ଥିଲା ରାସ୍ତା ଉପରେ। ସାଇକେଲରୁ ଖସିପଡ଼ି ବାଳକଟିଏ ଆହତ ହେବାର ଦୃଶ୍ୟ ତାଙ୍କୁ ଅସ୍ତବ୍ୟସ୍ତ କରୁଥିଲା। ପୁଣି ଜରାଜୀର୍ଣ୍ଣ ବୃଦ୍ଧଙ୍କ ଧୀର-ମନ୍ଥର ଚାଲି ତାଙ୍କ ହୃଦୟକୁ ଦୁଃଖୀଭିଭୂତ କରିପକାଉଥିଲା। ବ୍ୟାୟାମ ସାରି ଫେରୁଥିବା ଯୁବକମାନଙ୍କୁ ସେ ଦେଖୁଥିଲେ। ହାତ ଧରା ଧରି ହୋଇ ରାସ୍ତା କଡ଼ରେ ଚାଲୁଥିବା ନବଦମ୍ପତି ତାଙ୍କୁ ବେଶ୍ ଆମୋଦିତ କରୁଥିଲେ। ନିଜ ଜୀବନର ସ୍ମୃତି ସବୁ ତାଙ୍କ ମାନସ ପଟରେ ଉଙ୍କି ମାରିଲେ। ତିକ୍ତ ମଧୁର, ସ୍ମୃତି, ନିଃସଙ୍ଗତା ତାଙ୍କୁ ଆନମନା କରିପକାଇଲା। ସେ କେତେବେଳେ ହସୁଥିଲେ। ତ କେତେବେଳେ ଅଜାଣତରେ ଆଖିରୁ ଲୁହ ବୋହିଯାଉଥିଲା। ତାଙ୍କର ଏ ଭଳି ହାବଭାବ ପ୍ରତି କାହାରି ନଜର ନଥିଲା। ହଠାତ୍ ପାଖରେ ଥିବା ଜଳାଶୟ ଲୋକାରଣ୍ୟ ହୋଇ ଉଠିଲା। ମହିଳା ବସିଥିବା ସ୍ଥାନରୁ ଉଠିଗଲେ। ଦେଖିଲେ ଛୋଟ ପିଲାଟିଏ ପାଣିରେ ବୁଡ଼ିଯାଉଛି। ହେଲେ କେହି ଉଦ୍ଧାର କରୁନାହାନ୍ତି। ମହିଳା ସଙ୍ଗେ ସଙ୍ଗେ ଜଳାଶୟ ଭିତରକୁ ପଶି ପିଲାଟିକୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା କଲେ। ତାଙ୍କର ହୃଦ୍‌ବୋଧ ହେଲା, ଏ ପୃଥିବୀରେ ଅନେକ ଦୁଃଖ ଭିତରେ ବଞ୍ଚିବାର ରାହା ଟିକିଏ କେଉଁଠି ନା କେଉଁଠି ଅଛି। ଅତୀତ କେବଳ ସ୍ମୃତି ଯାହା ମୃତ। ଅତୀତକୁ ନେଇ ଦୁଃଖୀ କିମ୍ବା ଆନନ୍ଦିତ ହେବାରେ କିଛି ଯଥାର୍ଥତା ନାହିଁ ବରଂ ବର୍ତ୍ତମାନକୁ ନେଇ ବଞ୍ଚିବା ବୁଦ୍ଧିମାନର କାମ। ସେ ନିଜକୁ ଅଧିକ ଭଲ ପାଇଲେ ଏବଂ ଅନ୍ୟ ପ୍ରତି ତାଙ୍କର ଭଲ ପାଇବାର ପଥ ସେହି ଦିନ ଠାରୁ ଉନ୍ମୁକ୍ତ ହୋଇଗଲା। ନିଃସଙ୍ଗତା ହୁଏ ତ ଖୁବ୍ ଯନ୍ତ୍ରଣାଦାୟକ ହୋଇପାରେ। ମାତ୍ର ଅନ୍ୟର ଦୁଃଖ ଓ ସୁଖରେ ନିଜକୁ ସାମିଲ କରାଇଲେ ନିଃସଙ୍ଗତା ଦୂର ହୁଏ। ଅନ୍ୟକୁ ସୁଖ ଦେବା ଏବଂ ଅନ୍ୟର ଦୁଃଖ ନେବାରୁ ମିଳେ ଅସୀମ ଆନନ୍ଦ।

ଆମମାନଙ୍କ ଜୀବନ ଚେତନା ସମ୍ପର୍କରେ ଟିକିଏ ଉଲ୍ଲେଖ କରୁଛି। ଶିଶୁ କୁଅଁ କୁଆଁ ହୋଇ କାନ୍ଦେ। ଟିକିଏ ବଡ଼ ହେଲେ ଡିଏଁ, ନାଚେ, କଣ୍ଢେଇ ଧରି ଖେଳେ। ଆଉ ଟିକିଏ ବଡ଼ ହେଲେ ବହିଖାତା ଧରି ପାଠ ପଢ଼ିବାକୁ ଯାଏ। କ୍ରମେ ଆହୁରି ବଡ଼ ହୋଇ ପରୀକ୍ଷାରେ ପାଶ କରେ ଓ ଉପାଧି ପାଏ। ଯୁବା ଅବସ୍ଥା ପାଇଗଲେ, ନିଶ ମୋଡ଼ି କଥା କଥାକେ କଳି କରିବାକୁ ଡିଏଁ। ସ୍ତ୍ରୀପଛରେ ଗୋଡାଏ। ଯଶ, ଗୌରବ ଓ ନାମ ପାଇଁ ଧାଁଧପଡ଼ କରେ। ଟଙ୍କା ପଇସା ସଞ୍ଚେ। ବିବାହ କରେ। ସନ୍ତାନସନ୍ତତି ଜନ୍ମ ହୁଅନ୍ତି। ସମୟ ଗଡ଼ିଚାଲେ। ସେ ବୁଢ଼ା ହୋଇଯାଏ। ତା'ର ଦୃଷ୍ଟି ଶକ୍ତି କମିଆସେ। ସେ ଚଷମା ପିନ୍ଧେ। ପଥର ଦାନ୍ତ ଲଗାଏ। ଅତି ବୁଢ଼ାବେଳେ ବାଡ଼ି ଖଣ୍ଡିଏ ଧରି ଥରି ଥରି ଚାଲେ। ଶେଷରେ ଦିନେ ହିକ୍‌କା ଉଠେ। ତା'ର ପ୍ରାଣବାୟୁ ଉଡ଼ିଯାଏ। ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଆମ ମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି "ମନୁଷ୍ୟ ଏକ ଦେହଧାରୀ ଆତ୍ମା। ମୂଳତଃ ମନୁଷ୍ୟ ଏକ ଆଧ୍ୟାତ୍ମିକ ଜୀବ। ସେ ମୂଳତଃ ଏକ ଆଧ୍ୟାତ୍ମିକ ଶକ୍ତି ବା ଆତ୍ମା ହୋଇଥିବାରୁ ତାର ଜୀବନ ରହିଛି। ଆତ୍ମା ବା ଦିବ୍ୟଶକ୍ତି ହିଁ ତାର ଅନ୍ତରତମ ସାର। ମନୁଷ୍ୟର ପ୍ରକୃତି ସ୍ୱଭାବ ହେଉଛି ଐଶ୍ୱରିକତା। ତାର ସ୍ଥୂଳଶରୀର ଓ ବୁଦ୍ଧି ତାର ଅନ୍ତର୍ନିହିତ ଆତ୍ମା ଉପରେ ନିର୍ଭର କରେ। କିନ୍ତୁ ବଡ଼ ଦୁଃଖର ବିଷୟ ଯେ, ମନୁଷ୍ୟ ଆତ୍ମା ସମ୍ବନ୍ଧରେ ପ୍ରାୟ କିଛି ଜାଣେ ନାହିଁ। ଯେଉଁ ମନୁଷ୍ୟ ଆତ୍ମାର ସାକ୍ଷାତ ଲାଭ କରେ, ସେ ନିରାପତ୍ତା, ନିଶ୍ଚିତତା, ପୂର୍ଣ୍ଣତା, ସ୍ୱାଧୀନତା, ମୁକ୍ତି, ଅମରତ୍ୱ ତଥା ଶାଶ୍ୱତ ସୁଖ ଲାଭ କରେ।'

ଏହି ସଂସାର, ଏହି ପ୍ରପଞ୍ଚ, ଏହି ପାର୍ଥିବ ଚେତନା ହିଁ ଆମର ସକଳ ଦୁଃଖଯନ୍ତ୍ରଣାର ହେତୁ। ଏଥିରେ ଅନ୍ୟ କାହାର ହାତ ନାହିଁ। ବ୍ୟାଘ୍ରଭୟ, ସର୍ପଭୟ, ବିଛାଭୟ, ଜ୍ୱର, ଅମାଶୟ, ଯୁଦ୍ଧ ବିଗ୍ରହ, ମହାମାରୀ, ଭୂମିକମ୍ପ, ବାତ୍ୟା, ଦୁର୍ଭିକ୍ଷ, ଅଗ୍ନି ଉତ୍ପାତ - ଏସବୁ ହେଉଛି ଗୋଟିଏ ଗୋଟିଏ ନିମିତ୍ତ, ଗୋଟିଏ ଗୋଟିଏ ପ୍ରାକୃତିକ ଘଟଣା। ଏସବୁ ହେତୁ ଆମେ ଦୁଃଖଯନ୍ତ୍ରଣା ଭୋଗୁଛୁ ସତ, କିନ୍ତୁ ଏସବୁର ପରିହାର ପାଇଁ ଆମେ ବିଶେଷ କିଛି କରିପାରିବା ନାହିଁ। ଆମ ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହୋଇ ରହିଥିବା ପ୍ରକୃତିକୁ ବଦଳାଇ ଦେବା ପାଇଁ ପ୍ରକୃତିକୁ ସଂଯତ ନିୟନ୍ତ୍ରିତ କରିଦେବା ପାଇଁ ଆମ ହାତରେ ସେପରି କୌଣସି ଶକ୍ତି ନାହିଁ। ଯାହା ବା ଅଛି, ତାହା ଅତ୍ୟନ୍ତ ସୀମିତ, ସାମାନ୍ୟ। ପ୍ରକୃତି ଆମକୁ ପରାସ୍ତ କରିଦେଇ ନିଜ ବାଟରେ ଚାଲିବ ହିଁ ଚାଲିବ।

ପରମେଶ୍ୱର ସହାୟ ହୁଅନ୍ତୁ। ଏହିପରି ନିଜେ ନିଜର ମଙ୍ଗଳ କରିବାରେ, ନିଜେ ନିଜ ପ୍ରତି ଦୟାଶୀଳ ହେବାରେ ଆପଣ ସଫଳ ହୁଅନ୍ତୁ। ଈଶ୍ୱର ମଙ୍ଗଳମୟ। ଭଲ ହେଉ କି ମନ୍ଦ ହେଉ, ଜଗତ ଯେପରି ସେପରି ହୋଇ ରହିବ ହିଁ ରହିବ। ଆପଣ ତାକୁ ବଦଳାଇବା ପାରିବେ ନାହିଁ। କିନ୍ତୁ ଆପଣ ବଦଳାଇ ଦେଇପାରିବେ ନିଜକୁ - ଯଦି ଅନ୍ତରର ସହିତ ଚାହିଁବେ, ତେବେ ନିଜକୁ ସୁନ୍ଦରଭାବରେ ଏକ ଭିନ୍ନ ମଣିଷ କରି ଗଢ଼ି ଦେଇ ପାରିବେ। ନିଜକୁ ଆକାଶର ଉଚ୍ଚ କରି ଗଢ଼ି ଦେଇପାରିବେ। ସେ ବିଷୟରେ ଅସୀମ ସମ୍ଭାବନା ରହିଛି - ସମ୍ଭାବନା ରହିଛି କେବଳ ପରିବର୍ତ୍ତନର ନୁହେଁ, ଆପଣ ଚାହିଁଲେ ନିଜକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିଦେଇପାରିବେ, ଘଟାନ୍ତରିତ କରିଦେଇ ପାରିବେ। ପୂର୍ଣ୍ଣବିକଶିତ ମନୁଷ୍ୟ ହେଉଛି ଈଶ୍ୱର। ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଉଲ୍ଲେଖ କରିଛନ୍ତି - "ସଂସାରଲିପ୍ତ ଈଶ୍ୱର ହେଉଛନ୍ତି ମନୁଷ୍ୟ। ବନ୍ଧନଯୁକ୍ତ ଈଶ୍ୱର ମନୁଷ୍ୟ ଏବଂ ବନ୍ଧନମୁକ୍ତ ମନୁଷ୍ୟ ଈଶ୍ୱର। ମାୟାଗ୍ରସ୍ତ-ଅଜ୍ଞ ମନୁଷ୍ୟ ହେଉଛି ସାଂସାରିକ ମନୁଷ୍ୟ। ପରିପୂର୍ଣ୍ଣ ମନୁଷ୍ୟ ହେଉଛି ଈଶ୍ୱର।' ଏହି ଆଲେଖ୍ୟଟି ଉପସ୍ଥାପନ କଲାବେଳେ ମନେପଡୁଛି କବିବର ରାଧାନାଥ ରାୟଙ୍କର ସେହି କାଳଜୟୀ ଧାଡ଼ିଟି - "ଏ ଭବ ସାଗରେ ସର୍ବଗ୍ରାସୀ କାଳ, ବାତ୍ୟା ବହେ ଅବିରତ। ଏହା ଜାଣି ଲୋକେ କେଉଁ ଲାଭ ଆଶେ, କଳହେ ହୁଅନ୍ତି ରତ? କେତେ ଦିନ ଲାଗି ମର୍ତ୍ତ୍ୟେ ଅବା ଘର, ଏଥିଲାଗି କିମ୍ପା ଏତେ ଆଡମ୍ବର? ମର୍ତ୍ତ୍ୟେ ପଡ଼ି କାନ୍ଦି ଲୋଡ଼ ଦୁଧ ଥୋଡ଼ା, ଯିବାବେଳେ ଛଅଖଣ୍ଡି କାଠ ଲୋଡ଼ା।'

**ଆଇନଜୀବୀ, ବଙ୍ଗାଳିସାହି, କଟକ**
**ମୋବାଇଲ୍: ୭୩୨୫୯୦୪୯୨୭**

# ଇଦ୍-ଉଜ-ଜୁହା ପାଇଁ ରାଷ୍ଟ୍ରପତିଙ୍କ ଅଭିନନ୍ଦନ



**ନୂଆଦିଲ୍ଲୀ, ୬।୬:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଇଦ୍-ଉଜ୍-ଜୁହା ପୂର୍ବ ସନ୍ଧ୍ୟାରେ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କୁ ନିଜ ଜୀବନରେ ନିଃସ୍ୱାର୍ଥପରତା ଏବଂ ସମର୍ପଣର ମୂଲ୍ୟବୋଧକୁ ଗ୍ରହଣ କରି ଏକ ଉତ୍ତମ ସମାଜ ଗଠନ ପାଇଁ ଏକାଠି କାମ କରିବାକୁ ଅନୁରୋଧ କରିଛନ୍ତି। ତାଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି ଏକ ବିବୃତ୍ତି ଅନୁଯାୟୀ, ରାଷ୍ଟ୍ରପତି କହିଛନ୍ତି ଯେ ଏହି ପର୍ବ ତ୍ୟାଗ, ବିଶ୍ୱାସ ଏବଂ ମାନବିକ ମୂଲ୍ୟବୋଧର ପ୍ରତୀକ। ଏହା ସମାଜରେ ଏକତା, ପ୍ରେମ ଏବଂ ଭାଇଚାରାର ବାର୍ତ୍ତା ପ୍ରସାର କରେ। ଆସନ୍ତୁ ଆମ ଜୀବନରେ ନିଃସ୍ୱାର୍ଥପରତା ଏବଂ ସମର୍ପଣର ମୂଲ୍ୟବୋଧକୁ ଗ୍ରହଣ କରି ଏକ ଉନ୍ନତ ସମାଜ ଗଠନ ପାଇଁ ଏକାଠି କାମ କରିବା ବୋଲି ମୁର୍ମୁ କହିଛନ୍ତି। ରାଷ୍ଟ୍ରପତି ସମସ୍ତ ସହ-ନାଗରିକ ଏବଂ ବିଦେଶରେ ଥିବା ଭାରତୀୟମାନଙ୍କୁ ବିଶେଷକରି ମୁସଲିମ ଭାଇଭଉଣୀମାନଙ୍କୁ ଇଦ୍-ଉଜ୍-ଜୁହା ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଛନ୍ତି।

● ଅପରେସନ ସିନ୍ଦୂର ନେଇ ଆପତ୍ତିଜନକ ମନ୍ତବ୍ୟ

# ଗୁଜରାଟ କଂଗ୍ରେସ ମହାସଚିବ ଗିରଫ

**ଅହମଦାବାଦ, ୬।୬:** ଅପରେସନ୍ ସିନ୍ଦୂର ସହିତ ଜଡିତ ଏକ ସୋସିଆଲ ମିଡିଆ ପ୍ଲାଟଫର୍ମରେ ବିଭ୍ରାନ୍ତିକର ଏବଂ ମନୋବଳ ଭଙ୍ଗକାରୀ ବିଷୟବସ୍ତୁ ଅପଲୋଡ୍ କରିବା ଅଭିଯୋଗରେ ଶୁକ୍ରବାର ଗୁଜରାଟ କଂଗ୍ରେସ ମହାସଚିବ ରାଜେଶ ସୋନିଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୁଦ୍ଧରେ ବିଏନଏସର ଏକ କଠୋର ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଗୁରୁବାର ତାଙ୍କ ନାମରେ ଏଫଆଇଆର ରୁଜୁ ପରେ ରାଜ୍ୟ ସିଆଇଡିର ସାଇବର କ୍ରାଇମ୍ ସେଲ୍ ଗତ ମାସରେ ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା ପାକିସ୍ତାନ ଏବଂ ପିଓକେରେ ଆତଙ୍କୀ ହବ୍ ଧ୍ୱଂସ କରିବା ପାଇଁ ଆରମ୍ଭ ହୋଇଥିବା ଅପରେସନରେ ସୋନିଙ୍କୁ ତାଙ୍କର ବିବାଦୀୟ ପୋଷ୍ଟ ପାଇଁ ଗିରଫ କରାଯାଇଥିବା ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସିଆଇଡି-ସାଇବର କ୍ରାଇମ ଭାରତସିଂହ ଟ୍ୟାଙ୍କ କହିଛନ୍ତି। ଫେସବୁକରେ ଭ୍ରମାତ୍ମକ ପୋଷ୍ଟ ମାଧ୍ୟମରେ ପ୍ରତିରକ୍ଷା କର୍ମଚାରୀଙ୍କ ମନୋବଳ ଭାଙ୍ଗିବା ଏବଂ ଭାରତର ସାର୍ବଭୌମତ୍ୱକୁ ବିପଦରେ ପକାଇବା ଅଭିଯୋଗରେ ସୋନିଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି। ସେ ତାଙ୍କ ଫେସବୁକରେ ଅପରେସନ ସିନ୍ଦୂର, ରାଫେଲ ଡିଲ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ଘଟଣା ପୋଷ୍ଟ କରିଥିଲେ। ଯାହାକୁ ନେଇ ଗୁଜରାଟରେ ରାଜନୈତିକ ଝଡ ସୃଷ୍ଟି କରିଛି।

## ଭାରତୀୟ ରେଳ ଇତିହାସରେ ନୂଆ ଅଧ୍ୟାୟ

# ବିଶ୍ୱର ସର୍ବୋଚ୍ଚ ରେଲୱେ ସେତୁ ହେଲା ଲୋକାର୍ପଣ






● ଯେକୌଣସି ଋତୁରେ ଜମ୍ମୁରୁ ଶ୍ରୀନଗର ଯାତ୍ରା ହେବ ସହଜ
● ଚୀନ ଓ ପାକିସ୍ତାନକୁ ମୋଦୀ ଦେଲେ କଡ଼ା ଚେତାବନୀ

**ଶ୍ରୀନଗର,୬।୬:** ଭାରତର ରେଳ ଇତିହାସରେ ଯୋଡି ହେଲା ନୂଆ ଅଧ୍ୟାୟ। ଲୋକାର୍ପିତ ହେଲା ବିଶ୍ୱର ସର୍ବୋଚ୍ଚ ରେଳ ସେତୁ ଚେନାବ୍ ବ୍ରିଜ୍। ଜମ୍ମୁ-କାଶ୍ମୀର ଯାଇ ଦେଶବାସୀଙ୍କୁ ଚେନାବ୍ ବ୍ରିଜ୍ ଉତ୍ସର୍ଗ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ୧୫ ଶହ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ହୋଇଛି ଏହି ଅତ୍ୟାଧୁନିକ ସେତୁ । ଯାହାର ଉଚ୍ଚତା ୩୫୯ ମିଟର ଥିବା ବେଳେ ଏହି ସେତୁର ଦୈର୍ଘ୍ୟ ୧୩୧୫ ମିଟର ରହିଛି । ଚେନାବ ବ୍ରିଜ୍ ପ୍ୟାରିସର ଆଇଫେଲ୍ ଟାୱାରଠାରୁ ଆହୁରି ୩୫ ମିଟର ଉଚ୍ଚ। ୧.୩ କିଲୋମିଟର ଲମ୍ବା ସେତୁ ଚେନାବ ନଦୀ ଉପରେ ୩୫୯ ମିଟର ଉଚ୍ଚରେ ନିର୍ମିତ ହୋଇଛି। ୟୁଏସବିଆରଏଲ ପ୍ରକଳ୍ପ ଅଧୀନରେ ଜମ୍ମୁ-କାଶ୍ମୀରର ରିଆସି ଜିଲ୍ଲାରେ ଚେନାବ ରେଲୱେ ବ୍ରିଜ୍ ନିର୍ମାଣ କରାଯାଇଛି। ଏଥିପାଇଁ ୧୪୮୬କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ୩୦ ହଜାର ମେଟ୍ରିକ ଟନ ଇସ୍ପାତ ବ୍ୟବହାର କରାଯାଇଛି। ଏହି ରେଲୱେ ବ୍ରିଜ୍ ହେଉଛି ବିଶ୍ୱର ସର୍ବୋଚ୍ଚ ଧନୁ ଆକୃତିର ରେଲୱେ ବ୍ରିଜ୍। ରେଳ ଭିତ୍ତିଭୂମି ଏବଂ ସଂଯୋଗୀକରଣ କ୍ଷେତ୍ରରେ ଚେନାବ୍ ବ୍ରିଜ୍ ଏକ ମାଇଲଖୁଣ୍ଟ। ଚମତ୍କାର ସ୍ଥାପତ୍ୟର ନିଦର୍ଶନ ହେଉଛି ଚେନାବ୍ ବ୍ରିଜ୍ । ଚେନାବ ନଦୀ ଉପରେ ଏହା ହେଉଛି ଉଧାମପୁର-ଶ୍ରୀନଗର-ବାରାମୁଲ୍ଲା ରେଲ ଲିଙ୍କ୍ ପ୍ରୋଜେକ୍ଟ । ଏହି ବିଶ୍ୱସ୍ତରୀୟ ବ୍ରିଜରେ ବନ୍ଦେ ଭାରତ ଏକ୍ସପ୍ରେସ ଚାଲିବ। ଏହା କଶ୍ମୀରକୁ ଶ୍ରୀନଗର ସହ ଯୋଡିବ। ହିମାଳୟ ଇଲାକାରେ ନିର୍ମିତ ଏହି ବ୍ରିଜ୍ ଅନେକ ଦୃଷ୍ଟିରୁ ସ୍ୱତନ୍ତ୍ର । ଏହା ଆଇଫିଲ୍ ଟାୱାର ଆଉ କୁତବ ମିନାରଠୁ ବି ଅଧିକ ଉଚ୍ଚତା ବିଶିଷ୍ଟ। ଜମ୍ମୁ-କାଶ୍ମୀର ରିୟାସି ଜିଲ୍ଲାରେ ଚେନାବ ନଦୀ ଉପରେ ନିର୍ମିତ ଏହି ବ୍ରିଜର ଉଚ୍ଚତା ୩୫୯ ମିଟର ଓ ଲମ୍ବ ୧.୩୧୫ କିଲୋମିଟର। ଏହା ହେଉଛି ଏକ ଷ୍ଟିଲ୍ ଆର୍କ ଡିଜାଇନ୍ । ଏଥିରେ ଷ୍ଟ୍ରକଚରାଲ୍ ଷ୍ଟିଲ ଡିଜାଇନ୍କୁ ଏପରି କରାଯାଇଛି, ଏହା ମାଇନସ୍ ୧୦ ଓ ୪୦ ଡିଗ୍ରୀ ସେଲସିଅସ ମଧ୍ୟରେ ତାପମାତ୍ରା ସହ୍ୟ କରିପାରିବ। ତେଣୁ ବର୍ଷର ଯେ କୌଣସି ସମୟରେ ଏହି ବ୍ରିଜରେ ରେଳ ଚଳାଚଳ କରିପାରିବ। ତାପମାତ୍ରା କମିଲେ କି ବଢିଲେ, କିଛି ଫରକ ପଡିବନି । ଏହାର ଷ୍ଟ୍ରକ୍ଚର ନିର୍ମାଣ ବେଳେ ଅତ୍ୟାଧୁନିକ ଟେକ୍ନୋଲୋଜି ସଫ୍ଟୱେର୍ ପ୍ଲାଟଫର୍ମ ବ୍ୟବହାର କରାଯାଇଛି। ଭାରତୀୟ ରେଳବାଇ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ବ୍ରିଜରେ ଟ୍ରେନର ବେଗ ଘଣ୍ଟା ପ୍ରତି ୧୦୦ କିଲୋମିଟର ରହିବ। ୨୬୦ କିଲୋମିଟର ବେଗରେ ପବନ ବହିଲେ ବି ଏହି ବ୍ରିଜ୍ ସମ୍ଭାଳି ପାରିବ। ଏହି ବ୍ରିଜର ଆୟୁଷ ୧୨୦ ବର୍ଷ ବୋଲି କୁହାଯାଉଛି। ଏଥି ସହିତ ଭାରତୀୟ ରେଳ ବିଭାଗ ଦ୍ୱାରା ଅଞ୍ଜିଠାରେ ନିର୍ମିତ ପ୍ରଥମ କେବଲ୍ ବ୍ରିଜ୍ ମଧ୍ୟ ଉଦ୍ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ। ଏହାର ଉଚ୍ଚତା ୧୯୩ ମିଟର, ଦୈର୍ଘ୍ୟ ୭୨୫ ମିଟର ଥିବା ବେଳେ ୨୧୦ ମିଟର ମେନ ସ୍ପାନ ରହିଛି । ଏହି ବ୍ରିଜ୍ ଜମ୍ମୁ କାଶ୍ମୀରର କଟରା ଓ ରଆସି ଜିଲ୍ଲାକୁ ସଂଯୋଗ କରିବ । ଏହିସହ ଦୁଇଟି ବନ୍ଦେ ଭାରତ ଟ୍ରେନର ମଧ୍ୟ ଉଦଘାଟନ କରିଛନ୍ତି ମୋଦି। ଏହାଦ୍ୱାରା ଶ୍ରୀନଗରକୁ ପ୍ରଥମ ସେମି ହାଇସ୍ପିଡ୍ ଟ୍ରେନ୍ ଗଡ଼ିବ। ଫଳରେ ମାତ୍ର ୩ ଘଣ୍ଟା ମଧ୍ୟରେ କଟରାରୁ ଶ୍ରୀନଗର ଯାତ୍ରା ସମ୍ଭବ ହୋଇପାରିବ। ମୋଟ ଉପରେ ଜମ୍ମୁ କାଶ୍ମୀରକୁ ୪୬ ହଜାର କୋଟିର ରେଳ ପ୍ରକଳ୍ପ ଭେଟି ଦେଇଛନ୍ତି ମୋଦି । ସବୁଠୁ ବଡ଼ କଥା ହେଉଛି ଦୀର୍ଘ ୭୮ ବର୍ଷ ଧରି ଭାରତର କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସଂଯୋଗ କରିବାକୁ ଭାରତୀୟ ରେଳପଥର ଯେଉଁ ସ୍ୱପ୍ନ ଥିଲା ତାହା ଏହି ରେଳ ପୋଲ ସହ ସାକାର ହୋଇଛି । ବ୍ରିଜ୍ ଉଦଘାଟନ ପରେ ପ୍ରଧାନମନ୍ତ୍ରୀ ମୋଦି ତ୍ରିରଙ୍ଗା ଉଡ଼ାଉଥିବାର ଦେଖାଯାଇଥିଲା। ପ୍ରଧାନମନ୍ତ୍ରୀ ଚେନାବ ବ୍ରିଜ୍ରୁ ତ୍ରିରଙ୍ଗା ଉଡ଼ାଇ ଚାଇନା ଏବଂ ପାକିସ୍ତାନକୁ ଏକ କଡ଼ା ବାର୍ତ୍ତା ଦେଇଥିଲେ। ଚେନାବ ବ୍ରିଜ ଉପରେ ମୋଦି ଜାତୀୟ ପତାକା ଉଡ଼ାଇ ଥିବା ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହା ଚୀନ ଓ ପାକିସ୍ତାନକୁ କଡ଼ା ଚେତାବନୀ ବୋଲି କୁହାଯାଉଛି। ଯେଉଁମାନେ ଭାରତର ସୀମା ଏବଂ ସାର୍ବଭୌମତ୍ୱକୁ ବାରମ୍ବାର ଚ୍ୟାଲେଞ୍ଜ କରି ଆସୁଛନ୍ତି। ବ୍ରିଜ୍ ଉଦଘାଟନ ପୂର୍ବରୁ ମୋଦି ଚେନାବ ରେଳ ବ୍ରିଜ୍ ମଧ୍ୟ ଯାଞ୍ଚ କରିଥିଲେ। ଏହା ପୂର୍ବରୁ ସେ ବ୍ରିଜ୍ ପାଇଁ କାମ କରୁଥିବା ଯନ୍ତ୍ରୀ, ଅଧିକାରୀ ଓ ଶ୍ରମିକମାନଙ୍କୁ ଭେଟିଥିଲେ। ଏହି ସମୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜମ୍ମୁ ଏବଂ କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଓମାରଙ୍କ ମୁହଁରେ ମୋଦିଙ୍କ ପ୍ରଶଂସା

● ରାଜ୍ୟ ମାନ୍ୟତା ଫେରାଇବାକୁ କଲେ ଦାବି

**ଶ୍ରୀନଗର,୬।୬:** ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଚେନାବ ବ୍ରିଜ୍ର ଉଦଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସାରେ ପୋତି ଦେଇଛନ୍ତି। ସେ କହିଛନ୍ତି ଆମର ପ୍ରଧାନମନ୍ତ୍ରୀ ଯାହା କରିଛନ୍ତି, ତାହା ବ୍ରିଟିଶମାନେ ମଧ୍ୟ କରିପାରି ନ ଥିଲେ। ଚେନାବ ବ୍ରିଜ୍ ପ୍ରକଳ୍ପର ସମାପ୍ତି ଦେଖିବା ସମସ୍ତଙ୍କର ସ୍ୱପ୍ନ ଥିଲା, ଯାହାକୁ ପ୍ରଧାନମନ୍ତ୍ରୀ ମୋଦି ଆଜି ପୂରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପ୍ରଶଂସା କରି କହିଛନ୍ତି, ବ୍ରିଟିଶମାନେ ଯେଉଁ କାମ କରିପାରିଲେ ନାହିଁ, ତାହା ପ୍ରଧାନମନ୍ତ୍ରୀ ମୋଦି କରି ଦେଖାଇଛନ୍ତି। ଯେତେବେଳେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା ମୁଁ ଅଷ୍ଟମ ଶ୍ରେଣୀରେ ପଢୁଥିଲି, ବର୍ତ୍ତମାନ ମୋର ବୟସ ୫୫ ବର୍ଷ। ସେଥିପାଇଁ ସେ ଅଟଳ ବିହାରୀ ବାଜପେୟୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ପ୍ରକଳ୍ପରୁ ଜମ୍ମୁ-କଶ୍ମୀର ବହୁତ ଲାଭ ପାଇବ। ବ୍ରିଟିଶମାନେ ମଧ୍ୟ ଏହି ସ୍ୱପ୍ନ ଦେଖିଥିଲେ। କିନ୍ତୁ ଯାହା ବ୍ରିଟିଶମାନେ ପୂରଣ କରିପାରି ନ ଥିଲେ ତାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକାଳରେ ପୂରଣ ହୋଇପାରିଲା। ସେଓ ବ୍ୟବସାୟ କରୁଥିବା ଚାଷୀମାନଙ୍କୁ ବହୁତ ଲାଭ ଦେବ। ଏହା କେବଳ ଆୟ ବୃଦ୍ଧି କରିବ ନାହିଁ ବରଂ ଯୁବକମାନଙ୍କୁ ନିଯୁକ୍ତି ମଧ୍ୟ ପ୍ରଦାନ କରିବ। ଏହାସହିତ ଓମାର ଅବଦୁଲ୍ଲା ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜ୍ୟକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଫେରାଇ ଆଣିବା ପାଇଁ ଦାବି କରିଥିଲେ। ସେ ଏହା ମଧ୍ୟ କହିଥିଲେ ଯେ ମନୋଜ ସିହ୍ନା ଜୀଙ୍କୁ ମାତାଙ୍କ ଆଶୀର୍ବାଦରେ ପଦୋନ୍ନତି ଦିଆଯାଇଛି, ମୁଁ ଏକ ରାଜ୍ୟର ମୁଖ୍ୟମନ୍ତ୍ରୀରୁ ଏକ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ହୋଇପାରିଛି। କିନ୍ତୁ ମୁଁ ଆଶା କରୁଛି ଯେ ଏହି ପରିବର୍ତ୍ତନ ଶୀଘ୍ର ସଂଶୋଧନ ହେବ। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହାୟତାରେ ଜମ୍ମୁ-କାଶ୍ମୀର ପୁଣି ଥରେ ରାଜ୍ୟ ମାନ୍ୟତା ପାଇବ।

# ମାନବିକତା ଉପରେ ଥିଲା ଆତଙ୍କୀ ଆକ୍ରମଣ: ମୋଦି



**ଶ୍ରୀନଗର,୬।୬:** ଜମ୍ମୁ-କାଶ୍ମୀର ଚେନାବ ନଦୀ ଉପରେ ବିଶ୍ୱର ସବୁଠୁ ଉଚ୍ଚ ରେଲୱେ ବ୍ରିଜ୍ ସମେତ ଅନେକ ପ୍ରକଳ୍ପର ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହି ଅବସରରେ ସେ ପାକିସ୍ତାନକୁ ଜୋରଦାର ଟାର୍ଗେଟ୍ କରିଛନ୍ତି। କଟରାରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ପହଲଗାମ ଆତଙ୍କୀ ଆକ୍ରମଣ କାଶ୍ମୀରବାସୀଙ୍କ ଆୟ ରୋକିବା ପାଇଁ ପାକିସ୍ତାନ ଦ୍ୱାରା ଷଡ଼ଯନ୍ତ୍ର କରାଯାଇଥିଲା, କିନ୍ତୁ ଭାରତ ଆତଙ୍କବାଦ ଆଗରେ ନଇଁବ ନାହିଁ । ଜମ୍ମୁ-କାଶ୍ମୀରର ଯୁବ ପିଢି ଏହି ଲଢେଇରେ ଏକଜୁଟ୍ ଅଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପହଲଗାମ ଘଟଣା ମାନବିକତା ଓ କାଶ୍ମୀରିୟତ ଉପରେ ଆକ୍ରମଣ ଥିଲା, ଯାହାର ଉଦ୍ଦେଶ୍ୟ ଭାରତରେ ଶାନ୍ତି ନଷ୍ଟ କରି ଦଙ୍ଗା ସୃଷ୍ଟି କରିବା । ଏପ୍ରିଲ୍ ୨୨ରେ ହୋଇଥିବା ଆତଙ୍କୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କରାଯାଇଥିଲା। ପହଲଗାମ ଆତଙ୍କୀ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଜମ୍ମୁ-କାଶ୍ମୀର ଗସ୍ତ ଥିଲା । କଟରାରେ ମୋଦି ଆହୁରି କହିଛନ୍ତି, ପାକିସ୍ତାନ ମାନବିକତା, ପର୍ଯ୍ୟଟନ, କାଶ୍ମୀରବାସୀଙ୍କ ରୋଜି-ରୁଟି ବିରୋଧରେ ଅଛି। ଏଥିପାଇଁ ପହଲଗାମରେ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ କଲା । କଡ଼ା ଚେତାବନୀ ଦେଇ ସେ କହିଛନ୍ତି ଏବେ ଯଦି ପାକିସ୍ତାନ ଅପରେସନ୍ ସିନ୍ଦୂରର ନାମ ଶୁଣେ, ତେବେ ସେ ଏହାର ଲଜ୍ଜାଜନକ ପରାଜୟ ଏବଂ ଧ୍ୱଂସକୁ ମନେ ରଖିବ। ପାକିସ୍ତାନୀ ସେନା ଏବଂ ଆତଙ୍କବାଦୀମାନେ କେବେ କଳ୍ପନା କରିନଥିଲେ ଯେ ଭାରତ ପାକିସ୍ତାନୀ ଅଞ୍ଚଳରେ ପ୍ରବେଶ କରି ଆତଙ୍କବାଦୀଙ୍କୁ ଏପରି ଭାବରେ ଆକ୍ରମଣ କରିବ। ଭାରତ ଅପରେସନ୍ ସିନ୍ଦୂର ଆରମ୍ଭ କରିବା ସମୟରେ ପାକିସ୍ତାନ ବର୍ଷ ବର୍ଷର କଠିନ ପରିଶ୍ରମରେ ଯେଉଁ ଆତଙ୍କର କୋଠା ନିର୍ମାଣ କରିଛି ତାହା କିଛି ମିନିଟ୍ ମଧ୍ୟରେ ଭଗ୍ନାଂଶ ଏବଂ ଧ୍ୱଂସାବଶେଷରେ ପରିଣତ ହୋଇଗଲା। ସେ କହିଛନ୍ତି, ଜମ୍ମୁ-କାଶ୍ମୀରର ବିକାଶ ପଥରେ ଯାହା ବି ବାଧା ସୃଷ୍ଟି କରିବ ତାକୁ ପ୍ରଥମେ ମୋଦିଙ୍କ ସାମ୍ନା କରିବାକୁ ପଡିବ। ଜମ୍ମୁ-କାଶ୍ମୀରକୁ ଭାରତ ମାତାର ମୁକୁଟ ବୋଲି କହି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ମୁକୁଟ ବିଭିନ୍ନ ପ୍ରକାରର ମୂଲ୍ୟବାନ ପଥର ଏବଂ ରତ୍ନରେ ସଜ୍ଜିତ। ଏହି ରତ୍ନ (ମଣି) ଜମ୍ମୁ-କାଶ୍ମୀର ଲୋକଙ୍କ ଶକ୍ତି ଏବଂ କ୍ଷମତାର ପ୍ରତୀକ। ପ୍ରାଚୀନ ସଂସ୍କୃତି, ଆଧ୍ୟାତ୍ମିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଜମ୍ମୁ-କାଶ୍ମୀର ଲୋକଙ୍କ ଉଲ୍ଲେଖନୀୟ ପ୍ରତିଭା ଅମୂଲ୍ୟ ମଣି ପରି ଝଲସୁଛି।

● କାନାଡ଼ାରୁ ଆସିଲା ନିମନ୍ତ୍ରଣ

# ଜି-୭ ଶିଖର ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୬।୬:** ଜି-୭ ଶିଖର ସମ୍ମିଳନୀରେ ଯୋଗ ଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏନେଇ ସେ ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ସମ୍ମିଳନୀରେ ଯୋଗ ଦେବାକୁ କାନାଡା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଫୋନ୍ କରି ନିମନ୍ତ୍ରଣ କରିଛନ୍ତି। ଏହାପରେ ମୋଦିଙ୍କ କାନାଡ଼ା ଗସ୍ତ ସ୍ପଷ୍ଟ ହୋଇଛି। ଏନେଇ ପ୍ରଧାନମନ୍ତ୍ରୀ ଟ୍ୱିଟ୍ କରି ଲେଖିଛନ୍ତି କାନାଡାର ପ୍ରଧାନମନ୍ତ୍ରୀ ମାର୍କ ଜେ କାର୍ନିଙ୍କ ଠାରୁ ଫୋନ୍ ପାଇ ଖୁସି ହେଲି। ତାଙ୍କ ସମ୍ପ୍ରତି ନିର୍ବାଚନ ବିଜୟ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଲି ଏବଂ ଏହି ମାସ ଶେଷରେ କାନାନାସ୍କିସ୍ରେ ହେବାକୁ ଥିବା ଜି-୭ ଶିଖର ସମ୍ମିଳନୀରେ ନିମନ୍ତ୍ରଣ ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଲି। ଗଭୀର ଜନ ସମ୍ପର୍କ ଦ୍ୱାରା ବାନ୍ଧି ହୋଇଥିବା ଏକ ଗଣତନ୍ତ୍ର ଭାବରେ ଭାରତ ଏବଂ କାନାଡା ପାରସ୍ପରିକ ସମ୍ମାନ ଏବଂ ସମାନ ସ୍ୱାର୍ଥ ଦ୍ୱାରା ପରିଚାଳିତ ନୂଆ ଶକ୍ତି ସହିତ ଏକାଠି କାମ କରିବେ। ଶିଖର ସମ୍ମିଳନୀରେ ଆମର ସାକ୍ଷାତ ପାଇଁ ଅପେକ୍ଷା କରନ୍ତୁ। କାନାଡାର ସଂଘୀୟ ନିର୍ବାଚନରେ ବିଜୟୀ ହୋଇ କାର୍ନି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ଏହା ତାଙ୍କର ପ୍ରଥମ ଆନୁଷ୍ଠାନିକ ସାକ୍ଷାତ୍କାର ହେବ। ଜଷ୍ଟିନ ଟ୍ରୁଡୋଙ୍କ ସମୟରେ ଦୁଇ ଦେଶ ମଧ୍ୟରେ ବିଗିଡ଼ି ଯାଇଥିବା ସମ୍ପର୍କ ପୁଣିଥରେ ସୁଧାର ଆସିପାରେ ବୋଲି କୁହାଯାଉଛି। ତେବେ ଭାରତ ଓ କାନାଡ଼ା ମଧ୍ୟରେ ସମ୍ପର୍କ ଖରାପ ହେବା ଯୋଗୁ ମୋଦି ଜି-୭ ବୈଠକରେ ଯୋଗ ଦେଇ ନପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ମୋଦିଙ୍କ କାନାଡ଼ା ଗସ୍ତ ନେଇ କୌଣସି ସୂଚନା ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଥିଲା। ଏବେ ନିମନ୍ତ୍ରଣ ମିଳିବା ପରେ ମୋଦିଙ୍କ ଗସ୍ତ ପକ୍କା ହୋଇଛି। ଜି-୭ ହେଉଛି ବିଶ୍ୱର ସର୍ବାଧିକ ଶିଳ୍ପୋନ୍ନତ ଅର୍ଥନୀତି ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ୟୁକେ, ଜାପାନ, ଯୁକ୍ତରାଷ୍ଟ୍ର ଆମେରିକା ଏବଂ କାନାଡାର ଏକ ଅନୌପଚାରିକ ଗୋଷ୍ଠୀ। ଏଥିରେ ୟୁରୋପୀୟ ସଂଘ ଇୟୁ, ଆଇଏମଏଫ, ବିଶ୍ୱ ବ୍ୟାଙ୍କ ଏବଂ ଜାତିସଂଘ ମଧ୍ୟ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଛି।

## ବେଙ୍ଗାଲୁରୁ ଦଳାଚକଟା ମାମଲା

# କେଏସସିଏ ବିରୋଧରେ ହେବନି କାର୍ଯ୍ୟାନୁଷ୍ଠାନ: ହାଇକୋର୍ଟ

● ଆରସିବି ମାର୍କେଟିଂ ମୁଖ୍ୟଙ୍କ ସମେତ ୪ ଗିରଫ
● ଗୁଇନ୍ଦା ମୁଖ୍ୟଙ୍କ ବଦଳି
● ହଟିଲେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ



**ନୂଆଦିଲ୍ଲୀ, ୬।୬:** ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଆରସିବିର ବିଜୟ ଉତ୍ସବ ସମୟରେ ହୋଇଥିବା ଦଳାଚକଡା ମାମଲାରେ କର୍ଣ୍ଣାଟକ ହାଇକୋର୍ଟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତିରେ ରାଜ୍ୟ କ୍ରିକେଟ୍ ସଂଘର ଅଧିକାରୀଙ୍କ ବିରୋଧରେ ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ କୋର୍ଟ କହିଛନ୍ତି। ଜୁନ୍ ୪ ତାରିଖରେ ଆରସିବିର ବିଜୟ ଉତ୍ସବ ସମୟରେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଡା ମାମଲା ପଞ୍ଜିକୃତ ହୋଇଥିଲା। ଏହି ଅଭିଯୋଗ ଆଧାରରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆରସିବି ମାର୍କେଟିଂ ମୁଖ୍ୟ ନିଖିଲ ସୋସଲେଙ୍କ ସମେତ କର୍ମଚାରୀ କିରଣ, ସୁମନ୍ତ ଓ ସୁନୀଲଙ୍କୁ ଗିରଫ କରିଛି। ଏହାପରେ ଶୁକ୍ରବାର କର୍ଣ୍ଣାଟକ ହାଇକୋର୍ଟ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ (କେଏସସିଏ) ବିରୋଧରେ କୌଣସି ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ କର୍ଣ୍ଣାଟକ ହାଇକୋର୍ଟ ପୁଲିସକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବେଙ୍ଗାଲୁରୁର ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ହୋଇଥିବା ଦଳାଚକଡ଼ା ଘଟଣାକୁ ନେଇ କର୍ଣ୍ଣାଟକର ଗୃହମନ୍ତ୍ରୀ ପରମେଶ୍ୱରା କହିଥିଲେ, 'ଭିକ୍ଟ୍ରି ପରେଡ ଓ ଷ୍ଟାଡିୟରେ ଉତ୍ସବ ଆମ ପକ୍ଷରୁ ନଥିଲା। ଆମେ କର୍ଣ୍ଣାଟକ କ୍ରିକେଟ ରାଜ୍ୟ ସଂଘକୁ ବି ଆରସିବି ଚାମ୍ପିଅନ ହେବାପରେ ବିଜୟ ଉତ୍ସବ ପାଳନ କରିବା ପାଇଁ କୌଣସି ପ୍ରକାର କାର୍ଯ୍ୟକ୍ରମର ଆୟୋଜନ ପାଇଁ ଅନୁରୋଧ ବି କରି ନଥିଲୁ। ଏହି କାର୍ଯ୍ୟକ୍ରମକୁ କର୍ଣ୍ଣାଟକ କ୍ରିକେଟ ରାଜ୍ୟ ସଂଘ ହିଁ ଆୟୋଜନ କରିଥିଲା। ଆମକୁ ଲାଗିଲା ସରକାରଙ୍କୁ ଟିମର ସମର୍ଥନ କରିବା ଉଚିତ। କାରଣ ଏହା ବେଙ୍ଗାଲୁରୁ ଟିମ ଥିଲା। ସେଥିପାଇଁ ଆମେ ଏହି ବିଜୟ ଉତ୍ସବର ଅଂଶ ହୋଇଥିଲୁ। ବାସ କଥା ଏତିକି। ଏହି ଦଳାଚକଟାରେ ୧୧ ଜଣ ପ୍ରାଣ ହରାଇଥିବା ବେଳେ ୫୦ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ଗୁରୁବାର କର୍ଣ୍ଣାଟକ ସରକାର ପୁଲିସ କମିଶନର ବି ଦୟାନନ୍ଦଙ୍କ ସମେତ ୫ ଜଣ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବିତ କରିଥିଲେ। ଆଜି କର୍ଣ୍ଣାଟକ ଗୁଇନ୍ଦା ମୁଖ୍ୟ ହେମନ୍ତ ନିମ୍ବଲକରଙ୍କୁ ବଦଳି କରିଛନ୍ତି ସରକାର। ଏହାସହ ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟାଙ୍କ ରାଜନୈତିକ ସଚିବ ଥିବା କେ. ଗୋବିନ୍ଦରାଜଙ୍କୁ ବି ତାଙ୍କ ପଦରୁ ହଟାଯାଇଛି।

# ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଧମକ



**ନୂଆଦିଲ୍ଲୀ, ୬।୬:** ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଛି ହତ୍ୟା ଧମକ। ଗୁରୁବାର ରାତି ପ୍ରାୟ ୧୧ଟାରେ ଗାଜିଆବାଦ ପିସିଆର୍କୁ ଫୋନ୍ କରି ଏହି ହତ୍ୟା ଧମକ ଦିଆଯାଇଥିବା ଜଣାପଡିଛି। ଗାଜିଆବାଦ ସିଟି ଡିସିପି ଘଟଣା ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। କେହି ଜଣେ କଲ୍ କରି ଧମକ ଦେବା ପରେ ହଠାତ୍ କଲ୍ ବନ୍ଦ ହୋଇଯାଇଥିଲା ବୋଲି ଡିସିପି କହିଛନ୍ତି। ଏହି ଘଟଣା ପରେ ଗାଜିଆବାଦ ପୁଲିସ ଦିଲ୍ଲୀ ପୁଲିସକୁ ଫୋନ୍ କରି ଘଟଣା ସମ୍ପର୍କରେ ସୂଚନା ଦେଇଥିଲା। ଏହାପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାକୁ କଡ଼ାକଡ଼ି କରାଯିବା ସହିତ କେଉଁଠୁ ଏହି କଲ୍ ଆସିଛି ସେ ବିଷୟରେ ତଦନ୍ତ ଜାରି ରହିଛି। ପ୍ରାଥମିକ ତଦନ୍ତରୁ କଲ୍ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। କିନ୍ତୁ ଫୋନ୍ ନମ୍ବରଟି ସେବେଠାରୁ ବନ୍ଦ ହୋଇସାରିଛି ଏବଂ ତାହା ଠାବ ହୋଇପାରୁନାହିଁ। ଗାଜିଆବାଦ ପୁଲିସର ସୂଚନା ଅନୁଯାୟୀ, କଲ୍ କୋତୱାଲି ପୁଲିସ ଷ୍ଟେସନ ଅଞ୍ଚଳରୁ କରାଯାଇଥିଲା।

ଫୋନ୍ ଏବଂ କଲ୍ କରିଥିବା ବ୍ୟକ୍ତିଙ୍କୁ ଖୋଜିବା ପାଇଁ ତଦନ୍ତ ଚାଲିଛି। ଇଣ୍ଡିଆ ଟୁଡେକୁ ମିଳିଥିବା ସୂଚନା ଅନୁଯାୟୀ ବିଜେପି ନେତୃତ୍ୱାଧୀନ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ବିଧାନସଭା ନିର୍ବାଚନମଣ୍ଡଳୀ ନିକଟରେ ଏକ ସରକାରୀ ବାସଭବନ ଆବଣ୍ଟିତ କରାଯିବାର କିଛି ଘଣ୍ଟା ପରେ ଏହି କଲ ଆସିଛି।

# ବିରାଟ କୋହଲିଙ୍କ ନାମରେ ଅଭିଯୋଗ

**ବେଙ୍ଗାଲୁରୁ,୬।୬:** ବେଙ୍ଗାଲୁରୁ ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରର ବିଜୟ ଉତ୍ସବ ସମୟ ରେ ଦଳାଚକଟା ମାମଲାରେ ଏବେ ବିରାଟ କୋହଲିଙ୍କ ନାମରେ ବି ମାମଲା ରୁଜୁ ପାଇଁ ଦାବି ଉଠିଛି। ବେଙ୍ଗାଲୁରୁର ଏଚଏମ ଭେଙ୍କଟେଶ ନାମକ ଜଣେ ସାମାଜିକ କର୍ମୀ ବିରାଟଙ୍କ ନାମରେ ବେଙ୍ଗାଲୁରୁର କ୍ୟୁବନ୍ ପାର୍କ ପୁଲିସ ଷ୍ଟେସନରେ ଅଭିଯୋଗ କରିଛନ୍ତି।



ତେବେ ପୁଲିସ କହିଛି ଯେ ଏହି ମାମଲାରେ ପୂର୍ବରୁ ରୁଜୁ ହୋଇଥିବା ଏଫଆଇଆରଗୁଡ଼ିକ ସହ ମିଶାଯିବା ପାଇଁ ବିଚାର କରାଯିବ ମଙ୍ଗଳବାର ଦିନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅହମ୍ମଦାବାଦରେ ଖେଳାଯାଇଥିବା ଆଇପିଏଲ ୨୦୨୫ର ଫାଇନାଲରେ ପଞ୍ଜାବ କିଙ୍ଗସକୁ ପରାସ୍ତ କରିଥିଲା ଏବଂ ପ୍ରଥମ ଥର ପାଇଁ ଆଇପିଏଲ ଟାଇଟଲ ଜିତିଥିଲା। ତାପରଦିନ ସମଗ୍ର ଦଳ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ଯାଇ ବିଜୟ ଉତ୍ସବ ପାଳିଥିଲେ। ତେବେ ପୂର୍ବରୁ ବହୁ ସଂଖ୍ୟକ ପ୍ରଶଂସକ ବାହାରେ ଉପସ୍ଥିତ ଥିଲେ। ଧାର୍ଯ୍ୟ କ୍ଷମତା ଠାରୁ ଅଧିକ ଲୋକ ଆସିବାରୁ ଦଳାଚକଟା ହୋଇଥିଲା । ଏଥିରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫୦ରୁ ଅଧିକ ଆହତ ହୋଇଥିଲେ ।

# ୭ ମାଓବାଦୀଙ୍କ ଆତ୍ମସମର୍ପଣ

**ଦାନ୍ତେୱାଡା,୬।୬:** ଛତିଶଗଡ଼ରେ ଲାଲ ବାହିନୀକୁ ପୁଣି ଝଟକା। ଦାନ୍ତେୱାଡା ଜିଲ୍ଲାରେ ୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ମୁଣ୍ଡରେ ପୁରସ୍କାର ଥିଲା ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି। ସେ କହିଛନ୍ତି ଯେ ନିଷିଦ୍ଧ ସିପିଆଇ (ମାଓବାଦୀ) ମଧ୍ୟରେ ବଢୁଥିବା ମତଭେଦ, କଠୋର ଜଙ୍ଗଲ ଜୀବନ ଏବଂ ଆନ୍ଦୋଳନର ଫମ୍ପା ଚିନ୍ତାଧାରା ପ୍ରତି ନିରାଶା ପ୍ରକାଶ କରି କ୍ୟାଡରମାନେ ପୁଲିସ ଏବଂ ସିଆରପିଏଫ ଅଧିକାରୀଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ସେ କହିଛନ୍ତି ଯେ ସେମାନେ ଜିଲ୍ଲାରେ ପୁଲିସର ପୁନର୍ବାସ ଅଭିଯାନ 'ଲନ୍ ଭରାତୁ' ଏବଂ ରାଜ୍ୟ ସରକାରଙ୍କ ନୂତନ ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତି ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଆତ୍ମସମର୍ପଣକାରୀ ହେଲେ ଜୁଗ୍ଲୁ ଓରଫ ସୁଣ୍ଡମ୍ କୱାସି, ଦଶା ଓରଫ ବର୍କୁ ପୋଡିଅମ୍, ଭୋଜା ରାମ ମାଡଭି, ଲଖମା ଓରଫ ସୁତି, ରତୁ ଓରଫ ଓଥେ କୋୱାସି, ସୁଖରାମ ପୋଡିଅମ୍ ଏବଂ ପାଣ୍ଡୁ ରାମ ପୋଡିଅମ୍। ଜୁଗ୍ଲୁ ଏବଂ ଦଶାଙ୍କ ମୁଣ୍ଡ ଉପରେ ୫୦,୦୦୦ ଟଙ୍କା ଲେଖାଁଏ ପୁରସ୍କାର ଥିଲା।

# ମନ୍ଦିରରେ ନିଯୁକ୍ତିକୁ ନେଇ ପାତରଅନ୍ତର

**ଚନ୍ଦନେଶ୍ୱର,୬।୬:** ପଶ୍ଚିମବଙ୍ଗ ଦୀଘା ଜଗନ୍ନାଥ ମନ୍ଦିରକୁ ନେଇ ନୂଆ ବିବାଦ। ନିଯୁକ୍ତିରେ ପାତରଅନ୍ତର ଅଭିଯୋଗ। ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ଆନ୍ଦୋଳନ କରିଛନ୍ତି। ରାମନଗର ବିଧାୟକ ଅଖିଲ ଗିରି ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାନୁଯାୟୀ, ପଶ୍ଚିମବଙ୍ଗ ସରକାର ଦୀଘା ରେଳ ଷ୍ଟେସନ ନିକଟରେ ୨୨ ଏକର ଜାଗାରେ ୨୫୦ କୋଟି ଟଙ୍କା ବ୍ୟୟରେ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ତିଆରି କରିଛନ୍ତି। ଗତ ଏପ୍ରିଲ ୨୮ ତାରିଖରେ ଏହାର ଉଦଘାଟନ ହୋଇଥିଲା। ଏହାପରେ ଦୀଘା ଦିଅଁଙ୍କୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ଦୀଘାକୁ ଜଗନ୍ନାଥ ଧାମ ଲେଖିବା, ପଥର ମୂର୍ତ୍ତିକୁ ପୂଜାର୍ଚ୍ଚନା କରିବା ଏବଂ ଗ୍ୟାସ ଚୁଲ୍ଲାରେ ପ୍ରସାଦ ରୋଷେଇ କରିବା ଆଦି ଘଟଣା ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ କୁଠାରାଘାତ କରିଥିଲା। ଏବେ ପୁଣି ଦୀଘା ମନ୍ଦିରକୁ ନେଇ ନୂଆ ବିବାଦ ମୁଣ୍ଡ ଟେକିଛି। ମନ୍ଦିରରେ ନିଯୁକ୍ତିକୁ ନେଇ ପାତରଅନ୍ତର କରାଯାଉଥିବା ଅଭିଯୋଗ ଆସିଛି। ସ୍ଥାନୀୟ ଲୋକଙ୍କଠୁ ଜାଗା ନେଇ ସରକାର ମନ୍ଦିର ନିର୍ମାଣ କରିଥିବା ବେଳେ ଏବେ ସେମାନଙ୍କୁ ଅଣଦେଖା କରୁଛନ୍ତି।

# ଭାରତର ପାଣି ପାହାରରେ ଅତିଷ୍ଠ ପାକିସ୍ତାନ




**ନୂଆଦିଲ୍ଲୀ,୬।୬:** ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବା ପାଇଁ ନେଇଥିବା ନିଷ୍ପତ୍ତି ଏବେ ପାକିସ୍ତାନର ନିଦ ହଜେଇ ଦେଇଛି। ଭାରତର ପାଣି ପାହାରରେ ଅତିଷ୍ଠ ହୋଇପଡିଲାଣି ପାକିସ୍ତାନ। ମୁହଁ ଫୁଟାଣି ମାରୁଥିବା ପାକିସ୍ତାନରେ ଆଉ କିଛି ଦିନ ପରେ ପାଣି ପାଇଁ ହାହାକାର ପରିସ୍ଥିତି ଦେଖାଦେବ। ପାକିସ୍ତାନ ଏପର୍ଯ୍ୟନ୍ତ ଋଣରେ ବୁଡ଼ି ରହିଥିବା ବେଳ, ଏବେ ପାଣିର ଅଭାବ ଏହାର କଷ୍ଟକୁ ଆହୁରି ବୃଦ୍ଧି କରିଛି। ପାକିସ୍ତାନ ସିନ୍ଧୁ ଜଳ ଚୁକ୍ତିନାମା ସମ୍ପର୍କରେ ଭାରତକୁ ବାରମ୍ବାର ଅନୁରୋଧ କରୁଛି। ଭାରତ ସରକାରଙ୍କ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବାର ନିଷ୍ପତ୍ତି ପରେ ପାକିସ୍ତାନ ଭାରତ ସରକାରଙ୍କୁ ୪ଟି ଚିଠି ଲେଖି ସାରିଲାଣି। ଏହି ଚିଠି ମାଧ୍ୟମରେ,ପାକିସ୍ତାନ ଭାରତ ସରକାରଙ୍କୁ ଅନୁରୋଧ କରିଛି ଯେ, ଭାରତ ଚୁକ୍ତିନାମାକୁ ସ୍ଥଗିତ ରଖିବା ଉପରେ ପୁନଃବିଚାର କରିବା ଉଚିତ। ପାକିସ୍ତାନ ଏହା ମଧ୍ୟ କହିଛି ଯେ ସେ ଚୁକ୍ତିନାମା ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ। ପାକିସ୍ତାନର ଜଳ ସମ୍ପଦ ମନ୍ତ୍ରଣାଳୟ ଭାରତର ଜଳ ଶକ୍ତି ମନ୍ତ୍ରଣାଳୟକୁ ଏକ ଚିଠି ଲେଖିଛି। ପାକିସ୍ତାନ ଚିନ୍ତିତ ଯେ ଭାରତର ନିଷ୍ପତ୍ତି ପାକିସ୍ତାନରେ ରବି ଫସଲ ଉପରେ ବହୁତ ଖରାପ ପ୍ରଭାବ ପକାଇବ। ନିୟମ ଅନୁଯାୟୀ ଏହି ଚିଠି ବୈଦେଶିକ ମନ୍ତ୍ରଣାଳୟକୁ ପଠାଯାଇଛି। କିନ୍ତୁ ପାକିସ୍ତାନର ଆବେଦନ ପ୍ରତି ଭାରତର କୌଣସି କର୍ଣ୍ଣପାତ କରୁନାହିଁ। ପାକିସ୍ତାନ ପାଣି ପାଇଁ ବିଶ୍ୱ ବ୍ୟାଙ୍କର ଦ୍ୱାରସ୍ତ ହୋଇଥିଲେ ବି ବିଶ୍ୱବ୍ୟାଙ୍କ ଏଥିରେ କୌଣସି ହସ୍ତକ୍ଷେପ କରିବ ନାହିଁ ବୋଲି ରୋକଠୋକ ମନା କରିଦେଇଛି। ପ୍ରଧାନମନ୍ତ୍ରୀ ମୋଦି ପୂର୍ବରୁ ସ୍ପଷ୍ଟ କରି ସାରିଛନ୍ତି, ରକ୍ତ ଏବଂ ପାଣି ଏକାଠି ପ୍ରବାହିତ ହୋଇପାରିବ ନାହିଁ।

# କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଲେ ପୀୟୁଷ ଚାୱଲା

**ନୂଆଦିଲ୍ଲୀ, ୬।୬:** ଭାରତୀୟ କ୍ରିକେଟର ପୀୟୁଷ ଚାୱଲା କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ସେ ଗତ ବର୍ଷ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିଥିଲେ। ଆଇପିଏଲ ସିଜିନ୍ ଶେଷ ହେବା ପରେ, ସେ ତାଙ୍କର ଅବସର ଘୋଷଣା କରି ଏକ ପୋଷ୍ଟ ସେୟାର କରିଥିଲେ। ପୀୟୁଷ ଚାୱଲା ତାଙ୍କ କ୍ରିକେଟ କ୍ୟାରିୟରର ସ୍ମରଣୀୟ ମୁହୂର୍ତ୍ତଗୁଡ଼ିକୁ ସେୟାର କରି ଏକ ନୋଟ୍ ସେୟାର କରିଥିଲେ। ଏହା ସହିତ, ସେ କ୍ୟାପସନରେ ଲେଖିଛନ୍ତି, "ଏହି ଅଧ୍ୟାୟର ଶେଷ! ଖେଳର ସମସ୍ତ ଫର୍ମାଟରୁ ଅବସର, ଏହି ସୁନ୍ଦର ଯାତ୍ରା ସମୟରେ ସମର୍ଥନ ପାଇଁ ସମସ୍ତଙ୍କୁ ଧନ୍ୟବାଦ।"

ପଡ଼ିଆରେ ଦୁଇ ଦଶନ୍ଧିରୁ ଅଧିକ ସମୟ ବିତାଇବା ପରେ, ଏବେ ଏହି ସୁନ୍ଦର ଖେଳକୁ ବିଦାୟ ଦେବାର ସମୟ ଆସିଛି। ଅନ୍ତର୍ଜାତୀୟ ସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରିବାଠାରୁ ଆରମ୍ଭ କରି ୨୦୦୭ ଟି୨୦ ବିଶ୍ୱକପ୍, ୨୦୧୧ ଦିନିକିଆ ବିଶ୍ୱକପ୍ ଦଳର ଅଂଶ ହେବା ପର୍ଯ୍ୟନ୍ତ, ଏହି ଅବିଶ୍ୱସନୀୟ ଯାତ୍ରାର ପ୍ରତ୍ୟେକ ମୁହୂର୍ତ୍ତ ଏକ ଆଶୀର୍ବାଦଠାରୁ କମ୍ ନୁହେଁ। ଏହି




ସ୍ମୃତିଗୁଡ଼ିକ ସର୍ବଦା ମୋ ହୃଦୟରେ ରହିବ।" ସେ ସମସ୍ତ ଦଳ (ପଞ୍ଜାବ କିଙ୍ଗସ, କେକେଆର, ସିଏସକେ ଏବଂ ଏମଆଇ)କୁ ଧନ୍ୟବାଦ ମଧ ଦେଇଥିଲେ ଯେଉଁମାନଙ୍କ ପାଇଁ ସେ ଖେଳିଥିଲେ। ସେ ଲେଖିଛନ୍ତି, "ଇଣ୍ଡିଆନ୍ ପ୍ରିମିୟର ଲିଗ୍ ମୋ କ୍ୟାରିୟରର ଏକ ବିଶେଷ ଅଧ୍ୟାୟ ହୋଇଛି ଏବଂ ମୁଁ ଏଥିରେ ଖେଳିବାର ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିଛି।" ସେ ବିସିସିଆଇ, ୟୁପିସିଏ (ଉତ୍ତର ପ୍ରଦେଶ କ୍ରିକେଟ୍ ସଂଘ), ଜିସିଏ (ଗୁଜରାଟ କ୍ରିକେଟ୍ ସଂଘ) ଏବଂ ତାଙ୍କର ସମସ୍ତ ପ୍ରଶିକ୍ଷକଙ୍କୁ ମଧ ଧନ୍ୟବାଦ ଜଣାଇଥିଲେ। ତାଙ୍କ ପରିବାରକୁ ତାଙ୍କର ଶକ୍ତି ବୋଲି ବର୍ଣ୍ଣନା କରି, ସେ ତାଙ୍କ ପିତାଙ୍କ ପାଇଁ ଏକ ବିଶେଷ ବାର୍ତ୍ତା ଲେଖିଥିଲେ, "ମୋର ସ୍ୱର୍ଗତ ପିତାଙ୍କ ବିଶ୍ୱାସ ମୋତେ ଆତ୍ମବିଶ୍ୱାସ ଦେଇଥିଲା। ତାଙ୍କ ବିନା ଏହି ଯାତ୍ରା କେବେ ସମ୍ଭବ ହୋଇପାରି ନଥାନ୍ତା।"

ସେ ଆହୁରି ଲେଖିଛନ୍ତି, "ଆଜି ମୋ ପାଇଁ ଏକ ଅତ୍ୟନ୍ତ ଭାବପ୍ରବଣ ଦିନ, କାରଣ ମୁଁ ଆନୁଷ୍ଠାନିକ ଭାବରେ କ୍ରିକେଟର ସମସ୍ତ ଫର୍ମାଟରୁ ମୋର ଅବସର ଘୋଷଣା କରୁଛି। ଯଦିଓ ମୁଁ କ୍ରିଜ୍ ରୁ ଚାଲିଯାଏ, କ୍ରିକେଟ୍ ସବୁବେଳେ ମୋ ଭିତରେ ରହିବ। ଏବେ ମୁଁ ଏକ ନୂତନ ଯାତ୍ରା ଆରମ୍ଭ କରିବାକୁ ଅପେକ୍ଷା କରିଛି, ଯେଉଁଥିରେ ମୁଁ ଏହି ସୁନ୍ଦର ଖେଳର ଆତ୍ମା ଏବଂ ଶିକ୍ଷାକୁ ମୋ ସହିତ ନେଇ ଚାଲିବି।"

# ଆନ୍ତଃଜିଲ୍ଲା ଯୁବ କ୍ରିକେଟ୍: ମୌସମରାଜ, ରୋନିତଙ୍କୁ ୬ ୱିକେଟ୍






**ଭୁବନେଶ୍ୱର, ୬।୬ (ସଂଚାର ବ୍ୟୁରୋ):** ଚଳିତ ୧୯ ବର୍ଷରୁ କମ୍ (ଯୁବ) ଅନ୍ତଃଜିଲ୍ଲା କ୍ରିକେଟ୍ ପ୍ରତିଯୋଗିତାରେ ଗୁରୁବାର ସୁନ୍ଦରଗଡ଼, ବାଲାଙ୍ଗୀର, ଗଜପତି, କଟକ-ବି, କୋରାପୁଟ ଓ ଦେଓଗଡ଼ ବିଜୟୀ ହୋଇଛନ୍ତି। ଡ୍ରିମ୍ସ ପଡ଼ିଆରେ ବଲାଙ୍ଗୀର ୧୨ ରନ୍‌ରେ ମୟୂରଭଞ୍ଜକୁ ହରାଇଛି। ବଲାଙ୍ଗୀର ୨୧.୫ ଓଭରରେ ୩୮ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଚନ୍ଦନ କୁମାର ସିଂହ ୫ ୱିକେଟ୍ ନେଇଥିଲେ। ଜବାବରେ ମୌସୁମରାଜ ନାଗ (୫-୨-୧୨-୬) ଓ ଯୋଗେଶ୍ୱର ବାଗ (୪-୩-୧୩-୩)ଙ୍କ ଘାତକ ବୋଲିଂକୁ ସାମ୍ନା କରି ନପାରି ମୟୂରଭଞ୍ଜ ୯ ଓଭରରେ ୨୬ ରନ୍‌ରେ ଅଟକିଯାଇଥିଲା। ମୌସମରାଜ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ରେଭେନ୍ସା ପଡ଼ିଆ-୨ରେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ରୋନିତ ପ୍ରଧାନ (୯-୧-୨୪-୬)ଙ୍କ ଘାତକ ବୋଲିଂ ବଳରେ ଦେଓଗଡ଼ ୭୫ ରନ୍‌ରେ ଜଗତସିଂହପୁରକୁ ପରାସ୍ତ କରିଛି। ସେହିଭଳି ରେଭେନ୍ସା ପଡ଼ିଆ-୧ରେ କୋରାପୁଟ ୫ ୱିକେଟ୍‌ରେ ମାଲକାନଗିରିକୁ, ଅଡ଼ଶପୁର ପଡ଼ିଆରେ ସୁନ୍ଦରଗଡ଼ ୮୩ ରନ୍‌ରେ ସମ୍ବଲପୁର-ଏ'କୁ, ସନ୍‌ସାଇନ୍ ପଡ଼ିଆରେ ଗଜପତି ୩ ୱିକେଟ୍‌ରେ କଳାହାଣ୍ଡିକୁ, ବିଡ଼ାନାସୀ ପଡ଼ିଆରେ କଟକ-ବି' ୧୪ ରନ୍‌ରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ଗୁଡ଼ିକରେ କୋରାପୁଟର ପାର୍ଥସାରଥୀ ଲେଙ୍କା (୪-୩-୬-୩), ସୁନ୍ଦରଗଡ଼ର ସଞ୍ଜୀବ ବର୍ଦ୍ଦେକ (୨/୮, ୧୮ ରନ୍), ଗଜପତିର ଜ୍ଞାନେନ୍ଦ୍ର ପ୍ରସାଦ (୩/୨୫) ଏବଂ କଟକ-ବି'ର ଅଭିଷେକ ସେନାପତି (୩/୩୪) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ଫାଇନାଲ୍‌ରେ ସାବାଲେଙ୍କା-ଗଫ୍

**ପ୍ୟାରିସ୍, ୬।୬:** ଚଳିତ ଫ୍ରେଞ୍ଚ୍ ଓପନ୍ ମହିଳା ଏକକ ଫାଇନାଲ୍‌ରେ ବିଶ୍ୱର ଏକ ଓ ଦୁଇ ନମ୍ବର ଖେଳାଳି ଆରିନା ସାବାଲେଙ୍କା ଓ କୋକୋ ଗଫ୍ ମଧ୍ୟରେ ମୁକାବିଲା ହେବ। ଗୁରୁବାର ସେମିଫାଇନାଲ୍‌ରେ ୩ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ବେଲାରୁଷର ସାବାଲେଙ୍କା ୭-୬, ୪-୬, ୬-୦ ସେଟ୍‌ରେ ପଞ୍ଚମ ମାନ୍ୟତାପ୍ରାପ୍ତ ପୋଲାଣ୍ଡର ଇଗା ସ୍ୱିତେକଙ୍କୁ ଏବଂ ୨୦୨୩ ୟୁଏସ୍ ଓପନ୍ ବିଜୟିନୀ ଆମେରିକାର ଗଫ୍ ୬-୧, ୬-୨ ସେଟ୍‌ରେ ଫ୍ରାନ୍ସର ଲୋଇସ୍ ବୋଇସେନ୍‌ଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହ ସାବାଲେଙ୍କା ଏଠାରେ ପ୍ରଥମ ଏବଂ ଚତୁର୍ଥ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ଦିଗରେ ଆଉ ଗୋଟିଏ ପାଦ ଆଗକୁ ବଢ଼ାଇଛନ୍ତି। ଅନ୍ୟପକ୍ଷରେ ପରାଜୟ ସହ ଏଠାରେ ହ୍ୟାଟ୍ରିକ୍ ସହ ୪ ଟ୍ରଫି ଜିତିଥିବା ସ୍ୱିତେକଙ୍କ ଷଷ୍ଠ ଗ୍ରାଣ୍ଡ ସ୍ଲାମ୍ ଜିତିବା ସ୍ୱପ୍ନ ଘୁଞ୍ଚିଯାଇଛି।

### ସେମିଫାଇନାଲ୍‌ରେ ଜୋକୋଭିକ୍

ତିନି ଥର ବିଜେତା ନୋଭାକ ଜୋକୋଭିକ୍ ରେକର୍ଡ ୨୫ତମ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ଦିଗରେ ଗୋଟିଏ ପାଦ ଆଗକୁ ବଢ଼ାଇଛନ୍ତି। ଗୁରୁବାର ପୁରୁଷ ଏକକ କ୍ୱାର୍ଟରଫାଇନାଲ୍‌ରେ ଏହି ସର୍ବିୟା ତାରକା ୪-୬, ୬-୩, ୬-୨, ୬-୪ ସେଟ୍‌ରେ ତୃତୀୟ ମାନ୍ୟତାପ୍ରାପ୍ତ ଜର୍ମାନୀର ଆଲେକ୍‌ଜାଣ୍ଡର ଭେରଭ୍‌ଙ୍କୁ ପରାସ୍ତ କରିଥିଲେ। ଏଥିସହ ସେ ଲଗାତାର ୫ ଥର ଫ୍ରେଞ୍ଚ୍ ଓପନ୍ ସେମିଫାଇନାଲ୍ ପହଞ୍ଚିବାରେ ପୁରୁଷ ଖେଳାଳି ଭାବେ ରାଫେଲ ନାଦାଲ ଓ ରୋଜର ଫେଡେରର୍‌ଙ୍କ ସମକକ୍ଷ ହୋଇଛନ୍ତି।

୩୮ ବର୍ଷୀୟ ଜୋକୋଭିକ୍ ମଧ ରୋଲାଁ ଗ୍ୟାରୋସରେ ୧୦୧ତମ ବିଜୟ ହାସଲ କରିଛନ୍ତି। ଏବେ ସେ ପ୍ରଥମ ଖେଳାଳି (ପୁରୁଷ ଓ ମହିଳା) ଭାବେ ୨୫ ଗ୍ରାଣ୍ଡ୍ ସ୍ଲାମ୍ ଏକକ ଟ୍ରଫିଠୁ ଦୁଇ ବିଜୟ ଦୂରରେ ଅଛନ୍ତି। ଫାଇନାଲ୍ ସ୍ଥାନ ଲାଗି ଜୋକୋଭିକ୍ ଅଷ୍ଟ୍ରେଲିଆନ୍ (୨୦୨୪, ୨୦୨୫) ଓ ୟୁଏସ୍ ଓପନ୍ (୨୦୨୪) ବିଜେତା ବିଶ୍ୱର ଏକ ନମ୍ବର ଜାନିକ ସିନ୍ନରଙ୍କୁ ଭେଟିବେ। ୨୩ ବର୍ଷୀୟ ଇଟାଲିର ସିନ୍ନର ସିଧାସଳଖ ୬-୧, ୭-୫, ୬-୦ ସେଟ୍‌ରେ କାଜାଖସ୍ତାନର ଆଲେକ୍‌ଜାଣ୍ଡର ବୁବଲିକ୍‌ଙ୍କୁ ହରାଇ ପ୍ରଥମ ଫ୍ରେଞ୍ଚ୍ ଓପନ୍ ଟ୍ରଫି ଦିଗରେ ଆଉ ଗୋଟିଏ ପାଦ ଆଗକୁ ବଢ଼ାଇଛନ୍ତି। ଏଥିସହ ସେ ପ୍ରଥମ ଇଟାଲି ପୁରୁଷ ଭାବେ ୬ ଗ୍ରାଣ୍ଡ ସ୍ଲାମ୍ ସେମିଫାଇନାଲ୍‌ରେ ପହଞ୍ଚିବା ଏବଂ ଲଗାତାର ୧୯ ଗ୍ରାଣ୍ଡ୍ ସ୍ଲାମ୍ ବିଜୟ ପାଇବାର ଗୌରବ ଅର୍ଜନ କରିଛନ୍ତି।

# ଜାତୀୟ ଶିଶୁ ଚେସ୍: ଓଡ଼ିଶା ନିରାଶ




**ଭୁବନେଶ୍ୱର, ୬।୬ (ସଂଚାର ବ୍ୟୁରୋ):** ଖୋର୍ଦ୍ଧାସ୍ଥିତ କେଟି ଗ୍ଲୋବାଲ୍ ସ୍କୁଲ୍ ପରିସରରେ ଗୁରୁବାର ୩୮ତମ ଜାତୀୟ ୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କିନ୍ତୁ ଆୟୋଜକ ଓଡ଼ିଶାକୁ ଦୟନୀୟ ଭାବେ ନିରାଶ ହେବାକୁ ପଡ଼ିଛି। ଘରୋଇ ପରିବେଶରେ ଏହି ପ୍ରତିଯୋଗିତା ଖେଳାଯାଇଥିଲେ ମଧ ଓଡ଼ିଶା ଖେଳାଳିଙ୍କ ପ୍ରଦର୍ଶନ ସେମାନଙ୍କ ଅଗ୍ରଗତିକୁ ନେଇ ପ୍ରଶ୍ନବାଚୀ ଲଗାଇଛି। ଏହି ୫ ଦିନିଆ ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ମୋଟ ୩୪୫ ଜଣ ଭାଗ ନେଇଥିବା ବେଳେ ଓଡ଼ିଶାରୁ ୧୦ ବାଳିକାଙ୍କ ସହ ୩୩ ଜଣ ଖେଳିଥିଲେ। କିନ୍ତୁ ଉଭୟ ବର୍ଗରେ ପୁରସ୍କୃତ ୪୦ ଜଣଙ୍କ ମଧ୍ୟରେ ମାତ୍ର ଜଣେ ଓଡ଼ିଆ ରହି ପାରିଛନ୍ତି। ବାଳିକା ବର୍ଗରେ ଶୀର୍ଷ ମାନ୍ୟତାପ୍ରାପ୍ତ ଅନନ୍ୟା ଅନ୍ୱେଷା ମିଶ୍ର ୬.୫ ପଏଣ୍ଟ ସହ ୧୦ମ ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି। ତାଙ୍କୁ ଛାଡ଼ିଦେଲେ ଉଭୟ ବର୍ଗର ଶୀର୍ଷ ୨୦ ଭିତରେ ଆଉ କୌଣସି ଓଡ଼ିଆ ନାହାନ୍ତି। ଓପନ୍ ବର୍ଗରେ ଗୋଆର ଇଭାନ ଆଣ୍ଟୋନିଓ ଟେଲ୍ସ (୮.୫), ପୁଡୁଚେରୀର ଦୁବେଶ ମିଲନ୍ (୭.୫), ମହାରାଷ୍ଟ୍ରର ଆଂଶ ଦଧିଚ୍ (୭.୫) ଏବଂ ବାଳିକାରେ ରାଜସ୍ଥାନର ଶ୍ରେୟାଂଶୀ ଜୈନ (୯), ତାମିଲନାଡୁର କେ ଅନିକା (୭.୫) ଓ ପଶ୍ଚିମବଙ୍ଗର ସାଇ ଆସ୍ଥା ସିଂହ (୭) ଶୀର୍ଷ ୩ ସ୍ଥାନରେ ରହି ଯଥାକ୍ରମେ ୫୦, ୩୬, ୩୦ ହଜାର ଟଙ୍କା ଲେଖାଏଁ ସହ ଟ୍ରଫି ପାଇଛନ୍ତି। ଶୀର୍ଷ ୨୦ ଜଣ ଲେଖାଏଁ ଖେଳାଳିଙ୍କୁ ବି ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଉପରୋକ୍ତ ୪୦ ଜଣଙ୍କୁ ମୋଟ ୫,୦୦,୦୦୦ ଟଙ୍କା ପୁରସ୍କାର ରାଶି ଦିଆଯାଇଛି।

ଉଦ୍‌ଯାପନୀ ଉତ୍ସବରେ ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ, ଏଆଇସିଏଫ୍‌ର ବରିଷ୍ଠ ପଦାଧିକାରୀ ପ୍ରଶାନ୍ତ କୁଣ୍ଡୁ, ମନୀଷ କୁମାର, ଧର୍ମେନ୍ଦ୍ର କୁମାର, ଅଜିତ ବର୍ମା, ଅଲ୍ ଆସାମ ଚେସ୍ ସଂଘ ସମ୍ପାଦକ ରାଜୀବ ଧର, ଆୟୋଜକ ଏଓସିଏ ସଭାପତି ସତ୍ୟରଂଜନ ପଟ୍ଟନାୟକ, ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ।

# ପ୍ରଥମ ଶୁଟିଂ ଲିଗ୍‌ର ଲୋଗୋ ଉନ୍ମୋଚିତ

**ନୂଆଦିଲ୍ଲୀ, ୬।୬:** ଆଇପିଏଲ୍ ଢାଞ୍ଚାରେ ନଭେମ୍ବର ୨୦ରୁ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଦେଶର ପ୍ରଥମ ପେସାଦାର ସୁଟିଂ ଲିଗ୍ ଏସ୍‌ଏଲ୍‌ଆଇ (ସୁଟିଂ ଲିଗ୍ ଅଫ୍ ଇଣ୍ଡିଆ)ର ଲୋଗୋ ଗୁରୁବାର ସ୍ଥାନୀୟ ଡ. କର୍ଣ୍ଣି ସିଂହ ସୁଟିଂ ରେଞ୍ଜଠାରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ପ୍ୟାରିସ୍ ଅଲିମ୍ପିକ୍ସ ପଦକ ବିଜେତା ସ୍ୱପ୍ନିଲ କୁଶଲେଙ୍କ ସହ ଓଡ଼ିଆ ଝିଅ ଶ୍ରୀୟଙ୍କା ଷଡ଼ଙ୍ଗୀ, ଅର୍ଜୁନ ବବୁତା, ସନ୍ଦୀପ ସିଂହ, ସିଫ୍ଟ କୌର ଶମ୍ରା, ଅଞ୍ଜୁମ ମୁଦଗଲ, ବରୁଣ ସିଂହ ଚିମା, ସିମରନପ୍ରୀତ୍ କୌର ବ୍ରାର୍, ରାହି ସର୍ନୋବତ୍‌ଙ୍କ ଭଳି ଅନ୍ତର୍ଜାତୀୟ ତାରକା ଉପସ୍ଥିତ ଥିଲେ। ଲିଗ୍‌କୁ ନେଇ ବେଶ୍ ଉତ୍ସାହିତ ଥିବା ଶ୍ରୀୟଙ୍କା କହିଥିଲେ ଯେ ଲୋଗୋ ଉନ୍ମୋଚନ ଏହି ପ୍ରତିଯୋଗିତାକୁ ନେଇ ଜାତୀୟ ସଂଘର ପ୍ରତିବଦ୍ଧତାଙ୍କୁ ଦର୍ଶାଉଛି। ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ଖେଳାଳିଙ୍କ ସଫଳତା ସହ ଏସ୍‌ଏଲ୍‌ଆଇର ଆୟୋଜନ ଭାରତରେ ସୁଟିଂର ଲୋକପ୍ରିୟତାକୁ ଆହୁରି ବଢ଼ାଇବ। କେବଳ ଭାରତବର୍ଷ ନୁହେଁ ସମଗ୍ର ବିଶ୍ୱରେ ଏସ୍‌ଏଲ୍‌ଆଇ ସଫଳତାର ନୂଆ ଫର୍ଦ ଯୋଡ଼ିବ। ସୂଚନାଯୋଗ୍ୟ ଏସ୍‌ଏଲ୍‌ଆଇରେ ପିସ୍ତଲ (୧୦, ୨୫ ମିଟର), ରାଇଫଲ (୧୦, ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ୍), ସଟ୍‌ଗନ୍ (ଟ୍ରାପ୍ ଓ ସ୍କିଟ୍)ର ମିଶ୍ରିତ ଇଭେଣ୍ଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରଥଯାତ୍ରା...

ଶ୍ରୀଗୁଣ୍ଡିଚାରେ ଶ୍ରୀଜିଉମାନଙ୍କ ପହଣ୍ଡି ବିଜେଠାରୁ ଆରମ୍ଭ କରି ନିଳାଦ୍ରୀବିଜେ ପର୍ଯ୍ୟନ୍ତ ସବୁ ନୀତିକାନ୍ତି ଯେପରି ନିର୍ଦ୍ଧାରିତ ସମୟରେ ସୁରୁଖୁରୁରେ ଆୟୋଜିତ ହୋଇପାରିବ ତା'ର ତଦାରଖ କରିବେ ଏହି ମନ୍ତ୍ରୀସ୍ତରୀୟ କମିଟି। ଶ୍ରୀମନ୍ଦିର ସେବାୟତଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ସର୍ବୋପରି ସରକାରଙ୍କ ସହ ଯୋଗସୂତ୍ର ରକ୍ଷା କରି କମିଟି ସବୁ ଆୟୋଜନର ତଦାରଖ କରିବ।

### ପୁଣି ତେଜିଲା...

ହାତପାଣ୍ଠି ଅର୍ଥ ରିଲିଜ ହୋଇନି। ତେଣୁ ପୂର୍ବର ହାତପାଣ୍ଠିରୁ ହେଉଥିବା ପ୍ରକଳ୍ପ କାମରେ ପିସି କାରବାର ନହେଉ ବୋଲି ସମୀର କହିଛନ୍ତି। ଅଭିଯୋଗ ହେଉଛି ଯେ ନିମାପଡା ଓ ଗୋପ ବ୍ଲକରେ ବ୍ୟାପକ ପିସି କାରବାର ହେଉଛି। ବିଧାୟକ ହାତପାଣ୍ଠିରୁ କୋଠଘର ସମେତ ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ଯେଉଁ ଅର୍ଥ ଯାଏ ସେଥିରୁ କେତେ ଖର୍ଚ୍ଚ ହେଉଛି କେତେ ପିସି ଯାଉଛି ତାହା କୋଠଘରେ ହିଁ ହୋଇଥାଏ। ତେଣୁ କୋଠଘରେ ହେଉଥିବା ପିସି ତାଲିକାରେ ଉପମୁଖ୍ୟଙ୍କ ନାଁ ନଆସୁ ବୋଲି ସେ କହିଛନ୍ତି।

ସେହିଭଳି ପୂର୍ବ ସରକାରରେ ନିମାପଡାରେ ହୋଇଥିବା ଦୁର୍ନୀତିର ତଦନ୍ତ ହେବ ବୋଲି ପ୍ରଭାତୀ କହିଥିବା ବେଳେ ତାକୁ ଚ୍ୟାଲେଞ୍ଜ କରିଛନ୍ତି ସମୀର। ତେବେ ବିରୋଧୀ ଦଳରେ ଥିବା ବେଳେ ପ୍ରଭାତୀ ପରିଡା କାହିଁକି ପାଲ ପକେଇ ଦୁର୍ନୀତି ଅଭିଯୋଗ କରିନଥିଲେ କି ଆନ୍ଦୋଳନ କରିନଥିଲେ ବୋଲି ସେ ପ୍ରଶ୍ନ କରିଥିଲେ। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ସମୀର ଦାସ ଏବେଠୁ ସବୁ ପଞ୍ଚାୟତରେ ବନ୍ଧୁମିଳନ ଜରିଆରେ ନିଜ ସଂଗଠନକୁ ପୁଣି ଥରେ ଏକାଠି କରିବାକୁ ଜୋରଦାର ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଗତ ୧୦ ବର୍ଷ ହେଲା ତାଙ୍କ ନେତୃତ୍ୱରେ ସମିତ ଗଠନ ହେଉଥିଲା, ଏଥର ମଧ୍ୟ ସେ ସମିତି ଗଠନ କରିବେ ବୋଲି ଦାବି କରିଛନ୍ତି। ତେବେ ଏନେଇ ପ୍ରଭାତୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଗରିବଙ୍କୁ ...

ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ଉଦବୋଧନ ଦେଇ କହିଛନ୍ତି ଯେ ଆମ ସରକାର ପ୍ରାରମ୍ଭରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ରୋଜଗାର ସୃଷ୍ଟିକୁ ଗୁରୁତ୍ୱ ଦେଇଆସିଛି। ୫ ବର୍ଷ ମଧ୍ୟରେ ଦେଢ଼ ଲକ୍ଷ ସରକାରୀ ପଦବୀ ପୂରଣ ପାଇଁ ଲକ୍ଷ୍ୟ ରହିଛି। ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ। ଏହି କ୍ରମରେ ଆଜିକୁ ମିଶାଇ ୨୭,୪୨୮ଟି ସରକାରୀ ପଦବୀ ପୂରଣ କରାଯାଇଛି। ଆଗାମୀ ଦିନରେ ଆହୁରି ନିଯୁକ୍ତି ଆସିବା ଦିଗରେ ଆମର ପ୍ରୟାସ ଜାରି ରହିଛି। ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ବିଧାନସଭାରେ ବିଲ ପାରିତ କରାଯିବା ସହ ଆକ୍ଟ ପ୍ରଣୟନ ହୋଇଛି। ନିଯୁକ୍ତି କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି। ଚାକିରି ବୟସ ସୀମାକୁ ବି ଆମେ ୪୨ ବର୍ଷକୁ ବଢ଼ାଇସାରିଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ କ୍ରମାଗତ ନିଯୁକ୍ତି ମେଳା ଆୟୋଜିତ ହେଉଛି। ରାଜ୍ୟରେ ଯେତେସବୁ ନିଯୁକ୍ତି ଅଛି, ସେଥିରୁ ମାତ୍ର ୨ ପ୍ରତିଶତ ସରକାରୀ ସ୍ତରରେ ହୋଇଥାଏ। ବାକି ସବୁ ବେସରକାରୀ ଓ ଶିଳ୍ପକ୍ଷେତ୍ରରେ ସୃଷ୍ଟି ହୋଇଥାଏ। ଆଗାମୀ ଦିନରେ ରାଜ୍ୟରେ ଅତି କମରେ ୧୩ ଲକ୍ଷ ନିଯୁକ୍ତି କେବଳ ଶିଳ୍ପ କ୍ଷେତ୍ରରେ ସୃଷ୍ଟି ହେବ। ଏଥିପାଇଁ ଯୁବପିଢ଼ିକୁ ଇଣ୍ଡଷ୍ଟ୍ରି ରେଡ଼ି ହେବା ପାଇଁ ପଡିବ। ଉତ୍କର୍ଷ ଓଡିଶା ଆୟୋଜନର ମାତ୍ର ୪ ମାସ ମଧ୍ୟରେ ଏବେ ଶିଳ୍ପକ୍ଷେତ୍ରରେ ୯୦ ହଜାର ନିଯୁକ୍ତି ପାଇଁ ବାଟ ଖୋଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ନିଯୁକ୍ତିପତ୍ର ପାଇଥିବା କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିଠାରୁ ଆପଣମାନେ ସରକାରଙ୍କ ଅଙ୍ଗ ଭାବେ ଜନସାଧାରଣଙ୍କ ସେବାର ସୁଯୋଗ ପାଇବେ। ଆପଣମାନେ ଉତ୍ସର୍ଗୀକୃତ ଓ ସମର୍ପଣ ଭାବ ସହ ଲୋକଙ୍କ ସୁବିଧା, ଅସୁବିଧାକୁ ହୃଦୟଙ୍ଗମ କରି ସେବା ଯୋଗାଇଦେବେ ବୋଲି ମୋର ବିଶ୍ୱାସ। ଦୁର୍ନୀତିଠାରୁ ଦୂରେଇ ରହି ଆପଣମାନେ ରାଜ୍ୟର ବିକାଶ ଦିଗରେ କାର୍ଯ୍ୟ କରିବେ ବୋଲି ମୋର ପରାମର୍ଶ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ସମସ୍ତଙ୍କୁ ଚାରାରୋପଣ ପାଇଁ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ଉପସ୍ଥିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଏବଂ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ଅଭିଭାଷଣରେ ସମସ୍ତ ନବନିଯୁକ୍ତଙ୍କୁ ନିଷ୍ଠାର ସହ ଜନସାଧାରଣଙ୍କ ସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୩୦ଟି ଜିଲ୍ଲାରୁ ୩୦ ଜଣ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳୀନି ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍. ଧନ୍ୟବାଦ ଦେଇଥିଲେ।

### ସହରାଞ୍ଚଳ...

କମ୍ପ୍ଲେକ୍ସ, ଭେଣ୍ଡିଂ ଜୋନ, କ୍ଷୁଦ୍ର ଶୀତଳ ଭଣ୍ଡାର, ବୈଦ୍ୟୁତିକ ମୋଟର ଯାନ ଚାର୍ଜିଂ ଷ୍ଟେସନ ଓ କ୍ଷୁଦ୍ର ପର୍ଯ୍ୟଟନ ସ୍ଥଳୀର ବିକାଶ କରାଯିବ। ସେହିପରି ଶ୍ରମ ସମୃଦ୍ଧି ଯୋଜନାରେ ଛୋଟ ପାର୍କ, ମୁକ୍ତାକାଶ ବ୍ୟାୟାମଶାଳା, ଶିଶୁ କ୍ରୀଡ଼ା ଉଦ୍ୟାନ, ପାଦଚଲା ରାସ୍ତା, ଖେଳପଡ଼ିଆ, ବନୀକରଣ ପ୍ରକଳ୍ପ, ଭୋଗମଣ୍ଡପ, ଭାଗବତ ଟୁଙ୍ଗୀର ବିକାଶ ସହ ବର୍ଷା ଜଳ ଅମଳ ସରଞ୍ଜନା ପ୍ରକଳ୍ପର ବିକାଶ କରାଯିବ। ଜଳ ସମୃଦ୍ଧି ଯୋଜନାରେ ନଦୀକୂଳ ଓ ଜଳାଶୟଗୁଡ଼ିକର ନବୀକରଣ ଓ ବିକାଶ କରାଯିବ। ଏହାଛଡ଼ା ପ୍ରାଣୀ ସମୃଦ୍ଧି ପ୍ରକଳ୍ପରେ କାଞ୍ଜିଆହୁଦା, ଗୋଶାଳା ଓ ପ୍ରାଣୀଯତ୍ନ କେନ୍ଦ୍ରର ବିକାଶ ଦିଗରେ ପଦକ୍ଷେପ ନିଆଯିବ।

ସେହିଭଳି ଜୈବ ପ୍ରଯୁକ୍ତି ବିଜ୍ଞାନ ବିକାଶ ଯୋଜନାକୁ ମଧ୍ୟ ଆଜି କ୍ୟାବିନେଟ ମଞ୍ଜୁରୀ ମିଳିଛି। ଜୈବ ପ୍ରଯୁକ୍ତି ବିଜ୍ଞାନରେ ରାଜ୍ୟରେ ଥିବା ଅପାର ସୁଯୋଗକୁ ଅନୁଭବ କରି ରାଜ୍ୟ ସରକାର ଗତ ୨୦୨୨ରେ ଔଦ୍ୟୋଗିକ ନୀତିରେ ଜୈବ ପ୍ରଯୁକ୍ତିକୁ ଏକ ବଳିଷ୍ଠ କ୍ଷେତ୍ର ଭାବେ ଚିହ୍ନଟ କରିଛନ୍ତି। ଏଥିରେ ଏବେ କୌଶଳଯୁକ୍ତ ଗବେଷଣା, ଅତ୍ୟାଧୁନିକ ଭିତ୍ତିଭୂମି, ଷ୍ଟାର୍ଟଅପ ଓ ଇନକ୍ୟୁବେଟର ପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ଜୈବ ପ୍ରଯୁକ୍ତି ବିଜ୍ଞାନ ନୀତି ୨୦୨୪ରେ ରାଜ୍ୟକୁ ଏକ ଜ୍ଞାନବିଜ୍ଞାନ ଜୈବ ଅର୍ଥନୀତିରେ ପରିଣତ କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହି ଯୋଜନାରେ ଆସନ୍ତା ୫ ବର୍ଷରେ ୧୧୩୦ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ।

ଏଥିସହ ଛେଳିଗଡ଼ ଜଳସେଚନ ପ୍ରକଳ୍ପର କଂକ୍ରିଟ ଡ୍ୟାମ ଓ ସ୍ପିଲୱେ ନିର୍ମାଣ ପ୍ରକଳ୍ପକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ଏଥିରେ ୧୫୧ କୋଟି ୭୮ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ୧୮ ମାସ ମଧ୍ୟରେ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଗଜପତି ଜିଲ୍ଲାର ୫୦୦ ହେକ୍ଟର ଓ ଗଞ୍ଜାମ ଜିଲ୍ଲାର ୫୭୬୦ ହେକ୍ଟର ଜମି ଜଳସେଚିତ ହୋଇପାରିବ। ସେହିଭଳି ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋ ପାଇଁ ରାଜଧାନୀର ଚନ୍ଦ୍ରଶେଖରପୁର ମୌଜାରେ ଆବଣ୍ଟିତ ହୋଇଥିବା ଅତିରିକ୍ତ ୬୨୪ ଡିସିମିଲ ଜମିର ପ୍ରିମିୟମ ବାବଦକୁ ୨ କୋଟି ୬୦ ହଜାର ୮୨ ହଜାର ଟଙ୍କା ଛାଡ କରିବାକୁ ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି।

### ଅଧ ପ୍ରତିଶତ...

ଓ ଅନ୍ୟାନ୍ୟ ଋଣ ଉପରେ କିସ୍ତି ଶସ୍ତା ହେବ। ବିଶେଷକରି ୩୦ ଲକ୍ଷ ପର୍ଯ୍ୟନ୍ତ ଗୃହ ଋଣରେ ଗ୍ରାହକଙ୍କୁ ବିଶେଷ ଆଶ୍ୱସ୍ତି ମିଳିବ। ଏହା ପୂର୍ବରୁ ଚଳିତ ବର୍ଷ ଫେବୃଆରୀ ଓ ଏପ୍ରିଲ୍‌ରେ ରେପୋ ରେଟ୍ ହ୍ରାସ ପାଇଥିଲା। କିନ୍ତୁ ସେତେବେଳେ କେବଳ ୨୫ ବେସିସ୍ ପଏଣ୍ଟ ହ୍ରାସ ପାଇଥିଲା। ଫଳସ୍ୱରୂପ ଚଳିତ ବର୍ଷ ଆଜି ପର୍ଯ୍ୟନ୍ତ ଆର୍‌ବିଆଇ ରେପୋ ରେଟ୍‌ରେ ୧୦୦ ବେସିସ୍ ପଏଣ୍ଟ ହ୍ରାସ କରିଛି। ଗଭର୍ଣ୍ଣର ଶ୍ରୀ ମାଲହୋତ୍ରା ଏମପିସି ନିଷ୍ପତ୍ତି ବାବଦରେ ସୂଚନା ଦେଇ କହିଛନ୍ତି ଯେ ଦେଶରେ ଦରଦାମ ବୃଦ୍ଧି ସ୍ତର ଲଗାତାର ୪ ପ୍ରତିଶତ ତଳକୁ ଖସିଛି। ଦେଶରେ ଜିଡିପି ଅଭିବୃଦ୍ଧି ଉନ୍ନତ ସ୍ଥିତିରେ ରହିଛି। ରାଜନୈତିକ ସ୍ଥିରତା ଜାରି ରହିଥିବାରୁ ଏମପିସି ପାଖରେ ମୌଦ୍ରିକ ନୀତିରେ ସୁଧାର ଆଣିବାର ପର୍ଯ୍ୟାପ୍ତ ସୁଯୋଗ ରହିଥିଲା। ଏଥିସହ ଆର୍‌ବିଆଇର ମୁଦ୍ରା ନୀତି 'କାମଚଳା'ରୁ 'ନିରପେକ୍ଷ' ଆଡ଼କୁ ଗତି କରିଛି ବୋଲି ଶ୍ରୀ ମାଲ୍‌ହୋତ୍ରା କହିଛନ୍ତି।

### ଦୁର୍ଦ୍ଦାନ୍ତ ...

ଯେ ଗତକାଲି ଏକ କୋଟି ଟଙ୍କାର ପୁରସ୍କାର ରାଶି ଥିବା କେନ୍ଦ୍ରୀୟ କମିଟି ସଦସ୍ୟ ତଥା ବାଲକ୍ରିଷ୍ଣ ସୁଧାକର ମଧ୍ୟ ଏନ୍‌କାଉଣ୍ଟର୍‌ରେ ନିହତ ହୋଇଥିଲା। ଏହାପରେ ଗୁଇନ୍ଦା ସୂଚନା ଆଧାରରେ ଏଠାରେ ମିଳିତ ଅପରେସନକୁ ପୁନର୍ବାର ଲଞ୍ଚ୍ କରାଯାଇଛି। ଏହି ଅପରେସନରେ ମୁଖ୍ୟତଃ ଡିଆରଜି, ଏସଟିଏଫ ଏବଂ କୋବ୍ରାର ଏକ ମିଳିତ ବାହିନୀକୁ ଉକ୍ତ ଅଞ୍ଚଳକୁ ପଠାଯାଇଛି। ପ୍ରାଥମିକ ରିପୋର୍ଟ ଅନୁସାରେ, ଜଣେ ମାଓନେତା ମୃତ୍ୟୁବରଣ କରିଥିବା ବେଳେ ତା' ନିକଟରୁ ଏକେ-୪୭ ସହ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଛି।

### ଅଗଷ୍ଟ...

ଯେତେବେଳେ ମେ ୩୦ରେ ନିର୍ଦ୍ଦେଶ ଦିଆଯାଇଥିଲା। ଆପଣଙ୍କୁ ଦୁଇ ମାସ କାହିଁକି ଦରକାର? ଏହା ଉପରେ ଏନବିଇ କହିଥିଲା ଯେ ଆମକୁ କେନ୍ଦ୍ର ସଂଖ୍ୟା ଦ୍ୱିଗୁଣିତ କରିବାକୁ ପଡିବ। ତା'ପରେ ଆମକୁ ନିଶ୍ଚିତ କରିବାକୁ ପଡିବ ଯେ କେନ୍ଦ୍ରଗୁଡ଼ିକ ସୁରକ୍ଷିତ ଅଛି, ଏଥିପାଇଁ ସମୟ ଲାଗିବ। ଏହା ପରେ ଛାତ୍ରଛାତ୍ରୀମାନଙ୍କୁ କେନ୍ଦ୍ରଗୁଡ଼ିକ ବିଷୟରେ ସୂଚନା ଦେବାକୁ ପଡିବ। ଶେଷରେ ଅଗଷ୍ଟ ୩ ତାରିଖରେ ହୋଇଥିବା ଧାର୍ଯ୍ୟ ତାରିଖ ଉପରେ ସହମତି ପ୍ରକାଶ କରିଛନ୍ତି କୋର୍ଟ।

### ୭ ଜିଲ୍ଲାକୁ...

ବ୍ୟକ୍ତି, ବୟୋବୃଦ୍ଧ ବ୍ୟକ୍ତି ଓ କୋମର୍ବିଡିଟି ବା ଗୁରୁତର ରୋଗ ରହିଥିବା ଲୋକେ ରଥଯାତ୍ରାକୁ ନ ଯିବା ସକାଶେ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ଯେଉଁମାନେ ରଥଯାତ୍ରା ଯିବେ, ସେମାନେ ମାସ୍କ ପିନ୍ଧିବା ସହ ନିୟମିତ ବ୍ୟବଧାନରେ ହାତ ଧୋଇବା, ସ୍ୱଚ୍ଛ ପିଇବା ପାଣି ବ୍ୟବହାର କରିବା ଉପରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ରଥଯାତ୍ରା ପାଇଁ ଗତ ୨୦୨୦ କୋଭିଡ ସମୟରେ ପୁରୀରେ ଯେଉଁ ଆଇସିୟୁ ଥିଲା, ସେସବୁକୁ କାର୍ଯ୍ୟକ୍ଷମ କରାଯାଉଛି। ସ୍ୱାସ୍ଥ୍ୟ ସଚିବ ନିଜେ ଏହାର ତଦାରଖ କରିଛନ୍ତି। ପୁରୀ ହସ୍ପିଟାଲର ଶଯ୍ୟା ବୃଦ୍ଧି ସହ ଡାକ୍ତର ସଂଖ୍ୟାକୁ ମଧ୍ୟ ବଢ଼ାଯାଇଛି। ସମସ୍ତ ଯନ୍ତ୍ରପାତି, ଆଇସିୟୁ ଠିକ ରଖିବା ସହ ଆମ୍ବୁଲାନ୍ସ ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ପ୍ରସ୍ତୁତ ରହିବାକୁ କୁହାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡକ୍ଟର ଅରେନ୍ଦ୍ର ନାଥ ମହାନ୍ତି କହିଛନ୍ତି।

● ଆରସିବି ସେଲିବ୍ରେସନ

# ମଞ୍ଜୁରୀ ଦେଇଥିଲେ କର୍ଣ୍ଣାଟକ ସରକାର



**ବେଙ୍ଗାଲୁରୁ, ୬।୬:** ଆରସିବି ବିଜୟ ଉତ୍ସବ ସମୟରେ ଦଳାଚକଟା ଘଟି ୧୧ଜଣଙ୍କ ମୃତ୍ୟୁ ଘଟଣା ସମସ୍ତଙ୍କ ପାଇଁ ଦୁଃଖ ଆଣିଛି। ଏହି ଘଟଣା ହାଇକୋର୍ଟରେ ପହଞ୍ଚିଥିବା ବେଳେ ସରକାର ମଧ୍ୟ ବିଳମ୍ବରେ ହେଲେ ବି ପଦକ୍ଷେପ ନେଇଛନ୍ତି। ଏହାରି ଭିତରେ ଆସିଛି ଏକ ବଡ ଖବର। ସରକାର ନିଜ ମୁଣ୍ଡ ଉପରୁ ଦୋଷ ଖସାଇବାକୁ ଉଦ୍ୟମ କରିଥିଲେ ବି ସତ ପଦାକୁ ଆସିଛି। କର୍ଣ୍ଣାଟକ ସରକାର ଜୁନ୍ ୪ ତାରିଖରେ ବିଧାନସୌଧର ପୂର୍ବ ପଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଆରସିବିର ବିଜୟ ଉତ୍ସବ କାର୍ଯ୍ୟକ୍ରମକୁ ଅନୁମୋଦନ କରିଥିବା ଜଣାପଡିଛି। ଯେଉଁଥିରେ କଡ଼ା ସର୍ତ୍ତ ଥିଲା, ଯଦି ସ୍ଥାନରେ ତମ୍ବୁ କିମ୍ବା ଗଠନ ନିର୍ମାଣ କରାଯାଏ ତେବେ ୧୫ ଲକ୍ଷ ଟଙ୍କା ଫେରସ୍ତଯୋଗ୍ୟ ସୁରକ୍ଷା ଜମା।

ଇଣ୍ଡିଆ ଟୁଡେ ଦ୍ୱାରା ସ୍ୱତନ୍ତ୍ର ଭାବରେ ଉପଲବ୍ଧ ସରକାରୀ ଚିଠି ଅନୁଯାୟୀ, କର୍ମଚାରୀ ଏବଂ ପ୍ରଶାସନିକ ସଂସ୍କାର ବିଭାଗ ଡିପିଏଆର କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘ କେଏସଏସିଏକୁ ଏହି ଅନୁମୋଦନ ପ୍ରଦାନ କରିଥିଲା। ଆସୋସିଏସନର ଅନୁରୋଧ ଏବଂ ପୁଲିସ ଡେପୁଟି କମିଶନର, ବିଧାନସୌଧର ସୁରକ୍ଷା ଦ୍ୱାରା ଜାରି କରାଯାଇଥିବା କ୍ଲିୟରାନ୍ସ ଉପରେ ଆଧାରିତ। ଉଲ୍ଲେଖିତ ପ୍ରମୁଖ ସର୍ତ୍ତଗୁଡ଼ିକ ମଧ୍ୟରେ ଆୟୋଜକମାନଙ୍କୁ ଇଭେଣ୍ଟ ପୂର୍ବରୁ ଡିମାଣ୍ଡ ଡ୍ରାଫ୍ଟ ମାଧ୍ୟମରେ ୧୦,୦୦୦ ଟଙ୍କା ପରିମଳ ଶୁଳ୍କ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସହିତ ତମ୍ବୁ କିମ୍ବା ଗଠନର ଯେକୌଣସି ବ୍ୟବହାର ପାଇଁ ୧୫ ଲକ୍ଷ ଟଙ୍କା ଜମା ସର୍ତ୍ତଥିଲା, ଯଦି କୌଣସି କ୍ଷତି କିମ୍ବା ଉଲ୍ଲଂଘନ ରିପୋର୍ଟ ନଥିଲେ ଫେରସ୍ତ କରାଯାଇପାରିବ। ଚିଠିରେ ଜୋର ଦିଆଯାଇଥିଲା ଯେ ସ୍ଥାନର ପାହାଚ, ମୂର୍ତ୍ତି, ରାସ୍ତା କିମ୍ବା ଉଦ୍ୟାନର କୌଣସି କ୍ଷତି ପାଇଁ ଆୟୋଜକମାନେ ସମ୍ପୂର୍ଣ୍ଣ ଦାୟୀ ରହିବେ। ପ୍ଲାଷ୍ଟିକ୍ ବ୍ୟବହାର କଡ଼ାକଡ଼ି ନିଷେଧ ଥିଲା ଏବଂ ସାଧାରଣ ବ୍ୟବହାର ପାଇଁ କେବଳ କାଗଜ କିମ୍ବା କାଚ ଜିନିଷଗୁଡ଼ିକୁ ଅନୁମତି ଦିଆଯାଇଥିଲା। ସମସ୍ତ ପାନୀୟ ବାହାରେ ପ୍ରସ୍ତୁତ କରାଯିବାକୁ ଥିଲା, ସ୍ଥାନରେ ଗ୍ୟାସ୍ ସିଲିଣ୍ଡର ବ୍ୟବହାର ଅନୁମତି ଦିଆଯାଇନଥିଲା। ଯଦି ଖାଦ୍ୟ ବ୍ୟବସ୍ଥା କରାଯାଏ, ତେବେ କେବଳ ବିଧାନ ସୌଧର ପୂର୍ବ ବାହ୍ୟ ପରିସରରେ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପରିବେଷଣ କରାଯାଇପାରିବ। ଡ୍ରୋନ୍ ବ୍ୟବହାର ନିଷେଧ କରାଯାଇଥିଲା, କାରଣ ଏହି ଅଞ୍ଚଳଟି ନୋ-ଫ୍ଲାଏ ଜୋନ୍ ଅଧୀନରେ ଆସୁଛି। କାର୍ଯ୍ୟକ୍ରମର ସୁରକ୍ଷା ଏବଂ ସୁଗମ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଆୟୋଜକମାନଙ୍କୁ ପୁଲିସ ବିଭାଗ, ବିବିଏମପି, ଅଗ୍ନିଶମ ସେବା ଏବଂ ସ୍ୱାସ୍ଥ୍ୟ ବିଭାଗ ସହିତ ସମନ୍ୱୟ ରଖିବାକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଥିଲା। ବୈଦ୍ୟୁତିକ କିମ୍ବା ଗଠନମୂଳକ ଉପକରଣର ଯେକୌଣସି ସଂସ୍ଥାପନ ପାଇଁ ପବ୍ଲିକ୍ ୱାର୍କସ୍ ବିଭାଗର ନିର୍ଦ୍ଦିଷ୍ଟ ଇଞ୍ଜିନିୟରମାନଙ୍କଠାରୁ ପୂର୍ବ ଅନୁମୋଦନ ପାଇଁ କୁହାଯାଇଥିଲା। ସରକାରଙ୍କ ନିର୍ଦ୍ଦେଶରେ ଏହା ମଧ୍ୟ ଉଲ୍ଲେଖ କରାଯାଇଥିଲା ଯେ କାର୍ଯ୍ୟକ୍ରମର ନିମନ୍ତ୍ରଣ କାର୍ଡର ଡିଜାଇନ୍ ରାଜ୍ୟ ପ୍ରୋଟୋକଲ୍ ୱିଙ୍ଗ ଦ୍ୱାରା ଅନୁମୋଦନ କରାଯିବାକୁ ପଡିବ। କାର୍ଯ୍ୟକ୍ରମ ସମାପ୍ତ ହେବାର ତିନି ଘଣ୍ଟା ମଧ୍ୟରେ ସବୁ ଜିନିଷ ସଫା କରାଯିବାକୁ ପଡିବ, ନଚେତ୍ ସୁରକ୍ଷା ଜମା ବାଜ୍ୟାପ୍ତ କରାଯିବ। ସଂଘ କହିଛି ଯେ କାର୍ଯ୍ୟକ୍ରମ ଆୟୋଜନ କିମ୍ବା ଭିଡ଼ ଏବଂ ଫାଟକ ପରିଚାଳନାରେ ଏହାର କୌଣସି ଭୂମିକା ନାହିଁ, ସ୍ପଷ୍ଟ କରି କହିଛି ଯେ ସମ୍ମାନିତ କାର୍ଯ୍ୟକ୍ରମ ଷ୍ଟାଡିୟମରେ ନୁହେଁ, ବିଧାନ ସୌଧରେ ଆୟୋଜିତ ଏକ ସରକାରୀ ନିଷ୍ପତ୍ତି ଥିଲା।




## ଅତ୍ୟାଧୁନିକ ଆମ୍ବୁଲାନ୍ସ ସେବାକୁ ଲୋକାର୍ପିତ କଲେ ବିଧାୟକ

**କୋରିଗୁମା/କୋରାପୁଟ, ୬।୬ (ସଂଚାର ବ୍ୟୁରୋ) :** ଶୁକ୍ରବାର କୋଟପାଡ଼ ବିଧାୟକ ରୁପୁ ଭତ୍ରାଙ୍କ ଦ୍ୱାରା କୋରାପୁଟ ଜିଲ୍ଲା କୋଟପାଡ଼ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲୋକାର୍ପିତ ହୋଇଛି ଅତ୍ୟାଧୁନିକ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ସେବା। କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଆମ୍ବୁଲାନ୍ସ ମିଳିଥିବା ବେଳେ ଅଞ୍ଚଳବାସୀ ଖୁସି ପ୍ରକଟ କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଧାୟକ ରୁପୁଭତ୍ରାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ଶୁକ୍ରବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ କୋଟପାଡ଼ ବିଧାୟକ ରୁପୁଭତ୍ରାଙ୍କ ଉପସ୍ଥିତିରେ ଏହି ଅତ୍ୟାଧୁନିକ ଆମ୍ବୁଲାନ୍ସର ଶୁଭାରମ୍ଭ ହୋଇଥିଲା। ପୂର୍ବରୁ ୧୦୮ କଲ କଲେ ଆମ୍ବୁଲେନ୍ସ ଗଲାବେଳକୁ ବହୁତ ସମୟ ଲାଗୁଥିଲା ଏବେ ଆଉ ସେହି ଅସୁବିଧା ରହିବ ନାହିଁ। ବର୍ତ୍ତମାନ ଅଞ୍ଚଳରେ ଆମ୍ବୁଲାନ୍ସ ରହିଲେ ଅଞ୍ଚଳବାସୀଙ୍କୁ ସହଜରେ ଆମ୍ବୁଲେନ୍ସ ସେବା ମିଳିବା ସହ ରୋଗୀ ବହୁତ ଶୀଘ୍ର ମେଡ଼ିକାଲରେ ପହଞ୍ଚି ଚିକିତ୍ସା ସୁବିଧା ପାଇପାରିବେ ବୋଲି ବିଧାୟକ କହିଛନ୍ତି । ଏଥିସହିତ କାର୍ଯ୍ୟକ୍ରମରେ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ କୋଟପାଡ଼ ବିଧାୟକ ପ୍ରତିନିଧି ରାମେଶ୍ୱର ଜେନା ଏବଂ ପାର୍ଟିର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ଖଲ୍ଲିକୋଟ କଲେଜ ପଡିଆରେ ଜଳିଲା ଲାଇଟ୍


ଏବେ

● ଡେପୁଟି ମେୟରଙ୍କୁ ଅବଗତ ପରେ ତୁରନ୍ତ ସମାଧାନ

**ବ୍ରହ୍ମପୁର, ୬।୬ (ସଂଚାର ବ୍ୟୁରୋ) :** ଘନ ଅନ୍ଧାର ଭିତରେ ରହିଥିବା ଖଲ୍ଲିକୋଟ କଲେଜ ଖେଳ ପଡିଆରେ ଲାଇଟ୍ ଜଳିଛି। ଦୀର୍ଘ ଦିନ ହେବ ପଡିଆରେ ଆଲୁଅ ବ୍ୟବସ୍ଥା ନଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଥିଲା। ଏନେଇ ସଂଚାରର ସାମ୍ବାଦିକ ଅସିତ୍ ପଣ୍ଡାଙ୍କୁ ଜଣେ ବ୍ୟକ୍ତି ଏ ସମ୍ପର୍କରେ ଅବଗତ କରାଇଥିଲେ। ଶ୍ରୀ ପଣ୍ଡା ଡେପୁଟି ମେୟରଙ୍କୁ ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇବା ପରେ ସେ ବିଭାଗୀୟ ଯନ୍ତ୍ରୀଙ୍କୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଥିବାରୁ ଲୋକେ ଡେପୁଟି ମେୟର ଓ ଯନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନା ଅନୁଯାୟୀ, ଦୀର୍ଘ ୨୫ ଦିନରୁ ଉର୍ଦ୍ଧ୍ୱ ହେବ ଲାଇଟ ଜଳୁନଥିଲା। ପ୍ରତ୍ୟେକ ଦିନ ସ୍ଥାନୀୟ ଲୋକେ ଭ୍ରମଣ ଏବଂ ବ୍ୟାୟାମ ପାଇଁ ଏହି କଲେଜ ପଡିଆ ଉପରେ ନିର୍ଭର କରନ୍ତି। ଏଥିପାଇଁ ସହରରେ ଅନ୍ୟ କୌଣସି ପଡିଆ ନଥିବାରୁ ଏହି ଏକମାତ୍ର ପଡିଆକୁ ଆସିଥାନ୍ତି। ସନ୍ଧ୍ୟା ୬ ଘଣ୍ଟା ଠାରୁ ୮ ଘଣ୍ଟା ପର୍ଯ୍ୟନ୍ତ ଲୋକେ ଶାରୀରିକ ବ୍ୟାୟାମ ଏବଂ ଭ୍ରମଣ କରିଥାନ୍ତି। କିନ୍ତୁ ଆଲୁଅ ବ୍ୟବସ୍ଥା ଲୋକଙ୍କ ଭ୍ରମଣ କ୍ଷେତ୍ରରେ ବାଧା ସୃଷ୍ଟି କରୁଥିଲା। ଉକ୍ତ ପଡିଆ ଟି ସମ୍ପୂର୍ଣ୍ଣ ଖାଲ ଖମା ଅବସ୍ଥାରେ ରହିଥିବାରୁ ଅନେକ ସମୟରେ ଝୁଣ୍ଟି ଆହତ ମଧ ହେଉଥିଲେ। ଏପରିକି ଜୀବଜନ୍ତୁଙ୍କ ଭୟ ବି ରହିଛି। ଅନ୍ୟପଟେ, ଅନ୍ଧାରର ସୁଯୋଗ ନେଇ କିଛି ଅସାମାଜିକ ବ୍ୟକ୍ତି ଏହାର ଫାଇଦା ମଧ ଉଠାଉଛନ୍ତି। ସନ୍ଧ୍ୟା ହେଲେ ପଡ଼ିଆରେ ଆଡ୍ଡା ଜମୁଛି। ମଦର ଆସର ବି ଜମୁଥିବା ଲୋକେ ଅଭିଯୋଗ କରିଛନ୍ତି। ସମ୍ପ୍ରତି ଏହାର ଅଲୋକୀକରଣ ବ୍ୟବସ୍ଥା ହୋଇଥିବାରୁ ଭ୍ରମଣକାରୀ ସହଜରେ ଶାରୀରିକ ବ୍ୟାୟାମ କରିପାରୁଥିବା କହିଛନ୍ତି।

## ଅଟୋରୁ ଖସିପଡ଼ି ନାବାଳିକାର ମୃତ୍ୟୁ

**ବାଲିଅନ୍ତା, ୬।୬ (ସଂଚାର ବ୍ୟୁରୋ) :** ବାଳକାଟି ଫାଣ୍ଡି ଅଧୀନ ସରଦେଇପୁର -ନିମାପଡ଼ା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ପୂରଣ ପଧାନ-ବୁଦ୍ଧିପଡ଼ା ଛକ ମଧ୍ୟରେ ଆଜି ସକାଳେ ଅଟୋରୁ ଖସିପଡ଼ି ଜଣେ ୩ ବର୍ଷ ବାଳିକାର ମୃତ୍ୟୁ ହୋଇଯାଇଛି। ତେବେ ଏନେଇ ଫାଣ୍ଡିରେ କୌଣସି ଅଭିଯୋଗ କରାଯାଇ ନାହିଁ। ସୂଚନା ଅନୁସାରେ ମହିଳା ଜଣକ ସ୍ୱାମୀ ଓ ୩ ବର୍ଷର ଝିଅ ସହିତ ବାପ ଘରକୁ ଆସିଥିଲେ। ଆଜି ସକାଳେ ଏକ ଡାଲା ଅଟୋରେ ଜାଳେଣି କାଠ ନେଇ ଶାଶୂ ଘର ବାଲିପାଟଣାକୁ ଯାଉଥିଲେ। ଅଟୋ ଡ଼ାଲାଉପରେ ଲଦା ହୋଇଥିବା ଜାଳେଣି କାଠ ଉପରେ ମହିଳା ଜଣଙ୍କ ନିଜ ଛୁଆଟିକୁ ଧରି ବସିଥିଲେ। ରାସ୍ତାର ମୋଡ ନିକଟରେ ହଠାତ ମା ହାତରୁ ଛୁଆଟି ଖସିପଡ଼ିଥିଲା ବେଳେ ଅଟୋ ପଛ ଚକାତଳେ ଚାପି ହୋଇ ବାଳିକାର ମୃତ୍ୟୁ ହୋଇ ଯାଇଥିଲା।ଏହି ଦଖଦ ଘଟଣା ଦେଖି ରାସ୍ତାରେ ଜନ ଗହଳି ପାଇଁ ସ୍ୱଳ୍ପ ସମୟ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

# ‘ଚରିତ୍ର ଗଠନ ଶିକ୍ଷାର ନିହିତ ଉଦ୍ଦେଶ୍ୟ’



**ଭୁବନେଶ୍ୱର, ୬।୬ (ସଂଚାର ବ୍ୟୁରୋ) :** ବ୍ୟକ୍ତିର ଚରିତ୍ର ଗଠନ ସହିତ ତା’ର ଶାରୀରିକ, ମାନସିକ ନୈତିକ ଏବଂ ଆଧ୍ୟାତ୍ମିକ ବିକାଶକୁ ସକ୍ଷମ କରିବା ହେଉଛି ସାମଗ୍ରିକ ଶିକ୍ଷାର ଉଦ୍ଦେଶ୍ୟ ବୋଲି ଜାତୀୟ ମାନବାଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ୍ ଭି. ରାମାସୁବ୍ରମଣ୍ୟନ୍ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍ଡ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ଜଷ୍ଟିସ୍ ରାମାସୁବ୍ରମଣ୍ୟନ୍ କହିଛନ୍ତି ଯେ ପ୍ରକୃତ ଶିକ୍ଷା କେବଳ ବୌଦ୍ଧିକ ଜ୍ଞାନ ପ୍ରଦାନ କରେ ନାହିଁ ବରଂ ଜଣେ ବ୍ୟକ୍ତିର ବୁଦ୍ଧିମତାର ପରିସରକୁ ପରିବ୍ୟାପ୍ତ କରି, ମସ୍ତିଷ୍କର କ୍ଷମତାକୁ ବୃଦ୍ଧି କରି ସର୍ବୋପରି ତାକୁ ନିଜ ଗୋଡ଼ରେ ଠିଆ ହେବାର ସାମର୍ଥ୍ୟ ପ୍ରଦାନ କରି ଆତ୍ମନିର୍ଭରଶୀଳ ଏବଂ ମାନସିକ ଭାବରେ ମଧ୍ୟ ଦୃଢ଼ କରିଥାଏ। ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତିି ଦେଇ ସେ କହିଛନ୍ତି ଯେ ଶିକ୍ଷାର ଚାରୋଟି ସ୍ତମ୍ଭ ହେଉଛି ଚରିତ୍ର ନିର୍ମାଣ, ବୌଦ୍ଧିକ ବିକାଶ, ମାନସିକ ଦୃଢ଼ତା ଏବଂ ଆତ୍ମନିର୍ଭରଶୀଳତା।

‘ଜଣେ ବ୍ୟକ୍ତି ନିଜର ପାଠ୍ୟକ୍ରମ ସମାପ୍ତ କରିପାରେ କିନ୍ତୁ ଶିକ୍ଷା କେବେ ସମାପ୍ତ ହୋଇପାରିବ ନାହିଁ, ଏହା ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଅନ୍ତହୀନ ନିରବଚ୍ଛିନ୍ନ ଯାତ୍ରା’ ବୋଲି ଜଷ୍ଟିସ୍ ରାମାସୁବ୍ରମଣ୍ୟନ୍ କହିଛନ୍ତି। ଆଜିର ବିଶ୍ୱରେ କେବଳ ସଫଳତା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଲୋକମାନେ ପ୍ରକୃତ ସଫଳତା କ’ଣ ତାହା ବୁଝନ୍ତି ନାହିଁ। ଶିକ୍ଷା କିମ୍ବା ବଡ଼ ଚାକିରି ପାଇବା ସଫଳତା ନୁହେଁ କାରଣ ଜୀବନ ସଫଳତାକୁ ଭିନ୍ନ ଭାବରେ ଦେଖେ।’ ତାଙ୍କ ଅଭିଭାଷଣର ଶେଷରେ ସେ ସୋଆ ବିଶ୍ୱବିଦ୍ୟାଳୟର ପ୍ରଶଂସା କରି କହିଥିଲେ ଯେ ବର୍ଷ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଏହି ଅନୁଷ୍ଠାନ ଉଲ୍ଲେଖନୀୟ ପ୍ରଗତି କରିପାରିଛି।

ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କରିଥିଲେ। ସୋଆ ଅଧିନସ୍ଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ମୁଖ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଆଇଏଏସ୍‌ର ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜବରଦଖଲ ଉଚ୍ଛେଦକୁ ଗ୍ରାମବାସୀଙ୍କ ତୀବ୍ର ବିରୋଧ



**କାକଟପୁର/ଅସ୍ତରଙ୍ଗ, ୬।୬ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ପାଟଳଦା ପଂଚାୟତ ଅଧୀନ ବରଡ଼ି ନିକଟରେ ଶୁକ୍ରବାର ଦିନ ସ୍ଥାନୀୟ ପ୍ରଶାସନ ତରଫରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ପୁଲିସ ଓ ତହସିଲର ବିଭାଗୀୟ ସରକାରୀ କର୍ମଚାରୀ ଯାଇଥିଲେ। ଅସ୍ତରଙ୍ଗ ତହସିଲର ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ସଦଳବଳେ ଘଟଣାସ୍ଥଳରେ ପହଂଚି ସରକାରୀ ସ୍ଥାନରେ ଥିବା ସଞ୍ଜୟ ମହାପାତ୍ରଙ୍କ କୁକୁଡ଼ା ଫାର୍ମ ଭାଙ୍ଗିବାକୁ ପ୍ରୟାସ କରିବା ପୂର୍ବରୁ ଉପସ୍ଥିତ ଥିବା ପଂଚାୟତର ବିଭିନ୍ନ ମହିଳା ତୀବ୍ର ବିରୋଧ କରିଥିଲେ।

ଖବର ମୁତାବକ ପାଟଳଦା ପଂଚାୟତ କୁସୁମ୍ବର ମୌଜା ୧୫୧ ପ୍ଲଟକୁ ଜମିଜମା ସମସ୍ୟା ରହିଛି। ଯାହାକି ସେହି ଅଂଚଳରେ ଗ୍ରାମ୍ୟ ଜଙ୍ଗଲ ଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ପ୍ୟାରୀ ମୋହନ ନାୟକ ଲିଖିତ ଅଭିଯୋଗ କରିଥିଲେ ଗ୍ରାମ୍ୟ ଜଙ୍ଗଲ ସଡ଼କରେ ରାସ୍ତା ନେବା ପାଇଁ, କିନ୍ତୁ ଦୀର୍ଘ ବର୍ଷ ହେବ ସେହି ଗ୍ରାମର ଗରିବ ତେଜରାତି ଦୋକାନୀ ସଂଜୟ ମହାପାତ୍ର ଏକ କୁକୁଡ଼ା ଫାର୍ମ କରି ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି। କିନ୍ତୁ ପୂର୍ବ ଶତ୍ରୁତାକୁ ନେଇ ଆକ୍ରୋଶ ମୂଳକ ଭାବେ ରାସ୍ତା ନେବା ପାଇଁ ତହସିଲରେ ଅଭିଯୋଗ ପରେ ଅଭିଯୋଗକୁ ଭିତ୍ତି କରି ପ୍ରଶାସନ ତରଫରୁ ପୁଲିସ ଫୋର୍ସ ପହଂଚିଥିଲେ। କିନ୍ତୁ ମହିଳାଙ୍କ ବିରୋଧ ସତ୍ତ୍ୱେ ଉଚ୍ଚ ପଦସ୍ତ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଅସ୍ତରଙ୍ଗ ଥାନା ନିରୀକ୍ଷକ ରାଜେଶ ବଳିୟାର ସିଂ, ପାଟଳଦା ସରପଞ୍ଚ ଯଶୋବନ୍ତ ନାୟକ ଉପସ୍ଥିତରେ ଆଲୋଚନା ପରେ ସାତ ଦିନର ମହଲତ ଦିଆଯାଇଥିଲା। ସ୍ଥାନୀୟ ବାସିନ୍ଦା ଓ ପାଟଳଦା ସରପଞ୍ଚ ଯଶୋବନ୍ତ ନାୟକ ଦାବି କରିଛନ୍ତି ଜିଲ୍ଲା ପ୍ରଶାସନ ପକ୍ଷପାତିତା ନକରି ଯଦି ଉଚ୍ଛେଦ କରିବା କଥା ସ୍ଥାନୀୟ ଅଞ୍ଚଳରେ ଥିବା ସମସ୍ତ ଜବରଦଖଲ ଉଚ୍ଛେଦ କରାଯାଉ କିନ୍ତୁ ଜଣେ ଲୋକର ଏକୁଟିଆ ଉଚ୍ଛେଦ କରାନଯାଉ। ଅନ୍ୟ ପକ୍ଷରେ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ଅସ୍ତରଙ୍ଗ ଥାନା ନିରୀକ୍ଷକ ରାଜେଶ ବଳିୟାର ସିଂଙ୍କ ସହ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଥିଲେ।

ଭିତ୍ତିପ୍ରସ୍ତରର ମାସକରେ ପୋଲର ଛାତପକା କାର୍ଯ୍ୟ ଶେଷ

## ପୋଲର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ



**ନାଉଗାଁ, ୬।୬ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ନାଉଗାଁ, କୋକିଡିହ, କାନୁନୁଗୋସାହି, ଅବଦଲପୁର ଆଦି ଗ୍ରାମର ଚାଷୀମାନେ ଗୋବରୀ ନଦୀ ପାର ହୋଇ ନିଜର ଚାଷ ଜମିକୁ ଯିବା ଆସିବା କରିବା ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଚାଷୀଙ୍କ ସମସ୍ୟାକୁ ନେଇ ଅନେକ ଥର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜଳ ନିକାସ ବିଭାଗ ପକ୍ଷରୁ ଏକ ପୋଲ ନିର୍ମାଣ କରାଯିବା ପାଇଁ ଠିକାଦାର ଚୟନକୁ ନେଇ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଠିକାଦାର ଚୟନ ଶେଷ ହେବା ପରେ ଅପ୍ରେଲ ୪ ତାରିଖରେ ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଏହି ପୋଲ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ହେଲେ ଭିତ୍ତିପ୍ରସ୍ତର ସ୍ଥାପନ ହେବା ମାସକ ମଧ୍ୟରେ ପୋଲର ଛାତ ପକା କାର୍ଯ୍ୟ ଶେଷ ହୋଇଥିବା ଦେଖାଯାଇଛି।

ଅନ୍ୟପଟରେ ପୋଲ କାର୍ଯ୍ୟ ଆରମ୍ଭ ହେବା ସମୟରେ ପୋଲର ମୂଳ ସ୍ତରର ସପୋଟ ୱାଲ ବଙ୍କା ଢଙ୍କା ହୋଇଥିବା ନେଇ ଅଭିଯୋଗ ହେଉଛି। ଚାଷୀଙ୍କ ସ୍ୱାର୍ଥ ପାଇଁ ସରକାରଙ୍କ ପକ୍ଷରୁ ଏହି ପୋଲ ନିର୍ମାଣ କରାଯାଇଥିବା ବେଳେ ବହୁ କମ୍ ସମୟ ମଧ୍ୟ ଏହି ପୋଲ କାର୍ଯ୍ୟ ଶେଷ ହୋଇଥିବାରୁ ପୋଲର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଥାଉକି ଏହି ପୋଲ ସହିତ ବାଂଶରେ ଅନ୍ୟ ଏକ ପୋଲକୁ ମିଶାଇ ଅଟକଳ ମୂଲ୍ୟ ୮୬ ଲକ୍ଷ ୧୫ ହଜାର ଟଙ୍କା ରହିଛି। ଏସଂର୍ପକରେ ବିଭାଗୀୟ ଏସଡିଓ ଇଂ.ସୁମନ କୁମାର ଘୋଷଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ।

## ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

● କାରଣ ଅସ୍ପଷ୍ଟ, ପୁଲିସର ତନାଘନା



**ବୋରିଗୁମ୍ମା, ୬।୬ (ସଂଚାର ବ୍ୟୁରୋ) :** ସହର ଉପକଣ୍ଠ ବଡଦୁବୁଲି ଗ୍ରାମର ୧ କିଲୋମିଟର ଦୂରରେ ଥିବା ନୀଳଗିରି ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସୁଶାନ୍ତ ଗୌଡ଼ (୨୩)। ତାଙ୍କ ଘର ବୋରିଗୁମ୍ମା ବ୍ଲକ ବଡଦୁବୁଲି ଅଞ୍ଚଳରେ ବୋଲି ଜଣାପଡିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ବୋରିଗୁମ୍ମା ପୁଲିସ ଟିମ୍ ତନାଘନା ଆରମ୍ଭ କରିଛି । ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି । ରିପୋର୍ଟ ମଳିବା ପରେ ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟହେବ ବୋଲି ଆଇଆଇସି ଶ୍ୱେତପଦ୍ମା ସେଠ ସୂଚନା ଦେଇଛନ୍ତି।

ଉଦ୍‌ଘାଟନ ଯାଏ ବି ତିଷ୍ଠିପାରିଲାନି ସେତୁ

## ହାତ ମାରିଲେ ଖଣ୍ଡ ଖଣ୍ଡ ହୋଇ ଗଳିପଡୁଛି କଂକ୍ରିଟ୍

**କାକଟପୁର/ଅସ୍ତରଙ୍ଗ, ୬।୬ (ସଂଚାର ବ୍ୟୁରୋ) :** ଲୋକଙ୍କ ଗମନାଗମନର ସୁବିଧାକୁ ଦୃଷ୍ଟିରେ ରଖି ନିର୍ମାଣ ହେଲା ବ୍ରିଜ୍। ହେଲେ କାମ ଏତେ ନିମ୍ନମାନର ଯେ ଉଦଘାଟନ ଯାଏଁ ବି ବ୍ରିଜ୍ ତିଷ୍ଠି ପାରିଲାନି । ନିର୍ମାଣ ଅଳ୍ପ କେଇଟା ଦିନରେ ହିଁ ଭୁଷୁଡ଼ିବା ଅବସ୍ଥାରେ ବ୍ରିଜ୍ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଛୁରିଆନା ପଞ୍ଚାୟତର କାଦୁଅ ନଦୀ ଉପରେ ନିର୍ମାଣ ହୋଇଛି ପାପୀରା ସେତୁ। ୨୦୨୨ରେ ଡ୍ରେନେଜ ବିଭାଗ ପକ୍ଷରୁ ୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ବ୍ରିଜ ଏବେ ଭୁଷୁଡ଼ିବା ଅବସ୍ଥାରେ । ବ୍ରିଜ୍‌ଟି ଅଧାରୁ ଦବି ଗଲାଣି । କଂକ୍ରିଟରେ ହାତ ମାରିଲେ ଖଣ୍ଡ ଖଣ୍ଡ ହୋଇ ଗଳିପଡୁଛି । ବ୍ରିଜ୍‌ର ନିମ୍ନଭାଗ ପିଲାର ନିର୍ମାଣରେ ୨୫ ଏମ୍‌ଏମ୍ ଲୁହାଛଡ଼ ବଦଳରେ ୧୦ ଏମ୍‌ଏମ୍ ଲୁହାଛଡ଼ ବ୍ୟବହାର ହୋଇଛି । ଫଳରେ ସେଗୁଡିକ କଳଙ୍କି ଲାଗି ଝଡ଼ିବା ଆରମ୍ଭ କଲାଣି।



ଛୁରିଆନା ପଞ୍ଚାୟତକୁ ଉତ୍ତର ପାଖକୁ କାଦୁଅ ନଦୀ ଓ ଦକ୍ଷିଣ ପାଖକୁ ସମୁଦ୍ର ଘେରି ରହିଛି । ପଞ୍ଚାୟତର ୧୫ଟି ଗାଁର ଗମନାଗମନର ସୁବିଧା ପାଇଁ ଏହି ବ୍ରିଜ୍‌ଟି ନିର୍ମାଣ କରାଯାଇଥିଲା। ଏବେ ଭାଙ୍ଗିରୁଜି ଗଲାଣି। ଭାରିଯାନ ଚଳାଚଳ ଉପରେ କଟକଣା ଲଗାଇ ଚୁପ୍ ବସିଛି ପ୍ରଶାସନ । ଯାହାକୁ ନେଇ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି । ତୁରନ୍ତ ବ୍ରିଜ୍ କାମର ଅନୁଧାନ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ମହୁଖଣ୍ଡା ସେବା ସମବାୟ ସମିତିରେ କିଣାହେଲା ୨୦୦ କ୍ୱିଣ୍ଟାଲ ଧାନ

● ମିଲର ବିଳମ୍ବରେ ପହଞ୍ଚିବାକୁ ନେଇ ଚାଷୀ ଅସନ୍ତୋଷ

**ବାଲିଅନ୍ତା, ୬।୬ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଅଧୀନ ମହୁଖଣ୍ଡା ସେବା ସମବାୟ ସମିତି ପକ୍ଷରୁ ଆଜି ରବି ଧାନମଣ୍ଡି ଶୁଭାରମ୍ଭ ହୋଇଛି। ଧାନ କିଣା ଦାୟିତ୍ୱରେ ଥିବା ମିଲର ବିଳମ୍ବରେ ପହଞ୍ଚି ବାକୁ ନେଇ ଘୋର ଅସନ୍ତୋଷ ଦେଖା ଦେଇଥିଲା । ଅପରାହ୍ନ ୪ଟା ବେଳେ ମିଲର ଧାନ କିଣିବାକୁ ଆସିଥିଲା । ମିଲର ବିଳମ୍ବରେ ପହଞ୍ଚିବାଥିବା ବେଳେ ବର୍ଷା ହେବାରୁ ଚାଷୀ ଅସନ୍ତୋଷ ଦେଖା ଦେଇଥିଲା । ମୋଟ ୨୫ ଜଣ ଚାଷୀ ଧାନ ବିକ୍ରି କରିବା ଲାଗି ନାମ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କୁ ମଧ୍ୟରୁ ଆଜି ୭ ଜଣ ଚାଷୀ ୨୦୦ କ୍ୟୁଣ୍ଟାଲ ଧାନ ବିକ୍ରି କରିଥିଲେ । ଏହି ଅବସରରେ ସମିତି ସଭାପତି ତାପସ କୁମାର ଜେନା ଏବଂ ଜଗନ୍ନାଥ ପୁର ରାଜସ୍ୱ ନିରୀକ୍ଷକ ସୁଜିତ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣ୍ଡି ଶୁଭ ଉଦଘାଟନ କରିଥିଲେ । ସମିତି ସଂପାଦକ ହେମନ୍ତ କୁମାର ନାୟକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବି ଋତୁରେ ମଣ୍ଡିରେ ମୋଟ ୮ ଶହ କ୍ୟୁଣ୍ଟାଲ ଧାନ ସଂଗ୍ରହ ନେଇ ଲକ୍ଷଧାର୍ଯ୍ୟ କରାଯାଇଥିବା ବେଳେ ଆଜି ମୋଟ ୨୦୦ କ୍ୟୁଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ସଂପାଦକ ଶ୍ରୀ ନାୟକ କହିଛନ୍ତି। ପ୍ରତି ସପ୍ତାହର ଶୁକ୍ରବାର ମଣ୍ଡିରୁ ଧାନ ସଂଗ୍ରହ କରାଯିବ । ବସନ୍ତମାଳ ସ୍ଥିତ ସାନ୍ଧୋଲିଆ ରାଇସ ମିଲ ମଣ୍ଡିରୁ ଧାନ କିଣିବ। ଏହି ପରିପ୍ରେକ୍ଷୀରେ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।



# ବରୁଣେଇ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା, ୬।୬ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧକ୍ଷତାରେ ଚଳିତ ୨୦୨୫ ବର୍ଷର ୧୭ ତମ ବାର୍ଷିକ ବରୁଣେଇ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।




ଉକ୍ତ ବୈଠକରେ ମାନ୍ୟବର ବିଧାୟକ, ଖୋର୍ଦ୍ଧା, ପ୍ରଶାନ୍ତ କୁମାର ଜଗଦ୍ଦେବ ଯୋଗଦେଇ ନିଜ ଅଭିଭାଷଣରେ କହିଲେ ଯେ ରଜ ମହୋତ୍ସବ ଖୋର୍ଦ୍ଧାର ଗୋଟିଏ ସମ୍ମାନଜନକ ପାରମ୍ପାରିକ ପର୍ବ ଓ ମା’ ବରୁଣେଇଙ୍କ ଉତ୍ସବ ଅଟେ । ଖୋର୍ଦ୍ଧା ଜିଲ୍ଲା ଏହି ପାରମ୍ପାରିକ ରଜ ମହୋତ୍ସବ ପାଳନକୁ ମହାକୁମ୍ଭରେ ପରିଣତ କରିବାକୁ ହେଲେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ପ୍ରଶାସନର ସହଯୋଗ ଏବଂ ସମସ୍ତ ଖୋର୍ଧାବାସୀଙ୍କ ଆନ୍ତରିକ ଉଦ୍ୟମ ନିତ୍ୟାନ୍ତ ଆବଶ୍ୟକ ବୋଲି ଉଦବୋଧନ ରଖି ଖୋର୍ଦ୍ଧାର ଏହି ପାରମ୍ପାରିକ ରଜ ମହୋତ୍ସବକୁ ଆଡମ୍ବର ସହକାରେ ପାଳନ କରି ଦୃଷ୍ଟାନ୍ତ ସୃଷ୍ଟି କରିବା ସହ ଖୋର୍ଦ୍ଧା ମାଟିର ଐତିହ୍ୟ ଓ ପରମ୍ପରା ଏବଂ ସାଂସ୍କୃତିକ ବୈଭବ ଅକ୍ଷୁର୍ଣ୍ଣ ରଖିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଖୋର୍ଦ୍ଧା ପୌର ପରିଷଦ ଅଧକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗଦେଇ ମା ’ବରୁଣେଇଙ୍କ ମହିମା ଯୋଗୁ ଆଜି ରଜ ମହୋତ୍ସବ ୧୭ ବର୍ଷରେ ପଦାର୍ପଣ କରି ଥିବାରୁ ଖୁସି ବ୍ୟକ୍ତ କରି ସମସ୍ତେ ମିଳିମିଶି ଖୋର୍ଦ୍ଧାର ଏହି ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବାକୁ ମତବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ ଯେ ମାନ୍ୟବର ଖୋର୍ଦ୍ଧା ବିଧାୟକଙ୍କୁ ସଭାପତି ଭାବେ ନେଇ ଏକ କମିଟି ଗଠନ କରାଗଲା। ସଭାପତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହେବ। କମିଟିର ଆବାହକ ଦିଶାନ୍ତ ସ୍ୱେଚ୍ଛାସେବୀ ସଂଗଠନ ସାଧାରଣ ସମ୍ପାଦକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସେବା ଯୋଗାଇ ଦେବାକୁ ପ୍ରସ୍ତାବ ରଖିଥିଲେ। ଏହି ବରୁଣେଇ ରଜ ମହୋତ୍ସବ ଉତ୍ସବକୁ ଜୁନ ୧୫ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ ବୋଲି ଅଧକ୍ଷ ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏଥିପାଇଁ ଖୋର୍ଦ୍ଧା ୱାଟକୋ ଓ ପୌର ପରିଷଦ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା, ମନ୍ଦିର ଆଲୋକୀ କରଣ ସହ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଲୋକି କରଣ କରାଯିବ। ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ଦିଷାନ୍ତ କର୍ମକର୍ତ୍ତା ଯୋଗଦେଇଥିଲେ

## ନାବାଳିକାକୁ ବଳାତ୍କାର ଅଭିଯୋଗରେ ସମ୍ପର୍କୀୟ ଭିଣୋଇ ଅଟକ

**ନୀଳଗିରି, ୬।୬ (ସଂଚାର ବ୍ୟୁରୋ):** ଯୁକ୍ତଦୁଇରେ ପଢୁଥିବା ଜୈନିକା ନାବାଳିକାକୁ ସମ୍ପର୍କୀୟ ଭିଣୋଇ ବଳାତ୍କାର କରିଥିବାର ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅଧୀନସ୍ଥ ଆରପଟା ଗ୍ରାମର ସାଧୁ ବିନ୍ଧାଣୀର ପୁଅ ରାଜେନ୍ଦ୍ର ବିନ୍ଧାଣୀ ଯିଏକି ଉକ୍ତ ନାବାଳିକାର ସମ୍ପର୍କୀୟ ଭିଣୋଇ ଯୁବତୀଙ୍କୁ ଥଣ୍ଡା ପିଇବାକୁ ଡ଼ାକିନେଇ ବଳାତ୍କାର କରିଥିଲେ। ଘଟଣା ବାବଦରେ ପ୍ରକାଶ କଲେ ଜୀବନରୁ ମାରିଦେବାର ଧମକ ମଧ ଦେଇଥିଲେ। ପରେ ନାବାଳିକା ଜଣକ ପରିବାର ନିକଟରେ ସମସ୍ତ ଘଟଣା କହିବାପରେ ପରିବାର ଲୋକ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ରନ୍ଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ‘ୱି କ୍ୟାନ୍ କୁକ୍’ ଆଣ୍ଡ ‘ୱି କ୍ୟାନ୍ ବେକ୍’ ଉଦ୍‌ଯାପିତ

**ଭୁବନେଶ୍ୱର, ୬।୬ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍‌ଏଚଏମ୍) ପକ୍ଷରୁ ଆରମ୍ଭ ହୋଇଥିବା ୪ ଦିନିଆ ରନ୍ଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ‘ୱି କ୍ୟାନ୍ କୁକ୍’ ଆଣ୍ଡ ‘ୱି କ୍ୟାନ୍ ବେକ୍’ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସମାଜସେବୀ ତଥା ମହିଳା ଆତ୍ମନିର୍ଭର ଅଭିଯାନର ଅଧକ୍ଷା ଡକ୍ଟର ରିନା ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ରନ୍ଧଣା ଏକ ପ୍ରକାର କଳା ହୋଇଥିବା ବେଳେ ବର୍ତ୍ତମାନ ଏହା ସବୁବର୍ଗଙ୍କ ନିମନ୍ତେ ପ୍ୟାଶନ୍ ଅଟେ। ଝିଅ ହେଉ କିମ୍ବା ମହିଳାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଅନ୍ତଃନିର୍ହିତ ନ ରଖି ତାହାକୁ ଜାଣି ସେ ଦିଗ ପ୍ରତି ପଦକ୍ଷେପ ନେବା ଉଚିତ୍। ନିଜ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ସ୍ୱାବଲମ୍ବୀ ହେବା ଅତ୍ୟନ୍ତ ଆବଶ୍ୟକ। ନିଜର ଆତ୍ମବିଶ୍ୱାସ, ଇଚ୍ଛାଶକ୍ତିକୁ ସୁଦୃଢ଼ କରିବା ଯୋଗୁଁ ଅସମ୍ଭବକୁ ସମ୍ଭବ କରିହେବ ବୋଲି ସେ ପ୍ରତିଯୋଗୀଙ୍କୁ ଆହ୍ୱାନ ଦେଇଥିଲେ।



ଏହି କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କ୍ରଂଟୋଲର ଅଫ୍ ଏଗଜାମିନେସନ୍ ଧରଣୀଧର ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ମା’ର ହାତ ରନ୍ଧାର ତୁଳନା ନାହିଁ। ଘରର ମହିଳାଟି ଯେଉଁ ଶ୍ରଦ୍ଧାରେ ଖାଦ୍ୟ ରାନ୍ଧିକି ଦିଏ ତାହାର ସ୍ୱାଦ ଖୁବ୍ ନିଆରା ଥାଏ କିନ୍ତୁ ଏହା କେବଳ ଖାଦ୍ୟ ସୁସ୍ୱାଦ ହେବା ଯେତିକି ଜରୁରୀ ନୁହେଁ ବରଂ ଶରୀର ପାଇଁ ମଧ ସେତିକି ସ୍ୱାସ୍ଥ୍ୟକର ହେବା ଜରୁରୀ ବୋଲି ସେ କହିଥିଲେ। ଖାଦ୍ୟ ରନ୍ଧନ କରିବାରେ କୌଣସି ବୟସ ସୀମା ନ ଥାଏ। ଯାହାକୁ ସମସ୍ତ ବର୍ଗର ବୟସ୍କମାନେ ରାନ୍ଧିବାକୁ ଖୁବ୍ ପସନ୍ଦ କରିଥାନ୍ତି। ସୋଆ ଏସ୍‌ଏଚ୍‌ଏମ୍ ପକ୍ଷରୁ ଆୟୋଜିତ ହୋଇଥିବା ଅଭିନବ ପ୍ରୟାସ ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପ୍ରତିଯୋଗୀମାନଙ୍କୁ ସେ ଉତ୍ସାହିତ କରିବା ସହିତ ମଧ ପ୍ରଶଂସା କରିଥିଲେ। ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ।

● ଶ୍ରୀ ଅନ୍ନ ଅଭିଯାନର ବାର୍ଷିକ କାର୍ଯ୍ୟ ଯୋଜନାର ସମୀକ୍ଷା

# ଓଡ଼ିଶାକୁ ଶ୍ରୀଅନ୍ନର ହବ୍ ପାଇଁ ପରାମର୍ଶ



ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ): କୃଷି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆଜି ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ଖରିଫ ଚାଷ ପାଇଁ ଶ୍ରୀ ଅନ୍ନ ଅଭିଯାନର ବାର୍ଷିକ କାର୍ଯ୍ୟ ଯୋଜନାର ସମୀକ୍ଷା କରାଯାଇଛି। ଶ୍ରୀ ଅନ୍ନ ଅଭିଯାନ କୃଷି ବିଭାଗର ଏକ ଯୁଗାନ୍ତକାରୀ ଯୋଜନା ହୋଇଥିବା ବେଳେ ଏହା ରାଜ୍ୟର ପାରମ୍ପରିକ ଖାଦ୍ୟ ମାଣ୍ଡିଆ, ସୁଆଁ, ବାଜରା, କାଙ୍ଗୁ ଆଦିର ପୁନରୁଦ୍ଧାର ଦିଗରେ ବିଶେଷ ଫଳପ୍ରଦ ହୋଇପାରିଛି। ଏହି ଯୋଜନାର ସୁଫଳ ଯୋଗୁଁ ଗରିବଙ୍କ ଖାଦ୍ୟ ଆଜି ପଞ୍ଚତାରକା ରେଷ୍ଟୋରାଁରେ ପହଞ୍ଚିପାରିଛି। କେବଳ ସେତିକି ନୁହେଁ, ଆଜି ଦୈନନ୍ଦିନ ଜୀବନରେ ବହୁ ନେତା ଓ ଅଭିନେତାଙ୍କ ଖାଦ୍ୟ ତାଲିକାରେ ମଧ୍ୟ ଏହା ସାମିଲ ହୋଇପାରିଛି। ଆସନ୍ତା ଖରିଫ ଋତୁରେ ଶ୍ରୀ ଅନ୍ନର ଉତ୍ପାଦନ, ଅମଳ ପରବର୍ତ୍ତୀ ପରିଚାଳନା, ବିକ୍ରି ବୃଦ୍ଧି ଆଦି ଉପରେ ଅଧିକ ଗୁରୁତ୍ୱ ଦେବାକୁ ଡ. ପାଢ଼ୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଆଗାମୀ ଦିନରେ ଅଧିକ ଜମିରେ ମାଣ୍ଡିଆ ଜାତୀୟ ଫସଲ ଚାଷ କରି ଓଡ଼ିଶାକୁ ଶ୍ରୀଅନ୍ନର ହବ୍ କରିବାକୁ ମଧ୍ୟ ପ୍ରମୁଖ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ତାଙ୍କ କହିବା କଥା ଯେ ଏହା କେବଳ ଲୋକଙ୍କୁ ରୋଜଗାର ପ୍ରଦାନ କରୁନି, ବରଂ ଜନଜାତି ଓ ଆଦିବାସୀ ସମ୍ପ୍ରଦାୟଙ୍କୁ ଆର୍ଥିକ ଭାବେ ସଶକ୍ତ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିପାରିଛି। ତା'ଛଡ଼ା ଏହା ଆମକୁ ଆମର ପାରମ୍ପରିକ ଖାଦ୍ୟ ସଂସ୍କୃତି ସହ ଯୋଡ଼ି ରଖୁଛି ବୋଲି ଡ. ପାଢ଼ୀ କହିଛନ୍ତି।

ବୈଠକରେ କୃଷି ବିଭାଗ ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଭାରତୀୟ ପୁଷ୍ଟିଶସ୍ୟ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ, ତିନ ଗବେଷଣା, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର, ଭାରତୀୟ ଖାଦ୍ୟ ନିଗମ, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଓଏସଏସଓପିସିଏ, ରାଜ୍ୟ ବିହନ ନିଗମ, ଆପିକଲ୍, ଟିଡିସିସିଓଏଲ ଆଦିର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସ୍କୁଲ ଓ ଉଚ୍ଚଶିକ୍ଷାରେ ଭାରତୀୟ ଭାଷାକୁ ଧର୍ମେନ୍ଦ୍ରଙ୍କ ଗୁରୁତ୍ୱ



ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟପ୍ରଦେଶର ଇନ୍ଦୋର ଗସ୍ତରେ ଥିବା ବେଳେ ଆଜି ସେଠାରେ ଶିକ୍ଷା ମନ୍ତ୍ରଣାଳୟ ସହ ସମ୍ବନ୍ଧିତ ସଂସଦର ପରାମର୍ଶଦାତା ସମିତିର ଦ୍ୱିତୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ସ୍କୁଲ ଓ ଉଚ୍ଚ ଶିକ୍ଷାନୁଷ୍ଠାନରେ ଭାରତୀୟ ଭାଷାରେ ଶିକ୍ଷାକୁ ପ୍ରୋତ୍ସାହନ ଉପରେ ଆଲୋଚନା ହୋଇଥିଲା। ଶ୍ରୀ ପ୍ରଧାନ ମାତୃଭାଷାରେ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷା ମନ୍ତ୍ରଣାଳୟ ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଏଥିସହ ସ୍କୁଲ ଓ ଉଚ୍ଚଶିକ୍ଷାରେ ଭାରତୀୟ ଭାଷାକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ପିଲାମାନଙ୍କର ଜ୍ଞାନାତ୍ମକ ବିକାଶ ପାଇଁ ଦୃଢ଼ ଭିତ୍ତିଭୂମି ନିର୍ମାଣ, ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଓ ଦେଶର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ଅଂଶଗ୍ରହଣ କରି ମୂଲ୍ୟବାନ ପରାମର୍ଶ ଦେଇଥିବାରୁ କମିଟି ସଦସ୍ୟଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଆଗାମୀ ବର୍ଷଗୁଡ଼ିକରେ ଶିକ୍ଷାର ମାଧ୍ୟମ ମୁଖ୍ୟତଃ ଭାରତୀୟ ଓ ସ୍ଥାନୀୟ ଭାଷାରେ ହେବ ବୋଲି କହିବା ସହ ଇଞ୍ଜିନିୟରିଂ ଭଳି ବୈଷୟିକ ପାଠ୍ୟକ୍ରମ ସମେତ ସ୍ଥାନୀୟ ଭାଷାରେ ପାଠ୍ୟକ୍ରମ ପ୍ରଚଳନ ପାଇଁ ଆଇଆଇଟି ଭଳି ଉଚ୍ଚଶିକ୍ଷା ପ୍ରତିଷ୍ଠାନର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଭାରତୀୟ ଭାଷାରେ ପୁସ୍ତକ ଯୋଗାଇବାକୁ ପ୍ରାଥମିକତା ଦିଆଯାଉଛି। ଗ୍ରାମାଞ୍ଚଳ କିମ୍ବା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗରୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଯୁକ୍ତିବିଦ୍ୟା ସେମାନଙ୍କ ପସନ୍ଦର ଭାଷାରେ ବିଷୟବସ୍ତୁ ବୁଝିବାରେ ସାହାଯ୍ୟ କରିପାରିବ। ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଏକ ଦୃଢ଼ ଏବଂ ବିକଶିତ ଅର୍ଥନୀତି ଆବଶ୍ୟକ। ଏହି ଦୃଷ୍ଟିକୋଣକୁ ସାକାର କରିବାରେ ଶିକ୍ଷା ମୁଖ୍ୟ ବାହକ ହେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ। ବୈଠକରେ ଉତ୍ତର-ପୂର୍ବ କ୍ଷେତ୍ରର ଶିକ୍ଷା ଓ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର, ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ସଚିବ ସଞ୍ଜୟ କୁମାର, ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ ସଚିବ ଡକ୍ଟର ବିନୀତ ଯୋଶୀ ଯୋଗ ଦେଇଥିଲେ। ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ସହ ରତଲାମ ଆଲୋଟ୍‌ସ୍ଥିତ ପିଏମଶ୍ରୀ ଜବାହାର ନବଦୋୟ ବିଦ୍ୟାଳୟ ପରିସରରେ ଛାତ୍ରାବାସ ଓ କର୍ମଚାରୀ ଭବନ ସହ ସାନ୍ଦିପନୀ ବିଦ୍ୟାଳୟର ଲୋକାର୍ପଣ କରିଥିଲେ।

# ଭିସା ଅବଧି ଶେଷ, କୋଣାର୍କରୁ ଫ୍ରାନ୍ସ ପର୍ଯ୍ୟଟକ ଗିରଫ



କୋଣାର୍କ, ୬।୬ (ସଂଚାର ବ୍ୟୁରୋ) : କୋଣାର୍କ ମଙ୍ଗୁଳିଶ୍ୱର ମନ୍ଦିରରୁ ଜଣେ ଫ୍ରାନ୍ସ ପର୍ଯ୍ୟଟକଙ୍କୁ କୋଣାର୍କ ପୁଲିସ ଗିରଫ କରିଛି । ୧୪ ମାସ ହେବ ତାଙ୍କର ଭିସା ଅବଧି ଶେଷ ହୋଇଥିବାବେଳେ ସେ ଏଠାରେ ବେନିୟମ ଭାବେ ଅବସ୍ଥାନ କରୁଥିଲେ। ଫ୍ରାନ୍ସର ନାଗରିକ କାଇଜରଗୁଏସ ଟୋନି ଗତ ୨୦୨୩ଜୁନ୍ ମାସରେ କୋଣାର୍କ ପରିଦର୍ଶନରେ ଆସିଥିଲେ। ପର୍ଯ୍ୟଟକ ଟୋନିଙ୍କ ୧ବର୍ଷର ଅବଧି ଥିବା ଇ-ଟୁରିଷ୍ଟ ଭିସାରେ ୬ମାସ ପାଇଁ ଭାରତ ପରିଦର୍ଶନରେ ଆସିଥିଲେ। କୋଣାର୍କରେ କିଛିଦିନ ରହିବା ପରେ ଆଉ ନିଜ ଦେଶକୁ ଫେରିନଥିଲେ। ମଙ୍ଗୁଳିଶ୍ୱର ମନ୍ଦିର ପରିସର ଆଶ୍ରମରେ ରହିଯାଇଥିଲେ। ଗତ ଏପ୍ରିଲ ୨୦୨୪ରେ ଟୋନିଙ୍କ ଭିସା ଅବଧି ଶେଷ ହୋଇଥିଲା। ହେଲେ ସେ ଆଉ ଫେରି ପାରିନଥିଲେ। ଏ ସମ୍ପର୍କରେ ହାଇଦ୍ରାବାଦରେ ଥିବା ବୈଦେଶିକ ମନ୍ତ୍ରଣାଳୟକୁ ଅବଗତ କରାଯାଇଥିଲା । ପୁରୀ ଏସପିଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଫ୍ରାନ୍ସ ପର୍ଯ୍ୟଟକ ଟୋନିଙ୍କୁ କୋଣାର୍କ କୋର୍ଟ ଚାଲାଣ କରାଯାଇଥିବା କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

# କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ: ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ): କୋଟିଆ ହେଉଛି ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। କୋଟିଆକୁ ନେଇ ରାଜ୍ୟ ସରକାର କୌଣସି ପ୍ରକାର ସାଲିସ୍ କରିବେ ନାହିଁ। ବିକଶିତ କୋଟିଆ ପାଇଁ ତିଆରି ହୋଇଥିବା ସ୍ୱତନ୍ତ୍ର କମିଟି ବୈଠକରେ କିଛି ଏଭଳି କଡ଼ା ଆଭିମୁଖ୍ୟ ଦେଖାଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଶ୍ରୀ ପୂଜାରୀ କହିଛନ୍ତି ଯେ କୋଟିଆ ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ତିଆରି ହେବ। ସୁପ୍ରିମକୋର୍ଟରେ ମଧ୍ୟ ହାରିଥିବା ମାମଲାକୁ ପୁନଃଜୀବିତ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିବା ସହ ଏନେଇ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜସ୍ୱ ମନ୍ତ୍ରୀ ତାଙ୍କ ନିର୍ଦ୍ଦେଶରେ ମାସକ ମଧ୍ୟରେ ଅଧିକାରୀମାନେ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ନିଜ ନିଜ ବିଭାଗର ରୋଡ୍‌ମ୍ୟାପ ଦେବେ। ଆର୍ଥିକ, ସାମାଜିକ, ସଂସ୍କୃତିକ ବିକାଶ ପାଇଁ ଯୋଜନା ହାତକୁ ନିଆଯିବ। ରାସ୍ତାଘାଟ ସହ ଭିତ୍ତିଭୂମିର ବିକାଶ, ଚାଷୀଙ୍କ ପାଇଁ ମାର୍କେଟର ସୁବିଧା, ଯୁବକଙ୍କ ପାଇଁ କାମ ଆଦିକୁ ଦୃଷ୍ଟିରେ ରଖି ବିଭାଗଗୁଡିକ ରୋଡ୍ ମ୍ୟାପ ପ୍ରସ୍ତୁତ କରିବେ। ସେହିପରି ଗ୍ରାଉଣ୍ଡରେ ସମସ୍ତ ସମସ୍ୟାକୁ ଠାବ କରାଯିବ। କୋଟିଆବାସୀଙ୍କ ଦ୍ୱାରଦେଶରେ କିଭଳି ସବୁ ସୁବିଧା ପହଞ୍ଚିବ, ତା' ଉପରେ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ କୋଟିଆ ସମସ୍ୟା ନେଇ ଦୀର୍ଘ ଶତାବ୍ଦୀ ଧରି ବିବାଦ ଚାଲିଆସିଛି। ଏହାକୁ ନେଇ ଏକାଧିକ ମାଲିମକଦ୍ଦମା ମଧ୍ୟ ହୋଇଥିଲା। କିନ୍ତୁ ଠିକ ଭାବେ ପରିଚାଳନା ନ ହେବା କାରଣରୁ ଓଡ଼ିଶା କ୍ଷତିଗ୍ରସ୍ତ ହୋଇଛି। ପୂର୍ବ ସରକାର କୋର୍ଟରେ ଏନେଇ ସଠିକ୍ ତଥ୍ୟ ରଖି ପାରିନଥିଲେ। ସୁପ୍ରିମକୋର୍ଟରେ ଅନ୍ୟ ଏକ ମାମଲାରେ ହାରିବା ପରେ ତାକୁ ପୁନଃଜୀବିତ କରିବା ସକାଶେ ଉଦ୍ୟମ କରାଯାଇଛି। ଆଇନଜୀବୀଙ୍କ ସହ ପରାମର୍ଶ କରାଯାଉଛି ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

# ଓଏଚ୍‌ପିସିଏଲ୍-ୱାପକୋସ୍ ଲିମିଟେଡ୍ ବୁଝାମଣା ସ୍ୱାକ୍ଷରିତ




ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ): ଭବିଷ୍ୟତର ଶକ୍ତି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଦିଗରେ କାର୍ଯ୍ୟ କରୁଥିବା କେନ୍ଦ୍ର ସରକାର ଆଗାମୀ ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତି ଉତ୍ସରୁ ୫୦୦ ଗିଗାୱାଟ କ୍ଷମତା ହାସଲ କରିବାର ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉନ୍ନୟନ କମିଶନର ଅନୁ ଗର୍ଗ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବଙ୍କ ଉପସ୍ଥିତିରେ ମୁଖୀଗୁଡ଼ାରେ ୬୦୦ ମେଗାୱାଟ କ୍ଷମତା ବିଶିଷ୍ଟ ଅପର୍ ଇନ୍ଦ୍ରାବତୀ ପମ୍ପ୍‌ଡ ଷ୍ଟୋରେଜ୍ ପ୍ରକଳ୍ପ ପରିଚାଳନା ପରାମର୍ଶ ସେବା ପାଇଁ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚ୍‌ପିସିଏଲ୍) ଓ ୱାପକୋସ୍ ଲିମିଟେଡ୍ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଅପର ଇନ୍ଦ୍ରାବତୀ ପମ୍ପ୍‌ଡ ଷ୍ଟୋରେଜ୍ ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ୱାପକୋସ୍ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏହା ଏକ ବିଶାଳ ଶକ୍ତି ସଂରକ୍ଷଣ ପ୍ରଣାଳୀ, ଯାହା ଗ୍ରୀଡ୍‌ରେ ଉପଲବ୍ଧ ତଳ ଜଳଭଣ୍ଡାରରୁ ଉପର ଜଳଭଣ୍ଡାରକୁ ପାଣି ପମ୍ପ ସାହାଯ୍ୟରେ ଉଠାଯାଏ ଏବଂ ସର୍ବାଧିକ ବିଦ୍ୟୁତ୍ ଚାହିଦା ସମୟରେ ବିଦ୍ୟୁତ ଉତ୍ପାଦନ ପାଇଁ ସେହି ପାଣିକୁ ତଳକୁ ଛଡ଼ାଯାଏ। ଓଏଚପିସି ଏହାର ୬୦୦ ମେଗାୱାଟ ପାରମ୍ପରିକ ଜଳ ବିଦ୍ୟୁତ୍ ଗୃହ ସହ ବିଦ୍ୟମାନ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିକଟରେ ଏକ ପମ୍ପ୍‌ଡ୍ ଷ୍ଟୋରେଜ୍ ପ୍ରକଳ୍ପ ନିର୍ମାଣ କରୁଛି। ଏହି ସହଭାଗିତା ଦକ୍ଷତା ବୃଦ୍ଧି କରିବା ସହ ଓଡ଼ିଶାର ଶକ୍ତି କ୍ଷେତ୍ରକୁ ଆଗକୁ ବଢ଼ାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି। ଏହି ଚୁକ୍ତି ସ୍ୱାକ୍ଷର ସମୟରେ ଜଳସମ୍ପଦ ବିଭାଗ, ଶକ୍ତି ବିଭାଗ, ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍‌ର ନିର୍ଦ୍ଦେଶକ, ୱାପକୋସ୍ ର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

# ସିଏମ୍‌ଓ ନାଁରେ ଯନ୍ତ୍ରୀଙ୍କୁ ଲୁଟ୍

● ୨ ଲକ୍ଷ ଠକିନେଲେ ଦୁର୍ବୃତ୍ତ



ଭୁବନେଶ୍ୱର,୬।୬(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ (ସିଏମ୍‌ଓ) ନାଁ କହି କେତେକ ଦୁର୍ବୃତ୍ତ ଜନୈକ ଯନ୍ତ୍ରୀଙ୍କଠାରୁ ଟଙ୍କା ଠକିନେଇଛନ୍ତି। ଏନେଇ ଉକ୍ତ ଯନ୍ତ୍ରୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ଘଟଣାଟି ସାମ୍ନାକୁ ଆସିଛି। ଠକେଇର ଶିକାର ହୋଇଥିବା ଯନ୍ତ୍ରୀ ଜଣଙ୍କ ହେଉଛନ୍ତି ପ୍ରତାପ କୁମାର ହରିପାଲ୍ ଓ ସେ ଅନୁଗୁଳ ରାସ୍ତା ଓ କୋଠାବାଡ଼ି ଡିଭିଜନ୍‌ରେ ଅଧୀକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଏହି ମାମଲାରେ ସେ ସ୍ଥାନୀୟ ଏୟାରଫିଲ୍ଡ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ପ୍ରାୟ ମାସେ ତଳେ ପ୍ରତାପଙ୍କ ପାଖକୁ ଜାନକୀ ବଲ୍ଲଭ ମହାପାତ୍ର ନାମକ ଜଣେ ବ୍ୟକ୍ତି ଫୋନ୍ କରିଥିଲେ। ସେ ନିଜକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଜଣେ କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଏଥିସହ ସେ ତାଙ୍କୁ ୨ ଲକ୍ଷ ଟଙ୍କା ନଦେଲେ ମାଲକାନଗିରି ପଠାଇଦେବି ବୋଲି ସେ ପ୍ରତାପଙ୍କୁ ଧମକ ଦେଇଥିଲେ। ପ୍ରତାପ ଏଥିରେ ଭୟଭୀତ ହୋଇଯାଇ ଉକ୍ତ ବ୍ୟକ୍ତିଙ୍କ କଥାରେ ରାଜି ମଧ୍ୟ ହୋଇଯାଇଥିଲେ। ଏହି ଅନୁସାରେ ସେ ଜାନକୀ ବଲ୍ଲଭଙ୍କ ଭିମଟାଙ୍ଗୀସ୍ଥିତ ଘରକୁ ଆସି ୨ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ପୁଣି କିଛିଦିନ ପରେ ସେ ପ୍ରତାପଙ୍କୁ ପୁଣିଥରେ ଧମକ ଦେଇଥିଲେ। ଏଥର ସେ ପ୍ରତାପଙ୍କୁ ୫ ଲକ୍ଷ ଟଙ୍କା ମାଗିଥିଲେ। କିନ୍ତୁ ଏଥିରେ ପ୍ରତାପ ଅରାଜି ହେବାରୁ ଜାନକୀ ବଲ୍ଲଭ ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଇଥିଲା। ଶେଷରେ ପ୍ରତାପ କୌଣସି ଉପାୟ ନ ପାଇ ଏୟାରଫିଲ୍ଡ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

# ବିଚ ରାସ୍ତାରେ ବୋମାମାଡ଼, ୪ ଆହତ

ନୟାଗଡ଼,୬।୬(ସଂଚାର ବ୍ୟୁରୋ): ଦିନଦ୍ୱିପ୍ରହରେ ବିଚ୍ ରାସ୍ତାରେ ବୋମାମାଡ଼ ହୋଇଛି, ଯେଉଁଥିରେ ୪ ଜଣ ଆହତ ହୋଇଛନ୍ତି। ନୟାଗଡ଼ ଜିଲ୍ଲା ଦଶପଲ୍ଲା ଜାତୀୟ ରାଜପଥ ୫୭ ଦୁର୍ଗା ବଜାର ନିକଟରେ ଏହି ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ବୋମାମାଡ଼ କରିବା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହି ବୋମାମାଡ଼ର କାରଣ ନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ। ଏନେଇ ଖବର ପାଇବା ପରେ ଦଶପଲ୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ତେବେ ଏହି ବୋମାମାଡ଼ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ଥିବା ବେଳେ ପୁଲିସ୍ ଦୁର୍ବୃତ୍ତମାନଙ୍କୁ ଠାବ କରିବା ସକାଶେ ତନାଘନା ଚଳାଇଛି।

# ଯୋଗାଣ ମନ୍ତ୍ରୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ



ବାରଙ୍ଗ,୬।୬(ସଂଚାର ବ୍ୟୁରୋ): ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଏଥିରେ ମନ୍ତ୍ରୀଙ୍କର କୌଣସି କ୍ଷତି ହୋଇନାହିଁ। ସେ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବାରଙ୍ଗ ଥାନା ଷଣ୍ଢପୁର ଛକ ନିକଟରେ ଯୋଗାଣ ମନ୍ତ୍ରୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ମନ୍ତ୍ରୀ ଶ୍ରୀ ପାତ୍ର ଆଠଗଡ଼ରୁ ଭୁବନେଶ୍ୱର ଫେରୁଥିବା ସମୟରେ ଷଣ୍ଢପୁର ଛକ ନିକଟରେ ଏକ ମିକ୍ସଚର ମେସିନ ଗାଡ଼ିକୁ ତାଙ୍କ ଗାଡ଼ି ଧକ୍କା ଦେଇଥିଲା। ଫଳରେ ମନ୍ତ୍ରୀଙ୍କ ଗାଡିର ଡ଼ାହାଣ ପାର୍ଶ୍ୱଟି ଭାଙ୍ଗିରୁଜି ଯାଇଛି। ଖବର ପାଇ ବାରଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ମିକ୍ସଚର୍ ମେସିନ୍ ଗାଡ଼ିକୁ ଥାନାକୁ ଆଣିବା ସହ ତଦନ୍ତ କରୁଛି।

# ବୁଲେଟ-ଟ୍ୟାଙ୍କର ମୁହାଁମୁହିଁ: ମାମୁ ସହ ୨ ଭାଣିଜୀ ମୃତ

ବ୍ରହ୍ମପୁର ,୬।୬(ସଂଚାର ବ୍ୟୁରୋ): ମାମୁଙ୍କ ସାଙ୍ଗରେ ବୁଲେଟରେ ଖୁସିରେ ଯାଉଥିଲେ ଦୁଇ ଭାଣିଜି । ନୂଆ ଡ୍ରେସକିଣିବେ କିନ୍ତୁ ମୃତ୍ୟୁର ଦୂତ ଯେପରି ଛକି ଜଗିଥିଲା ଦିଗପହଣ୍ଡି ରାସ୍ତା ଉପରେ । ହଠାତ ଏକ ଟ୍ୟାଙ୍କର ସହିତ ବୁଲେଟର ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ମାମୁଁ ଭାଣିଜୀ ଛିନ୍ନଛତ୍ର ହୋଇ ରାସ୍ତା ଉପରେ ପଡି ଉଡ଼ିଗଲା ପ୍ରାଣବାୟୁ। ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ନିକଟରେ ଆଜି ଅପରାହ୍ନରେ ଘଟିଯାଇଛି। ସୂଚନା ଅନୁଯାଇ, ଦିଗପହଣ୍ଡି ଥାନା ଗୋକର୍ଣ୍ଣପୁର ନିକଟସ୍ଥ ଦକ୍ଷିଣପୁର ଗ୍ରାମର ତ୍ରିନାଥ ରେଡି ତାଙ୍କର ୨ ଭାଣିଜି ବର୍ଷା ରେଡି ଓ ରୁଦ୍ରିକା ରେଡିଙ୍କୁ ବୁଲେଟରେ ଧରି ଦିଗପହଣ୍ଡି ଯାଉଥିବା ବେଳେ ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ୟାଙ୍କର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଜୋରରେ ହୋଇଥିଲା, ତିନି ଜଣ ଛିଟିକି ହୋଇ ପଡିଯାଇଥିଲେ । ପୋଲିସ ପହଞ୍ଚିବା ସହିତ ଆମ୍ବୁଲାନ୍ସରେ ଦିଗପହଣ୍ଡି ମେଡିକାଲକୁ ନିଆଯାଇଥିଲା। ଡାକ୍ତର ମୃତ ଘୋଷଣା କରିଥିଲେ । ତିନି ଶବକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଏଫଏମଟି ବିଭାଗକୁ ପଠାଯାଇଛି ।

# ଆକ୍ସନ ମୋଡ୍‌ରେ ପୁରୀ ପୁଲିସ, ବନ୍ଧୁକ ଜବତ, ୬ ଅପରାଧୀ ଗିରଫ



ପୁରୀ,୬।୬(ସଂଚାର ବ୍ୟୁରୋ): ଆକ୍ସନ ମୋଡରେ ପୁରୀ ପୁଲିସ। ବନ୍ଧୁକ ସହ ୬ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ । ସଙ୍ଗଠିତ ଅପରାଧ ମାମଲାକୁ ନେଇ ୬ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରାଯାଇଛି। ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଦ୍ୱାରା ୬ ଟି ଦେଶୀ କଣ୍ଟ୍ରି ମେଡ୍ ବନ୍ଧୁକ, ୬ ଜଣ ଦୁର୍ଦ୍ଦାନ୍ତ ଅପରାଧୀ ଏବଂ ୨୦ରୁ ଅଧିକ ଜୀବନ୍ତ ଗୁଳି ଜବତ ହୋଇଛି। ରଥଯାତ୍ରା ପାଇଁ ଅପରାଧ ନିୟନ୍ତ୍ରଣ ଅଭିଯାନ ଆରମ୍ଭ କଲା ପୁରୀ ପୋଲିସ। ଡିଜିପିଙ୍କ ନିର୍ଦ୍ଦେଶରେ ପୁରୀ ଏସପିଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି ଅପରାଧ ନିୟନ୍ତ୍ରଣ ଅଭିଯାନ । ବଛା ବଛା ପୋଲିସ ଅଧିକାରୀଙ୍କୁ ନେଇ ଏସପି ଗଠନ କରିଛନ୍ତି ସ୍ୱତନ୍ତ୍ର ଟିମ୍ । ସହର ଓ ଆଖପାଖ ଅଞ୍ଚଳରେ ଚଢାଉ କରି ୫ରୁ ଅଧିକ ବଡ ବଡ ଅପରାଧୀଙ୍କୁ ଉଠାଇ ନେଇ ସେମାନଙ୍କ ଅପରାଧ ଇତିହାସ ଖୋଳ ତାଡ଼ ଆରମ୍ଭ କରାଯାଇଛି । ପୋଲିସ ଟିମ୍ ର ଚଢାଉ ଜାରି ରହିଥିବା ବେଳେ ଟାର୍ଗେଟରେ ରହିଛନ୍ତି ପ୍ରାୟ ୫୦ ଜଣ ଅପରାଧୀ । ଏହି ଅପରାଧୀ ମାନେ ବଡ଼ଦାଣ୍ଡ ,ବେଳାଭୂମି, ବସ୍ତି ଅଞ୍ଚଳ ସହ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରୁ ବଟି ଆଦାୟ କରି ଅପରାଧ ସାମ୍ରାଜ୍ୟ ବିସ୍ତାର କରିଛନ୍ତି ।

# ଆଇପିଏଲ୍ ଖେଳକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ମାରପିଟ୍, ୧ ମୃତ

ପଟାଙ୍ଗି,୬।୬(ସଂଚାର ବ୍ୟୁରୋ): କୋରାପୁଟ ଜିଲା ପଟାଙ୍ଗି ଥାନା ଅନ୍ତର୍ଗତ ରାଲେଗଡ଼ା ପଞ୍ଚାୟତର ତଳ ସାହିରେ ବସବାସ କରୁଥିବା ସ୍ୱର୍ଗତଃ କମୁ ଲାଛନାଙ୍କ ପୁଅ କମୁ ଅଜିତ୍ ଗୁରୁତର ହୋଇ ଆନ୍ଧ୍ର ରାଜ୍ୟର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରହିଥିଲେ। ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁବରଣ କରିବା ପରେ ମୃତ ଯୁବକଙ୍କ ମା' ଓ ପରିବାରବର୍ଗ ଶୁକ୍ରବାର ସ୍ଥାନୀୟ ପୋଲିସ ନିକଟରେ ପହଞ୍ଚି ମୃତର କାରଣ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୩ ତାରିଖ ଦିନ ଆଇପିଏଲ ଖେଳ ସାହିର ସମସ୍ତ ଯୁବକ ଓ ସାହି ବାସିନ୍ଦା ଦେଖି ମନୋରଞ୍ଜନ କରୁଥିଲେ। ଏହି ସମୟରେ ବିରାଟ କୋହଲି ଆଉଟ ହୋଇଯିବା ଫଳରେ ମୃତ ଯୁବକ ଅଜିତ୍ ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ବଡ଼ବାପା କମୁ ଏଙ୍କେଟିଙ୍କ ପୁଅ କମୁ ପାଉଲୁ ପ୍ରତିବାଦ କରି କାହିଁକି ପାଟିତୁଣ୍ଡ କରୁଛୁ କହି ନିଜ ନିଜ ମଧ୍ୟରେ କଥାକଟି ହୋଇ କମୁ ପାଉଲୁ ରାଗି ଯାଇ ଏକ ଠେଙ୍ଗା ସହ ସାନ ଭାଇ ତଥା ଦାଦା ପୁଅ ଅଜିତର ମୁଣ୍ଡରେ ଶକ୍ତ ପ୍ରହାର କରିଥିଲେ। ଫଳରେ ଘଟଣାସ୍ଥଳରେ ମୃତ ଅଜିତ୍ ରକ୍ତାକ୍ତ ହୋଇ ଗୁରୁତର ହୋଇପଡ଼ିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଅନ୍ୟ ଯୁବକମାନେ ଆହତ ଅଜିତଙ୍କୁ ଉଦ୍ଧାର କରି ପଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ଚିକିତ୍ସା କରିଥିଲେ। ଅଜିତ ଗୁରୁତର ଥିବାରୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ତାଙ୍କୁ ଆନ୍ଧ୍ରର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଉ ଥିବାବେଳେ ଅଜିତଙ୍କ ମୃତ୍ୟୁ ଘଟିଛି।

# ସମନ୍ୱୟ ବୈଠକରେ ଶୃଙ୍ଖଳିତ ଦେବସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରାକୁ ଗୁରୁତ୍ୱ



ପୁରୀ,୬।୬(ସଂଚାର ବ୍ୟୁରୋ): ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଓ ଶ୍ରୀଗୁଣ୍ଡିଚା ପାଇଁ ଛତିଶା ନିଯୋଗ ଓ ପୁଲିସର ସମନ୍ୱୟ ବୈଠକ ଅନୁଷ୍ଠିତ। ରଥଯାତ୍ରା-୨୦୨୫ ଉପଲକ୍ଷେ ଏକ ବୃହତ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରିଥିଲେ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ। ଏହାଛଡ଼ା ଏହି ମିଟିଂରେ ଛତିଶା ନିଯୋଗର ସମସ୍ତ ସଦସ୍ୟ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ ମିଶ୍ର, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ସିଟି ଡିସପି ପ୍ରଶାନ୍ତ ସାହୁ, ଟ୍ରାଫିକ ଡିସପି ରାଜକୁମାର ପରିଡା ଉପସ୍ଥିତ ଥିଲେ। ଏଥିସହ ସହରର ସମସ୍ତ ଥାନା ଅଧିକାରୀଙ୍କ ସହ ଏସ୍‌ଏସ୍‌ଏମ୍‌ଏସ୍‌ଭି ବାଟାଲିୟନର ଦୁର୍ଗପତି ତାପସ ଦାସ, ଉପଦୁର୍ଗପତି କୌଶିକ ନାୟକ, ସହ ଦୁର୍ଗପତି ଘନଶ୍ୟାମ ହେମ୍ବ୍ରମ, ବିଜୟ ନନ୍ଦ, ସୌମ୍ୟରଞ୍ଜନ ଦାଶ, ନାରାୟଣ ରାଉତ ଓ ଅନ୍ୟାନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ବୈଠକରେ ପୁରୀ ଏସପି ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଦେବସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରାର ଧାର୍ମିକ ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ମହାପ୍ରଭୁଙ୍କ ରଥଯାତ୍ରା କିଭଳି ଶୃଙ୍ଖଳିତ ହେବ ଏବଂ ନିୟମ ପରିପାଳନ ପୂର୍ବକ ଆଗ୍ରହ ଓ ଦାୟିତ୍ୱପୂର୍ଣ୍ଣ ଭାବେ ପଦକ୍ଷେପ ଗ୍ରହଣ କରାଯିବ, ତା' ଉପରେ ଆଲୋଚନା ହୋଇଥିଲା। ଦେବସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରାରେ ସମୟାନୁସାରେ ସମସ୍ତ ନୀତିକାନ୍ତି ସମାପନ କରିବାକୁ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ ଛତିଶା ନିଯୋଗକୁ ପ୍ରସ୍ତାବ ଦେଇଥିଲେ। ନିଯୋଗ ପକ୍ଷରୁ ଶୃଙ୍ଖଳିତ ଯାତାୟାତ ପାଇଁ ସହଯୋଗ ଦାବି କରାଯାଇଥିଲା। ଅନ୍ୟପକ୍ଷରେ ଦେବସ୍ନାନ ପୂର୍ଣ୍ଣିମାରେ ଯାନବାହନ ଯାତାୟାତ ଓ ପାର୍କିଂ ବ୍ୟବସ୍ଥା ହେବ। ନୂଆ ପାର୍କିଂସ୍ଥଳ ପାଇଁ ପଶ୍ଚିମ ଗେଟ୍ ନିର୍ଦ୍ଦିଷ୍ଟ ହୋଇଛି। ରଥଯାତ୍ରା ସମୟରେ ମୁକ୍ତାକାଶ ରଙ୍ଗମଞ୍ଚ ପାଖରେ ଗାଡ଼ି ରଖିବା ପାଇଁ ପାର୍କିଂ ବ୍ୟବସ୍ଥା କରାଯିବ। ଛତିଶା ନିଯୋଗ ପାଇଁ ନୋଡାଲ୍ ଅଫିସର୍ ନିଯୋଜିତ ହେବେ। ଏହି ଦାୟିତ୍ୱରେ ଅତିରିକ୍ତ ଏସ୍‌ପି ସଚିନ ପଟେଲ, ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ, ଟାଉନ୍ ଆଇଆଇସି ଗୋକୁଳ ରଞ୍ଜନ ଦାସ, କୁମ୍ଭାରପଡା ଆଇଆଇସି ସୁଶାନ୍ତ ସାହୁ, ସିଂହଦ୍ୱାର ଆଇଆଇସି ଶ୍ୱେତପଦ୍ମା ଦାଶ, ଯାତାୟାତ ସମ୍ପର୍କିତ ନୋଡାଲ୍ ଅଫିସର୍ ଦାୟିତ୍ୱରେ ଟ୍ରାଫିକ୍ ଡିଏସପି ରାଜକୁମାର ପରିଡ଼ା, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି ରହିବେ। ଯୋଗାଯୋଗ ଓ ସମନ୍ୱୟ ପାଇଁ ଛତିଶା ନିଯୋଗ ଓ ପୁଲିସ ମଧ୍ୟରେ ବର୍ତ୍ତମାନ ହ୍ୱାଟସଅପ୍ ଗ୍ରୁପ୍ ଚାଲୁ ରହିବ। ଉତ୍ସବ ସମୟରେ ଯେକୌଣସି ସମସ୍ୟା ହେଲେ ସେନେଇ ଅତିଶୀଘ୍ର ଗ୍ରୁପରେ ଅପଡେଟ୍ କରାଯିବ। ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର କହିଥିଲେ ଯେ ମହାପ୍ରଭୁଙ୍କ ଘୋଷଯାତ୍ରାରେ ଛୋଟ ଛୋଟ ସମସ୍ୟାର ତ୍ୱରିତ ସମାଧାନ ହେବ। ଯାହାକୁ ଯେଉଁ ଦାୟିତ୍ୱ ଦିଆଯିବ ସେମାନେ ମନରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ନରଖି ମହାପ୍ରଭୁଙ୍କ କାର୍ଯ୍ୟ କରିବେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଭାରତରେ ଷ୍ଟାରଲିଙ୍କ୍‌କୁ ମିଳିଲା ଲାଇସେନ୍ସ

## ୧୫ ଦିନ ଭିତରେ ଆରମ୍ଭ ହୋଇପାରେ ଟ୍ରାଏଲ

**ନୂଆଦିଲ୍ଲୀ, ୬/୬:** ଭାରତ ସରକାରଙ୍କ ଦୂରସଂଚାର ବିଭାଗ (ଡିଓଟି) ଭାରତରେ ସାଟେଲାଇଟ୍ ଯୋଗାଯୋଗ ସେବା ଯୋଗାଇବା ପାଇଁ ଏଲନ୍ ମସ୍କଙ୍କ କମ୍ପାନି ଷ୍ଟାରଲିଙ୍କଙ୍କୁ ଏକ ସରକାରୀ ଲାଇସେନ୍ସ ପ୍ରଦାନ କରିଛି । ଏହି ସୂଚନା ପିଟିଆଇ ସୂତ୍ରରୁ ମିଳିଛି। ସରକାର କିମ୍ବା ଷ୍ଟାରଲିଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସରକାରୀ ବିବୃତ୍ତି ଆସିନାହିଁ। ଟେଲିକମ୍ୟୁନିକେସନ୍ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଷ୍ଟାରଲିଙ୍କ୍ ଲାଇସେନ୍ସ ପାଇଛି ଏବଂ ୧୫-୨୦ ଦିନ ମଧ୍ୟରେ ପରୀକ୍ଷଣ ସ୍ପେକ୍ଟ୍ରମ୍ ଯୋଗାଇ ଦିଆଯିବ। ଭାରତରେ ବ୍ରଡବ୍ୟାଣ୍ଡ ଏବଂ ସାଟେଲାଇଟ୍ ଇଣ୍ଟରନେଟ୍ ସେବା ଆରମ୍ଭ କରିବା ପାଇଁ ଷ୍ଟାରଲିଙ୍କଙ୍କୁ ସବୁଜ ସଙ୍କେତ ମିଳିଛି। ଷ୍ଟାରଲିଙ୍କଙ୍କୁ ଗ୍ରୀନ ସିଗନାଲ ମିଳିବା ପରେ ଆଗକୁ ଭାରତର ଗ୍ରାମାଞ୍ଚଳ ଏବଂ ଅପହଞ୍ଚ ଅଞ୍ଚଳରେ ହାଇ-ସ୍ପିଡ୍ ଇଣ୍ଟରନେଟ୍ ପହଞ୍ଚାଇବାରେ




ସାହାଯ୍ୟ କରିପାରିବ। ଏଲନ ମସ୍କଙ୍କ କମ୍ପାନି ଷ୍ଟାରଲିଙ୍କଙ୍କୁ ଟେଲିକମ ମନ୍ତ୍ରଣାଳୟରୁ ଗ୍ଲୋବାଲ ମୋବାଇଲ ପର୍ସନାଲ କମ୍ୟୁନିକେସନ ବାୟ ସାଟେଲାଇଟ ବା ଜିଏମପିସିଏସ ଲାଇସେନ୍ସ ମିଳିଛି । ଗତ ମାସରେ ଷ୍ଟାରଲିଙ୍କଙ୍କୁ ଲେଟର ଅଫ୍ ଇଣ୍ଟେଣ୍ଟ ମିଳିସାରିଛି। କମ୍ପାନିକୁ ଇନସ୍ପେସ୍‌ରୁ ଅନ୍ତିମ ଆପ୍ରୁଭାଲର ଆବଶ୍ୟକତା ରହିଛି। ଆପ୍ରୁଭାଲ ମିଳିବା ପରେ ଭାରତରେ ଷ୍ଟାରଲିଙ୍କର ସାଟେଲାଇଟ ଆଧାରିତ ଇଣ୍ଟରନେଟ ସେବା ମିଳିପାରିବ । ତେବେ ଏହା କେବେ ହେବ ତାହା ସ୍ପଷ୍ଟ ହୋଇନାହିଁ। ପୂର୍ବରୁ ୱାନ୍‌ୱେବ୍ ଏବଂ ରିଲାଏନ୍ସକୁ ମଧ ଏହି ଲାଇସେନ୍ସ ମିଳିସାରିଛି। ଅର୍ଥାତ ଷ୍ଟାରଲିଙ୍କ ଏହି ଲାଇସେନ୍ସ ପାଇବାରେ ତୃତୀୟ କମ୍ପାନି। ବର୍ତ୍ତମାନ ୧୦୦ରୁ ଅଧିକ ଦେଶରେ ସେବା ଦେଉଛି ଷ୍ଟାରଲିଙ୍କ । ଏହି କମ୍ପାନିର ଉଦ୍ଦେଶ୍ୟ ଲେଟେନ୍ସୀ ବ୍ରଡବ୍ୟାଣ୍ଡ ଦ୍ୱାରା ଦ୍ରୁତ ଇଣ୍ଟରନେଟ ସେବା ପ୍ରଦାନ କରିବା। ରିପୋର୍ଟ ଅନୁଯାୟୀ, ଭାରତରେ ଷ୍ଟାରଲିଙ୍କ ପ୍ରାରମ୍ଭିକ ଭାବରେ ପ୍ରାୟ ୮୪୦ ଟଙ୍କାରେ ଆରମ୍ଭ କରିପାରେ।

ଭାରତରେ ଏବେବି ଅନେକ ଦୁର୍ଗମ ଅଞ୍ଚଳ ରହିଛି ଯେଉଁଠାରେ ଭିତ୍ତିଭୂମିର ଅଭାବ ଯୋଗୁ ଇଣ୍ଟରନେଟ ପହଞ୍ଚିପାରିନାହିଁ। କିନ୍ତୁ ଷ୍ଟାରଲିଙ୍କ ଏବଂ ଅନ୍ୟ କମ୍ପାନି ଆସିବା ପରେ ଏଭଳି ଅଞ୍ଚଳରେ ମଧ ଲୋକଙ୍କୁ ଇଣ୍ଟରନେଟ ମିଳିପାରିବ। ଏହି ତିନି କମ୍ପାନି ବ୍ୟତୀତ ଆମାଜନ ମଧ କୁଇପର୍ ପ୍ରୋଜେକ୍ଟ ସହ ସାଟେଲାଇଟ ଇଣ୍ଟରନେଟ ଦେବା ପାଇଁ ଲାଇସେନ୍ସ ଏବଂ ଆପ୍ରୁଭାଲ ପାଇଁ ପ୍ରଚେଷ୍ଟା ଚଳାଇଛି। ତେବେ ଏଲନ ମସ୍କଙ୍କ ଷ୍ଟାରଲିଙ୍କ ଭାରତକୁ ଆସିବା ପରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି କୁହାଯାଉଛି।




# ଟ୍ରମ୍ପ-ମସ୍କ ସମ୍ପର୍କରେ ଫାଟ

ୱାସିଂଟନ, ୫/୬: ବିବାଦୀୟ ବିଗ୍ ବିଉଟିଫୁଲ୍ ବିଲ୍‌କୁ ନେଇ ଆମେରିକାର ଦୁଇ ଚର୍ଚ୍ଚିତ ଚେହେରା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ଘନିଷ୍ଠ କୁହାଯାଉଥିବା ବିଶ୍ୱର ଏକ ନମ୍ବର ଧନୀ ଏଲନ୍ ମସ୍କଙ୍କ ମଧ୍ୟରେ ଥିବା ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ଉଭୟ ପରସ୍ପରକୁ କଡ଼ା କଥା କହିବା ଆରମ୍ଭ କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପଙ୍କୁ କଡ଼ା ସମାଲୋଚନା କରି ମସ୍କ କହିଛନ୍ତି ଯେ ମୁଁ ନଥିଲେ ସେ ୨୦୨୪ ନିର୍ବାଚନ ହାରିଯାଇଥାନ୍ତେ। ସେ ଜଣେ କୃତଘ୍ନ ଲୋକ କହିବାକୁ ମସ୍କ ଭୁଲି ନାହାନ୍ତି। ମସ୍କଙ୍କ ସହିତ ଦେଖାଦେଇଥିବା ମତଭେଦକୁ ଟ୍ରମ୍ପ ସ୍ୱୀକାର କରିଛନ୍ତି। ଆଗାମୀ ଦିନରେ ମସ୍କଙ୍କ ସହିତ ସମ୍ପର୍କ ଭଲ ରହି ନ ପାରେ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ମୁଁ ମସ୍କଙ୍କୁ ନେଇ ଭାରି ଅସନ୍ତୁଷ୍ଟ। ସେ ମୋତେ ବହୁତ ସାହାଯ୍ୟ କରିଥିଲେ। ବିଲ୍‌ର ଭିତିରି କଥାକୁ ସେ ସବୁଠୁ ଅଧିକ ଜାଣିଥିଲେ। ସେତେବେଳେ ତାଙ୍କୁ କୌଣସି ଅସୁବିଧା ନ ଥିଲା। ମାତ୍ର ଯେତେବେଳେ ଇଭି ପଦକ୍ଷେପ ନିଆଗଲା, ତା'ପରଠାରୁ ତାଙ୍କର ଅସୁବିଧା ହେଲା ବୋଲି ଟ୍ରମ୍ପ କହିଛନ୍ତି।

# ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବାକୁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ଆହ୍ୱାନ




ଭୁବନେଶ୍ୱର, ୬/୬: ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ଓଡିଶା ଖଣି ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ କମ୍ପାନିର ଓଡିଶା ଖଣି ବିଭାଗ ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡା, ଖଣି ପରିଚାଳନା ମୁଖ୍ୟ ରାମ ଶଙ୍କର ଶର୍ମା, ମାନବ ସମ୍ବଳ ମୁଖ୍ୟ ଚିତ୍ତରଞ୍ଜନ ବାହିନୀପତି, ବିତ୍ତ ମୁଖ୍ୟ ଅଙ୍କୁର ଡୋକାନିଆ, ପରିବେଶ, ସ୍ୱାସ୍ଥ୍ୟ ଏବଂ ସୁରକ୍ଷାର ବରିଷ୍ଠ ପ୍ରତିନିଧି ବିଜୟ କୁମାର ଯୋଗଦେଇଥିଲେ। ବ୍ୟବସାୟ ମୁଖ୍ୟ ଶ୍ରୀ ପଣ୍ଡା ପ୍ଲାଷ୍ଟିକ୍ ପ୍ରଦୂଷଣର ମୁକାବିଲା ପାଇଁ ସାମୂହିକ ପଦକ୍ଷେପର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କମ୍ପାନିର ଖଣି ସ୍ଥାନରେ ବୃକ୍ଷରୋପଣ, ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। 'ପ୍ଲାଷ୍ଟିକ୍ ପ୍ରଦୂଷଣ ସମାପ୍ତ କରିବା' ବିଷୟ ଉପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ କୋଇଡ଼ା ପ୍ରଶାସନକୁ ଏକ ଇଲେକ୍ଟ୍ରିକ୍ ଆବର୍ଜନା ସଂଗ୍ରହ ଯାନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମିରେଖା ପାତ୍ର, କୋଇଡା ବ୍ଲକ ଅଧକ୍ଷ ସୁରେଶ ନାଏକ, ପରିଚାଳକ ପାର୍ଥ ବେହୁରା ଓ ଏଜିଏମ୍ ସବଳ କୁମାର ଝା ଉପସ୍ଥିତ ଥିଲେ। ଫାଉଣ୍ଡେସନ ବଲାଣିର ବାଲାଗୁଡ଼ା ଶ୍ମଶାନ ନିକଟରେ ଏକ ବୃକ୍ଷରୋପଣ ଅଭିଯାନ ଆୟୋଜନ କରିଥିଲା।

# ଆରମ୍ଭ ହେଲା ଉତ୍କଳ ଗ୍ରାଣ୍ଡ୍ ପ୍ରପର୍ଟି ସେଲ୍ କାର୍ନିଭାଲ୍

**ଭୁବନେଶ୍ୱର, ୫/୬(ସଂଚାର ବ୍ୟୁରୋ):** ଅଗ୍ରଣୀ ରିଅଲ୍ ଇଷ୍ଟେଟ୍ ସଂସ୍ଥା ଉତ୍କଳ ବିଲ୍‌ଡର୍ସ ଓଡ଼ିଶାରେ ଏହାର ୩୫ ବର୍ଷ ଯାତ୍ରାକୁ ପାଳନ କରୁଛି। ଏହି ଅବସରରେ କମ୍ପାନି ପକ୍ଷରୁ ଚଳିତ ମାସ ୬ରୁ ୮ ପର୍ଯ୍ୟନ୍ତ ଲାଇଫ୍ ହୋଟେଲ୍‌ରେ ଉତ୍କଳ ଗ୍ରାଣ୍ଡ୍ ପ୍ରପର୍ଟି ସେଲ୍ କାର୍ନିଭାଲ୍ ଆୟୋଜନ କରାଯାଉଛି ବୋଲି କମ୍ପାନିର ପରିଚାଳନା ନିର୍ଦ୍ଦେଶକ ଶରଦ ବୈଦ କହିଛନ୍ତି। ଶ୍ରୀ ବୈଦ କହିଛନ୍ତି ଯେ ରାଜ୍ୟରେ ଆମେ ୩୫ ବର୍ଷର ଯାତ୍ରାକୁ ପାଳନ କରୁଛୁ। ଆମ ଉପରେ ରାଜ୍ୟବାସୀଙ୍କ ଯେଉଁ ଭରସା ଓ ବିଶ୍ୱାସ ରହିଛି, ତାହାକୁ ସମ୍ମାନ ଜଣାଇ ଆମେ ଏହି କାର୍ନିଭାଲ୍ ଆୟୋଜନ କରୁଛୁ। ଏଥିରେ ଥିବା ସମ୍ପତ୍ତିଗୁଡ଼ିକୁ ଅନ୍ୱେଷଣ କରିବାକୁ ଆମେ ଗ୍ରାହକ ଓ ଚ୍ୟାନେଲ୍ ପାର୍ଟନରମାନଙ୍କୁ ଆମନ୍ତ୍ରଣ କରୁଛୁ। ଗ୍ରାହକଙ୍କ ବିଶ୍ୱାସ ଆମ ପାଇଁ ସବୁକିଛି ବୋଲି ସେ କହିଛନ୍ତି। କାର୍ନିଭାଲ୍‌ରେ ଗ୍ରାହକମାନେ ଫ୍ଲାଟ୍, ଅଫିସ୍ ସ୍ଥାନ ଓ ଦୋକାନ ଘର ଆଦି ଉପରେ ଆକର୍ଷଣୀୟ ଡିଲ୍ ପାଇପାରିବେ। ଏହି




## ଓଡ଼ିଶାରେ ଉତ୍କଳ ବିଲ୍‌ଡର୍ସର ୩୫ ବର୍ଷ

ସେଲ୍‌ରେ କମ୍ପାନି ପକ୍ଷରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ। କମ୍ପାନିର ନିର୍ଦ୍ଦେଶକ ଅମିତ ବୈଦ କହିଛନ୍ତି ଯେ କାର୍ନିଭାଲ୍‌ରେ ୧୧ଟି ପ୍ରକଳ୍ପ ପ୍ରଦର୍ଶିତ ହେବ। ସେହି ପ୍ରକଳ୍ପଗୁଡ଼ିକ ପାତ୍ରପଡ଼ା, ପଟିଆ, କଟକ, ପାହାଳ, ଖଣ୍ଡଗିରି, ଫରେଷ୍ଟ ପାର୍କ ଆଦି ସହରର ବିଭିନ୍ନ ସ୍ଥାନରେ ରହିଛି। ପ୍ରାୟ ୩୫୦ ୟୁନିଟ୍ କିଣିବା ଲାଗି ଉପଲବ୍ଧ ହେବ। ଗ୍ରାହକମାନେ ସ୍ପଟ୍ ଅଫର, ଉପହାର ଓ ଅନ୍ୟାନ୍ୟ ସୁବିଧା ପାଇପାରିବେ ବୋଲି ସେ କହିଛନ୍ତି। ଆଗାମୀ ୬ ମାସରେ କମ୍ପାନି ୩ଟି ନୂଆ ପ୍ରକଳ୍ପ ଆରମ୍ଭ କରିବ ବୋଲି ସେ ସୂଚନା ଦେଇଛନ୍ତି। ଗତ ୩୫ ବର୍ଷରେ କମ୍ପାନି ଓଡ଼ିଶାରେ ୩୫୦୦ରୁ ଅଧିକ ପରିବାରକୁ ବିକ୍ରି କରିଥିବା ସମ୍ପତ୍ତିରେ ୧୦ ହଜାରରୁ ଅଧିକ ଲୋକ ରହୁଛନ୍ତି ବୋଲି ସେ କହିଛନ୍ତି।

# ଖୁବ୍ ଶୀଘ୍ର ଲଞ୍ଚ ହେବ ହୋଣ୍ଡାର ଦୁଇଟି ନୂଆ ଏସୟୁଭି

**ଖୁବ୍ ଶୀଘ୍ର ଭାରତୀୟ ବଜାରରେ ଦୁଇଟି ନୂତନ ଏସୟୁଭି ଉପସ୍ଥାପନ କରିବାକୁ ଯାଉଛି। ଏଥିମଧ୍ୟରୁ ଗୋଟିଏ ଫୁଲ୍ ଇଲେକ୍ଟ୍ରିକ୍ ୫ସିଟର ମିଡ-ସାଇଜ ଏସୟୁଭି ହେବ ଏବଂ ଅନ୍ୟଟି ଏକ ପ୍ରିମିୟମ୍ ୭ସିଟର ଆଇସିଇ ଏସୟୁଭି।**

**ହୋଣ୍ଡା ଇଲେକ୍ଟ୍ରିକ୍ ୫-ସିଟ୍ ଏସୟୁଭି:** ହୋଣ୍ଡାର ଅପକମିଙ୍ଗ ଇଲେକ୍ଟ୍ରିକ୍ ୫ସିଟର୍ ଏସୟୁଭି ଆଗାମୀ ୯ ରୁ ୧୨ମାସ ମଧ୍ୟରେ ଭାରତୀୟ ରାସ୍ତାରେ ଆସିପାରେ। ଏହି ଏସୟୁଭି ମିଡ-ସାଇଜର ୫ସିଟର୍ ଲେଆଉଟରେ ପ୍ରଦାନ କରାଯିବ ଏବଂ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାକୁ ସ୍ପେଶାଲ ଭାବରେ ଡିଜାଇନ୍ କରାଯାଇଛି। ଏହା ହୋଣ୍ଡାଇ କ୍ରେଟା ଇଭି, ମାରୁତି ଇଭିଟାରା ଏବଂ ମହିନ୍ଦ୍ରା ବିଇ୬ ପରି ଇଲେକ୍ଟ୍ରିକ୍ ଏସୟୁଭି ସହିତ ସିଧାସଳଖ ଟକ୍କର କରିବ ବୋଲି ଆଶା କରାଯାଉଛି।

**ହୋଣ୍ଡା ୭-ସିଟର ଏସୟୁଭି:** ହୋଣ୍ଡାର ଦ୍ୱିତୀୟ ବଡ଼ି ଲଞ୍ଚ ହେବ ଏକ ଅଲ-ନ୍ୟୁ ୭ସିଟର ଏସୟୁଭି, ଯାହାକୁ କମ୍ପାନୀ ୨୦୨୭ ଶେଷ ସୁଦ୍ଧା ଭାରତୀୟ ବଜାରରେ ଉପସ୍ଥାପନ କରିବାକୁ ପ୍ଲାନ୍ କରୁଛି। ଏହି ଏସୟୁଭି ୩-ରୋ ଲେଆଉଟରେ ଉପଲବ୍ଧ ହେବ ଏବଂ ଏହା ହୋଣ୍ଡାର ନୂଆ ପିଏଫ୨ ପ୍ଲାଟଫର୍ମ ଉପରେ ବେସ୍ଡ। ଏହି ଏସୟୁଭି ଜାପାନ ଏବଂ ଥାଇଲ୍ୟାଣ୍ଡରେ ହୋଣ୍ଡାର ଆର୍‌ଆଣ୍ଡଡି ଟିମ୍ ଦ୍ୱାରା ମିଳିତ ଭାବରେ ଡିଜାଇନ୍ ଏବଂ ଡେଭ୍ଲପ୍ କରାଯାଉଛି, ଯାହା ଏହାର ଡିଜାଇନ୍ ଏବଂ ପରଫରମାନ୍ସରେ ଅନ୍ତର୍ଜାତୀୟ ସ୍ତରର ଗୁଣବତ୍ତା ଆଣିବ।



# ଡାଟା ସେଣ୍ଟର ହବ୍ ହେବ ଓଡ଼ିଶା

**ଭୁବନେଶ୍ୱର, ୬/୬(ସଂଚାର ବ୍ୟୁରୋ):** ରାଜ୍ୟକୁ ଡାଟା ସେଣ୍ଟର୍‌ର ଏକ ହବ୍‌ରେ ପରିଣତ କରିବା ଲାଗି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଏକ ବଡ଼ ଯୋଜନା ପ୍ରସ୍ତୁତ କରିଛି। ୨୦୩୬ ସୁଦ୍ଧା ଡାଟା ସେଣ୍ଟର ପାଇଁ ୧୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥି ସହିତ ଆର୍ଥିକ କ୍ଷେତ୍ରରେ ୫୦ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାର ଚାହୁଁଛନ୍ତି। ଆଇଟି ବିଭାଗ ପକ୍ଷରୁ 'ଓଡ଼ିଶାର ଆଇଟି/ଆଇଟିଇଏସ୍ ରୋଡ୍‌ମ୍ୟାପ୍' ପ୍ରସ୍ତୁତି କର୍ମଶାଳାରେ ଏହି ତଥ୍ୟ ଉପସ୍ଥାପନ କରାଯାଇଛି। କର୍ମଶାଳାରେ ଅଧ୍ୟକ୍ଷତା କରି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ ଏଆଇ ନୀତି ଓ ଆଇଟି ନୀତି ଜରିଆରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଆଇ ନୀତି ଆଣିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ଏହାଦ୍ୱାରା ରାଜ୍ୟରେ ବ୍ୟାପକ ଏଆଇ ଷ୍ଟାର୍ଟଅପ୍ ବିକାଶ ହେବ ବୋଲି ସେ କହିଛନ୍ତି।

କର୍ମଶାଳାରେ ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି ଯେ ରାଜ୍ୟରେ ୮ଟି ଟେକ୍ ଟାୱାର ବିକାଶ କରାଯିବ। ଭୁବନେଶ୍ୱର ଏବଂ କଟକ ମଧ୍ୟରେ ଆଇଟି ପାର୍କ ବିକାଶ




ପାଇଁ ଆବଶ୍ୟକ ମୁତାବକ ଜମି ଅଧିଗ୍ରହଣ କରାଯାଉଛି। ସିଙ୍ଗାପୁର ସହଯୋଗରେ ପୁରୀରେ କେବୁଲ୍ ଲାଣ୍ଡିଂ ଷ୍ଟେସନ ତଥା ଏକ ଡାଟା ସେଣ୍ଟର ପ୍ରତିଷ୍ଠା ପାଇଁ ଟେଣ୍ଡର କରାଯାଇଛି। ଓଡ଼ିଶାର ଭିଜନ ୨୦୩୬ ଏବଂ ୨୦୪୭ ଅନୁଯାୟୀ ସ୍ଥିର କରାଯାଇଥିବା ଲକ୍ଷ୍ୟ ଅନୁସାରେ ଭୁବନେଶ୍ୱର-କଟକ-ପୁରୀ କରିଡର୍‌ରେ ବିଶ୍ୱସ୍ତରୀୟ ଜିସିସି ହବ୍ ବିକାଶ କରାଯିବ। ଷ୍ଟାର୍ଟଅପ୍ ଇନକ୍ୟୁବେସନ୍ କ୍ଷମତାର ବିସ୍ତାର ଏବଂ ଫିନଟେକ୍ ଓ ଡାଟା ସେଣ୍ଟର୍‌ର ବିକାଶ କରାଯିବ।

ଓଡ଼ିଶା ଡିଜିଟାଲ୍ ଅର୍ଥନୀତି ମିସନ ଅନୁସାରେ ୭ ହଜାର କୋଟି ଟଙ୍କାରୁ ଅଧିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ରପ୍ତାନି କରିବା ଓ ୨ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଆଉଟ୍‌ସୋର୍ସଡ୍ ସେମିକଣ୍ଡକ୍ଟର ଆସେମ୍ବଲି ଓ ପରୀକ୍ଷଣ, ମାର୍କିଂ ଓ ପ୍ୟାକେଜିଂ ୟୁନିଟ୍ ସ୍ଥାପନ ଉପରେ ଜୋର ଦିଆଯାଉଛି। ଶିକ୍ଷାନୁଷ୍ଠାନ ପାଇଁ ଚିପ୍‌ସ-ଟୁ-ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଜରିଆରେ ଭୁବନେଶ୍ୱର ବାହାରେ ଡିଜିଟାଲ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦିଆଯାଉଛି।

ଏହି ଅବସରରେ ବିଭାଗୀୟ ପ୍ରମୁଖ ସଚିବ ବିଶାଳ କୁମାର ଦେବ, ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା, ୫୦ରୁ ଅଧିକ ଶିଳ୍ପ ପ୍ରତିନିଧି ଯୋଗ ଦେଇଥିଲେ। ଗେମିଂ

## ୨୦୩୬ ସୁଦ୍ଧା ୧୦ହଜାର କୋଟି ନିବେଶ ଲକ୍ଷ୍ୟ

## ଭୁବନେଶ୍ୱର, କଟକରେ ହେବ ଆଇଟି ପାର୍କ

## ଭୁବନେଶ୍ୱର-କଟକ-ପୁରୀ କରିଡର୍‌ରେ ଜିସିସି ହବ୍

ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କରିବା, ସାଇବର ସୁରକ୍ଷା ନୀତି ଆଣିବା, ବାହାରେ ଉଦ୍ୟୋଗ ସ୍ଥାପନ କରିଥିବା ଓଡ଼ିଆଙ୍କୁ ରାଜ୍ୟରେ ୟୁନିଟ୍ ଗଢ଼ିବାକୁ ପ୍ରୋତ୍ସାହିତ କରିବା ଆଦି ପ୍ରସ୍ତାବ ଆସିଥିଲା। ସେଗୁଡ଼ିକୁ ବିଚାରକୁ ନେଇ ନୀତିରେ ଆବଶ୍ୟକ ସଂଶୋଧନ କରାଯିବ ବୋଲି ମନ୍ତ୍ରୀ ଓ ପ୍ରମୁଖ ସଚିବ ପ୍ରତିଶ୍ରୁତି ଦେଇଥିଲେ।

## ସୁନା ଦର



ଆନ୍ତର୍ଜାତୀୟ ସ୍ତରରେ ସୁନାର ଦର ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ଭାରତୀୟ ବଜାରରେ ଅନୁଭୂତ ହେଉଛି। ଆଗକୁ ମଧ ଏହି ଦର ଚଢ଼ା ରହିବ ବୋଲି ସ୍ପଷ୍ଟ କରିଛନ୍ତି ଏକ୍ସପର୍ଟ। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୯, ୬୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ହଜାର ୩୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯, ୬୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୧ ହଜାର ୩୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯,୬୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧, ୩୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯, ୭୫୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧,୪୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯, ୬୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧, ୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୯, ୬୦୦ ଓ ୯୧, ୩୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୭ , ୦୦୦ ଟଙ୍କା ହୋଇଛି।

## ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୩୯ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ବିଜ୍ଞାନ

## ୧୫୦୦୦ ପାହୁଣ୍ଡ ଚାଲନ୍ତୁ ଘଣ୍ଟା ଉପହାର ପାଆନ୍ତୁ

ଭାରତୀୟ ସ୍ୱାସ୍ଥ୍ୟ ବୀମା କମ୍ପାନି 'ଏଚ୍‌ଡିଏଫ୍‌ସି ଇର୍ଗୋ' ସହ ଅନ୍ୟତମ ବୀମା କମ୍ପାନି 'ଜୋପର୍'ର ସହଭାଗିତାରେ 'ଇଣ୍ଡିଆ ଗେଟ୍‌ସ ମୁଭିଂ' ନାମରେ ଏକ ଅଭିନବ ବୀମା ଯୋଜନା ଆରମ୍ଭ ହୋଇଛି। ପ୍ରଯୁକ୍ତିବିଦ୍ୟା ମାଧମରେ ସୁସ୍ଥତାକୁ ପ୍ରୋତ୍ସାହନ କରୁଥିବା ଏହି ଯୋଜନାରେ ଜଣେ ଉପଭୋକ୍ତା (ପ୍ରତିଯୋଗୀ)ଙ୍କୁ ବର୍ଷସାରା ଦୈନିକ ୧୫ ହଜାର ପାହୁଣ୍ଡ ଚାଲିବା ପାଇଁ ଲକ୍ଷ୍ୟ ଦିଆଯାଇଛି। ଏହାକୁ ସଫଳତାର ସହ ସଂପୂର୍ଣ୍ଣ କରିଥିବା ଉପଭୋକ୍ତାଙ୍କୁ ଆପଲ୍ ନିର୍ମିତ ଆପଲ୍ ବାଚ୍ ଅଲ୍‌ଟ୍ରା ୧୦ ସିରିଜ୍‌ର ଏକ ଘଣ୍ଟା ଉପହାର ମିଳିବ। ତେବେ ଏଭଳି ଉପହାର ଜିତିବା ପାଇଁ ଉପଭୋକ୍ତାଙ୍କୁ ପ୍ରଥମେ ଇନ୍‌ଭେଣ୍ଟ୍ ଓ ୟୁନିକର୍ଣ୍ଣ ପରି ଆପଲ୍ କମ୍ପାନିର ପ୍ରମୁଖ ରିସେଲର୍ ଷ୍ଟୋରରୁ ସଂପୃକ୍ତ ଆପଲ୍ ଘଣ୍ଟାଟିଏ କିଣିବାକୁ ହେବ। ଉଲ୍ଲେଖଯୋଗ୍ୟ, ଆପଲ୍‌ର ୱେବ୍‌ସାଇଟ୍ କି ଆମାଜନ୍ ଓ ଫ୍ଲିପ୍‌କାର୍ଟ ପରି ଇ-କମର୍ସ ମଞ୍ଚରୁ ଘଣ୍ଟା କିଣିଲେ ତାହା ବିଚାରଯୋଗ୍ୟ ହେବନାହିଁ। ତା'ପରେ କ୍ରେତାଙ୍କୁ ଜୋପର୍ ସୁସ୍ଥତା ଯୋଜନାରେ ନିଜର ନାମ ପଞ୍ଜୀକରଣ କରିବାକୁ ପଡ଼ିବ। ସଫଳ ପଞ୍ଜୀକରଣ ପରେ ଉପଭୋକ୍ତା ଜଣକ ଏଚ୍‌ଡିଏଫ୍‌ସି ଇର୍ଗୋ ବୀମା ଯୋଜନାର ଜଣେ ସଦସ୍ୟ ହୋଇଯିବେ। ଏହାପରେ ଉକ୍ତ ବୀମା ଯୋଜନାର ଆପ୍‌କୁ ଆପଲ୍ ହେଲ୍‌ଥ କିଟ୍ ସହ ସୁସଂଗତ କରିବାକୁ ହେବ। ଏହାପରେ ବର୍ଷସାରା ପ୍ରତ୍ୟହ ୧୫ ହଜାର ପାହୁଣ୍ଡ ଚାଲିବାକୁ ହେବ। ଉକ୍ତ କିଟ୍ ଏହାର ପ୍ରମାଣ ରେକର୍ଡ କରିବ। ଶେଷରେ ଉପଭୋକ୍ତାଙ୍କୁ ଉକ୍ତ ଆପଲ୍ ଘଣ୍ଟାର ସଂପୂର୍ଣ୍ଣ ଅର୍ଥ ଫେରସ୍ତ ଦିଆଯିବ। ଏହି ଯୋଜନା ଦ୍ୱାରା ଦେଶବାସୀଙ୍କୁ ଉପହାର ପ୍ରୋତ୍ସାହନ ମାଧମରେ ଏକ ସୁସ୍ଥ ଜୀବନଶୈଳୀ ଆପଣେଇବା ପାଇଁ ପ୍ରେରିତ କରିବାର ଲକ୍ଷ୍ୟ ରହିଛି। ବୋଲି କମ୍ପାନି ଆଶା ରଖିଛି।



## ମହାକାଶରେ ଶସ୍ୟବୀଜ ବିକାଶର ଅଧ୍ୟୟନ

### 'ଇସ୍ରୋ'ର ପିଏସ୍‌ଏଲ୍‌ଭି-ସି୬୦ର ଲକ୍ଷ୍ୟ



ଭାରତୀୟ ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ'ର ପରବର୍ତ୍ତୀ ଲକ୍ଷ୍ୟ ରହିଛି ଅନ୍ତରୀକ୍ଷରେ ଶସ୍ୟବୀଜର ଅଙ୍କୁରଣ ସହ ଉଦ୍ଭିଦର ବିକାଶକୁ ଅନୁଧ୍ୟାନ କରିବା। ଏଥିସହିତ ଅଙ୍କୁରଣ ପରେ ମହାଶୂନ୍ୟରେ ଭାସି ବୁଲୁଥିବା ମଞ୍ଜିର ବର୍ଜ୍ୟ ଅବଶେଷଗୁଡ଼ିକୁ ଦୃଶ୍ୟ ସର୍ବେକ୍ଷଣ ଓ ବସ୍ତୁଗତି ପୂର୍ବାନୁମାନ ଜ୍ଞାନକୌଶଳ ସାହାଯ୍ୟରେ ଏକ ଯାନ୍ତ୍ରିକ ହସ୍ତ(ରୋବୋଟିକ୍ ମାନିପୁଲେଟର୍) ଦ୍ୱାରା ସଂଗ୍ରହ କରିବା। ଆଗାମୀ ୩୦ ତାରିଖରେ ମହାକାଶକୁ ଉତ୍‌କ୍ଷେପଣ ହେବାକୁ ଥିବା 'ଇସ୍ରୋ'ର ପିଏସ୍‌ଏଲ୍‌ଭି-ସି୬୦ ରକେଟ୍ ଦ୍ୱାରା 'ଚେଜର୍ ଆଣ୍ଡ ଟାର୍ଗେଟ୍' ନାମକ ଏକ ଦ୍ୱୈତ ଉପଗ୍ରହ ପ୍ରଣାଳୀକୁ ନିର୍ଦ୍ଦିଷ୍ଟ କକ୍ଷପଥରେ ସ୍ଥାନିତ କରାଯିବାର ଯୋଜନା ରହିଛି। ଏହାପରେ ବଳକା ରହିଥିବା ରକେଟ୍‌ର ଚତୁର୍ଥ ସ୍ତରରେ ପିଏସ୍‌ଏଲ୍‌ଭି ଅର୍ବିଟାଲ୍ ଏକ୍ସପେରିମେଣ୍ଟ୍ ମଡ୍ୟୁଲ୍(ପୋଏମ୍-୪) ନାମକ ଏକ ପରୀକ୍ଷାମୂଳକ କାର୍ଯ୍ୟକ୍ରମରେ ୨୪ ପ୍ରକାର ପରୀକ୍ଷାନିରୀକ୍ଷା ସଂଘଟିତ ହେବ। ସେଥିମଧ୍ୟରୁ 'ଇସ୍ରୋ'ର ନିଜସ୍ୱ ପରୀକ୍ଷାଗାର ଦ୍ୱାରା ୧୪ଟି ଏବଂ ବିଭିନ୍ନ ଘରୋଇ ବିଶ୍ୱବିଦ୍ୟାଳୟ ଓ ଷ୍ଟାର୍ଟ-ଅପ୍ କମ୍ପାନି ଦ୍ୱାରା ୧୦ଟି ବିଷୟରେ ଅନୁଧ୍ୟାନ କରାଯିବ। ତେବେ ପ୍ରମୁଖ ପ୍ରସଙ୍ଗଟି ରହିଛି ମହାକାଶରେ ଶସ୍ୟବୀଜ ଅଙ୍କୁରଣର ପ୍ରକ୍ରିୟା ଏବଂ ଉତ୍ପନ୍ନ ଚାରାର କ୍ରମବର୍ଦ୍ଧିଷ୍ଣୁ ବିକାଶ। ଏହାର ଅଂଶସ୍ୱରୂପ କେରଳର ତିରୁଅନନ୍ତପୁରମ୍ ସ୍ଥିତ ବିକ୍ରମ ସରାଭାଇ ମହାକାଶ ଗବେଷଣା କେନ୍ଦ୍ର(ଭିଏସ୍‌ଏସ୍‌ସି) ଦ୍ୱାରା ବିକଶିତ ଏକ ନିବୁଜ ବାକ୍ସ ମଧ୍ୟରେ ସକ୍ରିୟ ତାପଜ ନିୟନ୍ତ୍ରିତ ପରିବେଶରେ ଆଠଟି ଝୁଡ଼ଙ୍ଗ ଜାତୀୟ(କାଓପି') ମଞ୍ଜିରୁ ଦୁଇ ପତ୍ର ହେଲା ଯାଏ ଗଛ ଉତାରିବାର ଯୋଜନା ରହିଛି। ସେହିପରି ମୁମ୍ବାଇର ଆମିଟି ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ଏକ ମଡ୍ୟୁଲ୍ ଜରିଆରେ ଶୂନମାଧ୍ୟାକର୍ଷଣ ପରିବେଶରେ ପୋଇ ପତ୍ର ବିକଶିତ କରାଯିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ଏହି ଅବସରରେ ଭୂପୃଷ୍ଠରେ ସମାନ୍ତରାଳ ଭାବେ ମଧ୍ୟ ଅନୁରୂପ ବୀଜବିକାଶ କରାଯାଇ ତାହାର ତୁଳନା କରାଯିବ। ସେଥିରୁ ଆଲୋକ ଓ ମାଧ୍ୟାକର୍ଷଣ ବଳ ଦ୍ୱାରା ଉଦ୍ଭିଦର ବିକାଶ କିପରି ପ୍ରଭାବିତ ହେଉଛି, ତାହା ତର୍ଜମା କରାଯିବ। ସେହିପରି ଉକ୍ତ ଯାନ୍ତ୍ରିକ ହସ୍ତର ସଫଳ ସକ୍ରିୟତା ପରେ ଭବିଷ୍ୟତରେ ମହାକାଶରେ ଭାସି ବୁଲୁଥିବା ବର୍ଜ୍ୟ ମହାକାଶଯାନଗୁଡ଼ିକରେ ମଧ୍ୟ ଇନ୍ଧନ ଭରିହେବ ବୋଲି 'ଇସ୍ରୋ' ଆଶା ରଖିଛି।

### ଅଭିନବ ଏୟାର୍ ଟାକ୍ସି

## ୩୦ ମିନିଟ୍ ଚାର୍ଜରେ ୧୨୪ ମାଇଲ୍



ଚୀନ୍‌ରେ ଅବସ୍ଥାପିତ ପ୍ରମୁଖ ଜାହାଜ ଓ ପରିବହନ କମ୍ପାନି ଜିଏସି ଦ୍ୱାରା 'ଗୋବି' ନାମରେ ଏକ ନୂତନ ବିଦ୍ୟୁତ୍ ଚାଳିତ ବିମାନ ବିକଶିତ କରାଯାଇଛି। କମ୍ପାନିର ଦ୍ୱିତୀୟ ସଂସ୍କରଣ ସ୍ୱରୂପ ଏହି ନୂତନ ଉଡ଼ନ୍ତା ଯାନଟିକୁ ମାତ୍ର ୩୦ ମିନିଟ୍ ଧରି ଚାର୍ଜିଂ କଲେ ତାହା ୧୨୪ ମାଇଲ୍ ଦୂରତା ଅତିକ୍ରମ କରିପାରିବ ବୋଲି ଦାବି କରାଯାଇଛି। ଦୁଇଟି ଡେଣାଯୁକ୍ତ ଏହି ବିମାନଟିର ୯୦ ପ୍ରତିଶତ ଅଂଶ କାର୍ବନ୍ ଫାଇବର୍‌ରେ ନିର୍ମିତ। ଏହା ଲମ୍ବ ଭାବରେ ଉଡ଼ାଣ ଆରମ୍ଭ କରିବ ଏବଂ ଲମ୍ବ ଭାବରେ ଅବତରଣ କରିବାର ମଧ୍ୟ ସାମର୍ଥ୍ୟ ରଖିଛି। ସମାନ ଆକାର ବିଶିଷ୍ଟ ଏକ ସାଧାରଣ କାର୍‌ର ଏକ ତୃତୀୟାଂଶ ଓଜନ ବହନ କରୁଥିବା ଏହି 'ଗୋବି' ବିମାନ ବିଶେଷ କରି ବ୍ୟସ୍ତବହୁଳ ସହରୀ ଟ୍ରାଫିକ୍ ଏବଂ ଅନ୍ତଃସହର ଗମନାଗମନ ସମସ୍ୟାର ଏକ ପ୍ରକୃଷ୍ଟ ସମୟୋଚିତ ସମାଧାନ ହୋଇପାରିବ ବୋଲି କମ୍ପାନି ଆଶା ରଖିଛି। ଘଣ୍ଟାକୁ ୧୫୫ ମାଇଲ୍ ବା ୨୫୦ କି.ମି. ବେଗରେ ଗତି କରୁଥିବା ଏହି ବିମାନଟିରେ ଚାଳକଙ୍କ ସମେତ ତିନି ଜଣ ବସିବାର ସୁବିଧା ରହିଛି ଏବଂ ଏଥିରେ ଅନେକ ଆଧୁନିକ ନିରାପତ୍ତା ପ୍ରଦାନକାରୀ ବୈଶିଷ୍ଟ୍ୟମାନ ଖଞ୍ଜା ହୋଇଛି। ସମ୍ପ୍ରତି ଏହାକୁ ଥରେ (୩୦ ମିନିଟ୍ ପାଇଁ) ସଂପୂର୍ଣ୍ଣ ଚାର୍ଜ କଲେ ତାହା ୨୦୦ କି.ମି. ବା ୧୨୪ ମାଇଲ୍ ଯିବାକୁ ସକ୍ଷମ ଥିଲା ବେଳେ ଆଗକୁ କମ୍ପାନି ଏହାକୁ ଥରକ ଚାର୍ଜରେ ୨୪୯ ମାଇଲ୍ ବା ୪୦୦ କି.ମି. ଯାଏ ଉଡ଼ାଣ କରିବା ପାଇଁ ପରୀକ୍ଷାନିରୀକ୍ଷା ଜାରି ରଖିଛି। ୨୦୨୫ ମସିହା ସୁଦ୍ଧା ଜିଏସି କମ୍ପାନି ତାହାର ଏହି ସଦ୍ୟତମ ଯାନକୁ ଏୟାର୍ ଟାକ୍ସି ବା ଭଡ଼ା ବିମାନ ସେବାରେ ନିୟୋଜିତ କରିବା ପାଇଁ ଆବଶ୍ୟକ ଅନୁମତି ଲାଭ କରିପାରିବ।

## ୟୁପିଆଇରେ ଭୁଲ୍ ଆଇଡିକୁ ଟଙ୍କା ପଠେଇଛନ୍ତି କି ?

ବେଳେବେଳେ ଆମେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ମାଧମରେ ଟଙ୍କା ପଠାଇବା ସମୟରେ ଅଜାଣତରେ ଭୁଲ୍ ନମ୍ବରକୁ ଟଙ୍କା ପଠାଇ ଦେଇଥାଉ। ଅନେକ ଏପରି ଅସୁବିଧାର ସମ୍ମୁଖୀନ ହୋଇଥିବେ। ଯଦି ଭୁଲ୍ ୟୁପିଆଇ ଠିକଣାରେ ପୈଠ କରିଥାନ୍ତି, ତେବେ ଟଙ୍କା କିପରି ଫେରସ୍ତ ପାଇବେ ଜାଣନ୍ତି କି ?

ଯଦି ଅଜାଣତରେ କିମ୍ବା ଅସାବଧାନତାବଶତଃ ଭୁଲ୍ ୟୁପିଆଇ ନମ୍ବର/ଠିକଣାକୁ ଟଙ୍କା ପଠେଇଛନ୍ତି, ତେବେ ଆଦୌ ଭୟ କରନ୍ତୁ ନାହିଁ। ଯଦି ଆପଣ ଓ ପ୍ରାପକ ସମାନ ବ୍ୟାଙ୍କର ଗ୍ରାହକ ତେବେ ସାଧାରଣତଃ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଆପଣଙ୍କ ଟଙ୍କା ଫେରସ୍ତ ପାଇପାରିବେ। ଭିନ୍ନ ବ୍ୟାଙ୍କ ହୋଇଥିଲେ ଏହା ଅପେକ୍ଷାକୃତ ଅଧିକ ସମୟ ଲାଗିଥାଏ।

### ଟଙ୍କା ଫେରସ୍ତ ପାଇଁ କ'ଣ କରିବେ ?

- ଭାରତୀୟ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ଅନୁସାରେ ପ୍ରଥମେ ଆପଣ ପ୍ରାପକଙ୍କୁ ସିଧାସଳଖ ଯୋଗାଯୋଗ କରିବାକୁ ଚେଷ୍ଟା କରନ୍ତୁ। ତାଙ୍କୁ ଟଙ୍କା ଫେରାଇବାକୁ ଏବଂ କାରବାରର ବିବରଣୀ ପ୍ରଦାନ ଲାଗି ଅନୁରୋଧ କରନ୍ତୁ।
- ଯଦି ପ୍ରାପକଙ୍କ ସହଯୋଗ ମାଧମରେ ଏହି ସମସ୍ୟାର ସମାଧାନ ନହୁଏ, ତେବେ ଆପଣ ନ୍ୟାସ୍‌ନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (NPCI) ରେ ଅଭିଯୋଗ ଦାଖଲ କରି ମାମଲା ରୁଜୁ କରିପାରିବେ। କାରବାରର ବିବରଣୀ ଓ ଆବଶ୍ୟକ ପ୍ରମାଣ ଦାଖଲ କରନ୍ତୁ। ଏନ୍‌ପିସିଆଇ କାରବାରର ଅନୁସନ୍ଧାନ କରିବ।
- କାରବାରରେ ହୋଇଥିବା ତ୍ରୁଟି ବିଷୟରେ ଆପଣଙ୍କ ବ୍ୟାଙ୍କ୍‌କୁ ଯଥାଶୀଘ୍ର ସୂଚନା ଦିଅନ୍ତୁ ଏବଂ ଆବଶ୍ୟକ ବିବରଣୀ ଦାଖଲ କରନ୍ତୁ। ଏହାଦ୍ୱାରା ସେମାନେ ରିଫଣ୍ଡ ପାଇଁ ଏକ ଚାର୍ଜବ୍ୟାକ୍ ଆରମ୍ଭ କରିପାରିବେ।
- ଭୁଲ୍ ୟୁପିଆଇ ଠିକଣାରେ କାରବାର କ୍ଷେତ୍ରରେ ସହାୟତା ପାଇଁ ଆପଣ ୧୮୦୦-୧୨୦-୧୭୪୦ ଟୋଲ୍ ଫ୍ରି ନମ୍ବରକୁ ମଧ୍ୟ କଲ୍ କରିପାରିବେ।

### ଟଙ୍କା ଫେରସ୍ତ ପାଇଁ ପ୍ରକ୍ରିୟା ?

- ବ୍ୟବହୃତ ପେମେଣ୍ଟ ସିଷ୍ଟମ୍ (ଗୁଗୁଲ୍ ପେ, ଫୋନ୍ ପେ ବା ପେଟିଏମ୍)ରେ ଏକ ଅଭିଯୋଗ ଦାଖଲ କରନ୍ତୁ।

ଏନ୍‌ପିସିଆଇ ୱେବ୍‌ସାଇଟ୍ ଯାଇ 'ଡିସ୍‌ପ୍ୟୁଟ୍ ରିଡ୍ରେସାଲ୍ ମେକାନିଜିମ୍' ବିଭାଗ ଅଧୀନରେ ଅନଲାଇନ୍ ଫର୍ମ ପୂରଣ କରନ୍ତୁ। କାରବାର ଆଇଡି, ଭର୍ଚୁଆଲ୍ ପେମେଣ୍ଟ ଠିକଣା, ଆମାଉଣ୍ଟ ଟ୍ରାନ୍‌ସଫର୍ ରସିଦ, କାରବାର ତାରିଖ, ଇମେଲ୍ ଆଇଡି ଓ ମୋବାଇଲ୍ ନମ୍ବର୍ ସହ ଆବଶ୍ୟକ ବିବରଣୀ ଦିଅନ୍ତୁ। ଡିଡକ୍‌ସନ୍ ଦର୍ଶାଇ ଆପଣଙ୍କର ବ୍ୟାଙ୍କ୍ ଷ୍ଟେଟ୍‌ମେଣ୍ଟ ଅପଲୋଡ୍ କରନ୍ତୁ।

- ଆପଣଙ୍କ ଅଭିଯୋଗର କାରଣ ଭାବରେ 'ଇନ୍‌କରେକ୍ଟଲି ଟ୍ରାନ୍‌ସଫର୍ଡ ଟୁ ଆନାଦର୍ ଆକାଉଣ୍ଟ'କୁ ବାଛନ୍ତୁ।
- ଯଦି ଅଭିଯୋଗ ସମାଧାନ ହୋଇ ନଥାଏ, ତେବେ ପ୍ରଥମେ TPAP (ଥାର୍ଡ-ପାର୍ଟି ଆପ୍ଲିକେସନ୍ ପ୍ରୋଭାଇଡର୍)କୁ; ଦ୍ୱିତୀୟରେ PSP (ପେମେଣ୍ଟ ସର୍ଭିସ୍ ପ୍ରୋଭାଇଡର୍ ବ୍ୟାଙ୍କ୍)କୁ, ତୃତୀୟରେ ବ୍ୟାଙ୍କ୍ ଶାଖାକୁ ଏବଂ ଶେଷରେ ଏନ୍‌ପିସିଆଇକୁ ସମସ୍ୟା ସଂପର୍କରେ ଅବଗତ କରାନ୍ତୁ।
- ଯଦି ଗୋଟିଏ ମାସ ପରେ ମଧ୍ୟ ସମସ୍ୟାର ସମାଧାନ ହୋଇ ନଥାଏ କିମ୍ବା ଆପଣ ପ୍ରତିକ୍ରିୟାରେ ଅସନ୍ତୁଷ୍ଟ ଅଛନ୍ତି, ତେବେ ଡିଜିଟାଲ୍ କାରବାର ସଂପର୍କିତ ମାମଲାର ଶୁଣାଣି କରୁଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ଓମ୍ବୁଡ୍‌ସମ୍ୟାନ୍‌କୁ ଫେରାଦ ହୁଅନ୍ତୁ।



### ୟୁପିଆଇ କାରବାର ବେଳେ ସାବଧାନତା

- ଦେୟ ଦେବା ପୂର୍ବରୁ ୟୁପିଆଇ ଆଇଡିକୁ ଭଲ ଭାବେ ଯାଞ୍ଚ କରନ୍ତୁ।
- ଟଙ୍କା ପାଉଥିବା ଲୋକଙ୍କ ନାମ ଠିକ୍ ଦେଖାଉଛି କି ନାହିଁ ପରଖନ୍ତୁ।
- କ୍ୟୁଆର୍ କୋଡ୍ ସ୍କାନ୍ କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।
- ଫିସିଂ ସ୍କାମ୍ ପ୍ରତି ସତର୍କ ରହନ୍ତୁ, କାରଣ ଠକମାନେ ନକଲି କ୍ୟୁଆର୍ କୋଡ୍ କିମ୍ବା ଲିଙ୍କ୍ ବ୍ୟବହାର କରି ଭୁଲ୍ ୟୁପିଆଇ ଆଇଡିରେ କାରବାର କରି ଆପଣଙ୍କ ଟଙ୍କା ଲୁଟିନେବାରେ ସକ୍ଷମ ହେବେ।

## ବଜାରରେ କିଆ ସୋନେଟ୍ ସାଇରସ୍

ଭାରତୀୟ ଅଟୋମୋବାଇଲ୍ ଶିଳ୍ପରେ କ୍ଷୁଦ୍ର ଏସ୍‌ୟୁଭି ସେଗ୍‌ମେଣ୍ଟରେ ସାମିଲ୍ ହୋଇଛି କିଆ ସୋନେଟ୍ ସାଇରସ୍। ଏଥିରେ ୬ଟି ଏୟାର୍‌ବ୍ୟାଗ୍, କ୍ଲାଇମେଟ୍ କଣ୍ଟ୍ରୋଲ୍ ପାଇଁ ୫ ଇଞ୍ଚର ସ୍କ୍ରିନ୍, ୩୦ ଇଞ୍ଚ ଡିସ୍‌ପ୍ଲେ, ଭର୍ଟିକାଲ୍ ଏଲ୍‌ଇଡି ଡିଆର୍‌ଏଲ୍‌ସ, ୧୭ ଇଞ୍ଚର ଆଲଏ ହ୍ୱିଲ୍, ପାର୍କିଂ ସେନ୍‌ସର୍, ୩୬୦° କ୍ୟାମେରା, ଲାର୍ଜ ବୁଟ୍ ସ୍ପେସ୍, ଟଚ୍‌ସ୍କ୍ରିନ୍ ଇନ୍‌ଫୋଟେନ୍‌ମେଣ୍ଟ ସିଷ୍ଟମ୍, ଓଟିଏ ଅପ୍‌ଡେଟ୍ ଓ ଡିଜିଟାଲ୍ କ୍ଲଷ୍ଟର୍ ଭଳି ବୈଶିଷ୍ଟ୍ୟ ରହିଛି। ଏଥି ସହିତ ଏହା ଉଭୟ ପେଟ୍ରୋଲ୍ ଓ ଡିଜେଲ୍ ସଂସ୍କରଣରେ ମଧ୍ୟ ଉପଲବ୍ଧ। ଏଥିରେ ୧୨୦ ପିଏସ୍ ପାୱାର୍ ଓ ୧୭୨ ନ୍ୟୁଟନ୍ ମିଟର୍ ଟର୍କ ସହ ୧.୦ ଲିଟର୍ ଟର୍ବୋ ପେଟ୍ରୋଲ୍ ଇଂଜିନ୍ ଏବଂ ୧୧୬ ପିଏସ୍ ପାୱାର୍ ଓ ୨୫୦ ନ୍ୟୁଟନ୍ ମିଟର୍ ଟର୍କ ସହ ୧.୫ ଲିଟର୍ ଡିଜେଲ୍ ଚାଳିତ ଇଂଜିନ୍ ରହିଛି। ଏହି ଏସ୍‌ୟୁଭି HTK, HTK (O), HTK+, HTX ସହିତ HTX+ ଓ HTX+(O) ପରି ୬ଟି ଭାରିଆଣ୍ଟ ଏବଂ ୮ଟି ରଙ୍ଗରେ ଉପଲବ୍ଧ। ଯଦିଓ କମ୍ପାନି ଆସନ୍ତା ମାସରେ ଏହାର ମୂଲ୍ୟ ନିର୍ଦ୍ଧାରଣ କରିବ, ତଥାପି ଏହାର ପ୍ରାରମ୍ଭିକ ମୂଲ୍ୟ ୮.୫ରୁ ୯ଲକ୍ଷ ଟଙ୍କା (ଏକ୍ସ ସୋ'ରୁମ୍) ଭିତରେ ରହିବ ବୋଲି ଆକଳନ କରାଯାଉଛି। ସାଇରସ୍‌ର ବୁକିଂ ୩ ଜାନୁଆରି ୨୦୨୫ରୁ ଆରମ୍ଭ ହେବ ଏବଂ ଫେବ୍ରୁଆରି ମାସରେ ଏହାର ଡେଲିଭରି ହେବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି।



### ଯୁଦ୍ଧକ୍ଷେତ୍ରରେ ଅବତୀର୍ଣ୍ଣ ହେଲା 'ଓପନ୍‌ଏଆଇ'

## ଜୀବନ-ମରଣ ନିଷ୍ପତ୍ତି ନେବ ଏଆଇ!



କୃତ୍ରିମ ବୁଦ୍ଧିମତ୍ତା ପ୍ରଯୁକ୍ତି ପ୍ରତିଦିନ ନିଜର ପତିଆରା ଓ ପ୍ରଭାବ ବଢ଼ାଇବାରେ ଲାଗିଛି। ଖୁବ୍ ଶୀଘ୍ର ଏହା ମଣିଷମାନଙ୍କ ଜୀବନ-ମରଣର ନିର୍ଣ୍ଣାୟକ ନିଷ୍ପତ୍ତି ନେବାକୁ ଯାଉଛି। କୃତ୍ରିମ ବୁଦ୍ଧିମତ୍ତାସଂପନ୍ନ 'ଚାଟ୍‌ଜିପିଟି' ଚାଟ୍‌ବଟ୍ ନିର୍ମାତା 'ଓପନ୍‌ଏଆଇ' ଆରମ୍ଭରୁ ଏହି ବୈଷୟିକ ଜ୍ଞାନକୌଶଳର ସାମରିକ ଉପଯୋଗକୁ ବିରୋଧ କରିଆସୁଥିବାବେଳେ କ୍ରମେ ଏହା ତା'ର ପୂର୍ବ ନୈତିକତା ତ୍ୟାଗ କରି ଏକ ପ୍ରତିରକ୍ଷା ପ୍ରଯୁକ୍ତି କମ୍ପାନି ସହ ହାତ ମିଳାଇଛି। 'ଆଣ୍ଡ୍ୟୁରିଲ୍ ଇଣ୍ଡଷ୍ଟ୍ରିଜ୍' ନାମକ ଏହି କମ୍ପାନି 'ଓପନ୍‌ଏଆଇ' ସହିତ ମିଶି ଯୁକ୍ତରାଷ୍ଟ୍ର ଆମେରିକାର ସେନାବାହିନୀ ଲାଗି ଏଆଇ ପରିଚାଳିତ ଆକାଶମାର୍ଗୀ ପ୍ରତିରକ୍ଷା ବ୍ୟବସ୍ଥା ବିକଶିତ କରିବ ବୋଲି ଘୋଷଣା କରିଛି। ମାନବ ଚାପ ହ୍ରାସ କରିବା ଲାଗି ଏହି ଏଆଇ ତଥ୍ୟ ପ୍ରୋସେସିଂ କାର୍ଯ୍ୟ ସମ୍ପାଦନ କରିବ ବୋଲି ଏହି ଦୁଇ କମ୍ପାନି ପକ୍ଷରୁ କୁହାଯାଇଛି। ଉଲ୍ଲେଖନୀୟ ଯେ ୟୁକ୍ରେନ୍ ଭଳି ଆଧୁନିକ ଯୁଦ୍ଧକ୍ଷେତ୍ରରେ 'ଏଆଇ' ସମର୍ଥିତ ପ୍ରଯୁକ୍ତିର ବ୍ୟାପକ ଉପଯୋଗ ଆରମ୍ଭ ହୋଇସାରିଛି। କିନ୍ତୁ ଆଣ୍ଡ୍ୟୁରିଲ୍ ଓ 'ଓପନ୍‌ଏଆଇ' ମିଶି ଯେଉଁ ପ୍ରଯୁକ୍ତି ବିକଶିତ କରିବେ ତାହା ମାନବବିହୀନ ଡ୍ରୋନ୍ ସମେତ ମାନବଚାଳିତ ଉଡ଼ାଜାହାଜ ବିରୋଧରେ ମଧ୍ୟ ପ୍ରତିରକ୍ଷା ପ୍ରଦାନ କରିବ ବୋଲି ଉଲ୍ଲେଖ କରାଯାଇଛି। ଏହା ଅତ୍ୟନ୍ତ ଉଦ୍‌ବେଗଜନକ, କାରଣ ଆଣ୍ଡ୍ୟୁରିଲ୍ ଏବେ ମାନବ ନିପାତକାରୀ ଡ୍ରୋନ୍ ଓ ରକେଟ୍ ମୋଟର୍ ପରି ମାରଣାସ୍ତ୍ର ଉତ୍ପାଦନ କରୁଛି। ଏଥି ସହିତ ସ୍ୱୟଂଚାଳିତ 'ଏଆଇ' ଯୋଡ଼ିବାର ଅର୍ଥ ହେବ ଯେ କାହାକୁ ମରାଯିବ ସେ ନିଷ୍ପତ୍ତି ମଣିଷ ଠାରୁ ମେସିନ୍ ହାତକୁ ଚାଲିଯିବ। କୃତ୍ରିମ ବୁଦ୍ଧିମତ୍ତାର ବିପଦକୁ ଦୃଷ୍ଟି ରଖି 'ଓପନ୍‌ଏଆଇ' ଅତୀତରେ ଯୁଦ୍ଧରେ ଏହାର ଜ୍ଞାନକୌଶଳ ପ୍ରୟୋଗକୁ ସଂପୂର୍ଣ୍ଣ ନିଷେଧ କରିଥିଲା ଏବଂ ଏହା ଏବେ ମଧ୍ୟ ମାନବ ସଭ୍ୟତାର ହିତ ପାଇଁ ଉତ୍ସର୍ଗୀକୃତ ବୋଲି ଦାବି କରିଥାଏ। ତେବେ ବର୍ତ୍ତମାନ ଆମେରିକାର ସୈନ୍ୟବଳକୁ ସୁରକ୍ଷିତ କରିବା ଆଳରେ ଏହାର ଉପଯୋଗ କରି 'ଓପନ୍‌ଏଆଇ' ବିପଜ୍ଜନକ କ୍ଷେତ୍ରରେ ପାଦ ଦେଉଛି ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ଏହାକୁ ଅଧିକ ଆକର୍ଷଣୀୟ କରୁଛି ଅତ୍ୟନ୍ତ ଲୋଭନୀୟ ଆର୍ଥିକ ଲାଭର ସମ୍ଭାବନା। ଏହି କାରଣରୁ 'ଆନ୍‌ଥ୍ରୋପିକ୍' ସମେତ ମେଟା ଦ୍ୱାରା ବିକଶିତ 'ଲାମା' ମଡେଲ୍ ମଧ୍ୟ ବିଭିନ୍ନ ଉପାୟରେ ପ୍ରତିରକ୍ଷା କ୍ଷେତ୍ରକୁ ପ୍ରବେଶ କଲେଣି।

'ଓପନ୍‌ଆଏଇ' ଯେଉଁ ଏଆଇ ପ୍ରଯୁକ୍ତି ଉପରେ ନିର୍ଭର କରେ ତାହା ହେଉଛି 'ଲାର୍ଜ ଲାଙ୍ଗୁଏଜ୍ ମଡେଲ୍' (ଏଲ୍‌ଏଲ୍‌ଏମ୍)। ଏଲ୍‌ଏଲ୍‌ଏମ୍‌ଗୁଡ଼ିକୁ ବିପୁଳ ତଥ୍ୟ ସହିତ ପ୍ରଶିକ୍ଷିତ କରାଯାଉଥିଲେ ହେଁ ବଡ଼ ସମସ୍ୟା ହେଲା ଏଗୁଡ଼ିକ ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ। ତେଣୁ ସାମରିକ କ୍ଷେତ୍ରରେ ତଥ୍ୟ ପ୍ରକ୍ରିୟାକରଣ ଅଥବା ଟାର୍ଗେଟ୍ ସ୍ଥିର ଭଳି କାର୍ଯ୍ୟ ଏହା ଦ୍ୱାରା କରାଇଲେ ଅନେକ ଭୁଲ୍ ହୋଇପାରେ। ଦୁଃଖର ବିଷୟ, ଏହି ପ୍ରକ୍ରିୟାକୁ ଅଟକାଇବା ଏବେ ସମ୍ଭବ ନୁହେଁ। ଆମେରିକା ସହ ତାଳ ଦେଇ ଅନ୍ୟ ଦେଶମାନେ ବି କୃତ୍ରିମ ବୁଦ୍ଧିମତ୍ତା ହାତରେ ମଣିଷ ଜୀବନ ନେବାର କ୍ଷମତା ଦେବାକୁ ପ୍ରାୟ ନିଧାର୍ଯ୍ୟ କରିସାରିଲେଣି।

